ଡାଇମଣ୍ଡ ଏକ୍ସପ୍ରେସ
ପ୍ରମୋଦ କିଶୋର ପଣ୍ଡ

ମୀରା ପକେଟ୍ ବୁକ୍ସ

୪୭

# ଡାଇମଣ୍ଡ ଏକ୍ସପ୍ରେସ୍

[ ଏକ ରହସ୍ୟଧର୍ମୀ ସଂପୂର୍ଣ୍ଣ ଉପନ୍ୟାସ ]

Digitization by :-
Deb’s Library Corner...
At/P.O.-Tambahara
Via-Harichandanpur
Dist-Kendujhar
State-Odisha
Contact-9556804309
e-mail-debaraj.123456789@gmail.com
Telegram link :-
https://t.me/debslibrarycorner

॥ ମୀରା ପକେଟ୍ ବୁକ୍ସ ॥

# ଡାଇମଣ୍ଡ ଏକ୍ସପ୍ରେସ୍


ଲେଖକ :

**ପ୍ରମୋଦ କିଶୋର ପଣ୍ଡା**

©

ପ୍ରକାଶକ :

**ଜନପ୍ରିୟ ପ୍ରକାଶନ**

ବାଙ୍କିସାହି, କଟକ-୭୫୩ ୦୦୯

☎ ୬୧୭୯୮୧

ନୂତନ ମୁଦ୍ରଣ : ଜୁଲାଇ, ୧୯୯୯

ଦ୍ୱିତୀୟ ସଂସ୍କରଣ : ମଇ, ୨୦୦୦

ମୁଦ୍ରଣ :

**ରେଖା ପ୍ରେସ**

ବାଙ୍କିସାହି, କଟକ-୭୫୩ ୦୦୯

ମୂଲ୍ୟ : **ଦଶ ଟଙ୍କା ମାତ୍ର**

**Daimond Axpress**

By

PRAMOD KISHORE PANDA

Rs. 10-00

ଉଲ୍କା ବେଗରେ ଛୁଟି ଚାଲିଛି ଡାଇମଣ୍ଡ ଏକ୍ସପ୍ରେସ । ବୋଧହୁଏ କୌଣସି ସୁଡ଼ଙ୍ଗ ପଥରେ ବର୍ତ୍ତମାନ ପ୍ରବେଶ କରିଛି । ଇଞ୍ଜିନର ଭୟାବହ ଶବ୍ଦରେ କାନ ଫାଟିଯିବାର ଉପକ୍ରମ । ରାତ୍ରୀର ଗାଢ଼ ଗମ୍ଭୀର ଅନ୍ଧକାର ଘେରି ରହିଛି ସଚରାଚର ପ୍ରକୃତିକୁ । ତାରି ମଧ୍ୟରେ ନିଜର ଲକ୍ଷ୍ୟ ପଥରେ ଦୌଡ଼ୁଛି ଡାଇମଣ୍ଡ ଏକ୍ସପ୍ରେସ ।

ଏଇ ପ୍ରଥମ ଶ୍ରେଣୀର କମ୍ପାର୍ଟମେଣ୍ଟର ବର୍ଥରେ ଶୋଇରହି ବହି ପଢ଼ୁଛି ବିନୋଦ । ପାଖ ବର୍ଥ ଉପରେ ଶୋଇଛି ସୋଫିଆ । ସୋଫିଆ, ବିନୋଦର ସେକ୍ରେଟେରୀ ।

ଏଇ କମ୍ପାର୍ଟମେଣ୍ଟରେ ମାତ୍ର ଦୁଇଟି ବର୍ଥ ରହିଛି । ସୋଫିଆକୁ ସାଙ୍ଗରେ ନେଇ ମୃତ୍ୟୁପୁରୀ ଅଭିମୁଖେ ଯାତ୍ରା କରୁଛି ବିନୋଦ । ଇଞ୍ଜିନର ବିକଟ ଚିତ୍କାର ଶୁଣି ହଠାତ୍ ଅସ୍ତବ୍ୟସ୍ତ ଭାବେ ସୋଫିଆ ଉଠି ବସିଲା । ହାତରେ ଧରିଥିବା ବହି ରଖିଦେଇ ମୃଦୁହସି ବିନୋଦ ପ୍ରଶ୍ନ କଲା—ଉଠିଗଲ ନା କ'ଣ ?

ଅଳସ ଭାଙ୍ଗିଲା ସୋଫିଆ । ଉଦ୍ଧତ ବକ୍ଷର କମନୀୟ ଝଲକ । ଦୁଷ୍ଟାମି କରି ଆଖି ବନ୍ଦ କରିଦେଲା ବିନୋଦ । ସୋଫିଆ ମଧ୍ୟ କମ୍ ନୁହେଁ । ପାଖରେ ପଡ଼ିଥିବା ପତ୍ରିକା ଉଠାଇ ନେଇ ଫିଙ୍ଗିଦେଲା ବିନୋଦ ମୁହଁକୁ ।

ଚମକିଉଠି ଆଖି ଖୋଲିଲା ବିନୋଦ । ନିଜର ସ୍ୱଭାବ ଅନୁସାରେ ବୃଦ୍ଧାଙ୍ଗୁଷ୍ଠି ଦେଖାଇଲା- ସୋଫିଆ । ବିନୋଦ ଆଦେଶ ଦେଲା—ଏଠିକି ମୋ' ପାଖକୁ ଆସ ।

ପ୍ରଥମ ଶ୍ରେଣୀର ଏଇ କମ୍ପାର୍ଟମେଣ୍ଟଟି ସ୍ୱତନ୍ତ୍ର ଭାବରେ ତିଆରି ହୋଇଛି । ଦୁଇଟିଯାକ ବର୍ଥ ସାମନା ସାମନି ହୋଇ ରହିଛି । ସୋଫିଆ ବିନୋଦର ପର୍ସନାଲ ସେକ୍ରେଟେରୀ । କିନ୍ତୁ କେବଳ ସେକ୍ରେଟେରୀ ନୁହେଁ ବରଂ ଆଉ କିଛି । ସୋଫିଆ ସୁନ୍ଦରୀ, ଯୁବତୀ ଆଉ ଯୌବନାବତୀ ।

ବିନୋଦ ପୁନର୍ବାର କହିଲା—ଏଠିକି ଆସ ।

—କୌଣସି ଅଫିସିଆଲ କାମ ଅଛି ନା କ'ଣ ?

ବିନୋଦ ହସିଲା । ସୋଫିଆକୁ ନିକଟକୁ ଡାକି ଆଣିବାର ଉପାୟ ତାକୁ ଅଜଣା ନୁହେଁ । ତେବେ ଥଟ୍ଟା ପରିହାସ ଅଲଗା କଥା । ଏକ ଅତ୍ୟନ୍ତ ଭୟଙ୍କର ଅଭିଯାନରେ ଦୁହେଁ ଯାଉଛନ୍ତି । ପାଖ କମ୍ପାର୍ଟମେଣ୍ଟରେ ଯାତ୍ରା କରୁଛନ୍ତି ପ୍ରଫେସର ସୂର୍ଯ୍ୟକାନ୍ତ ।

ତାଙ୍କ ସାଥିରେ ଅଛି ନବାବ୍ ରହ୍‌ମାନଙ୍କର ମୋଟା ଏବଂ ନିବୁଦ୍ଧିଆ ପୁଅ ସୁଲତାନ ।

କିଛିଦିନ ତଳେ ଦେଶର ପ୍ରଖ୍ୟାତ ବୈଜ୍ଞାନିକ ଡକ୍ଟର ରାଘବନ୍‌ଙ୍କୁ ଆତତାୟୀ ଦଳ ଅପହରଣ କରି ନେଇଛନ୍ତି । ତା' ପୂର୍ବରୁ ଖୁନ୍ ହୋଇଛନ୍ତି, ସହରର ପ୍ରସିଦ୍ଧ ସେଠ ବାଙ୍କବିହାରୀ । ଗୋଇନ୍ଦା ବିଭାଗ ପକ୍ଷରୁ ଏକ କେଶ୍‌ର ତଦନ୍ତ ଦାୟିତ୍ୱ ଅର୍ପଣ କରାଯାଇଛି ବିନୋଦ ହାତରେ । ଅବଶ୍ୟ ବିନୋଦ ବିଖ୍ୟାତ ସତ୍ୟାନ୍ୱେଷୀ କିନ୍ତୁ ଦେଖାଯାଏ ସରକାରଙ୍କ ଗୋଇନ୍ଦା ବିଭାଗର ଅଧିକାଂଶ ଗୁରୁତ୍ୱପୂର୍ଣ୍ଣ କେଶ୍‌ର ସମାଧାନ ତାରି ଦ୍ୱାରାହିଁ ହୋଇଥାଏ ।

ସେଠ ବାଙ୍କବିହାରୀଙ୍କୁ ଖୁନ୍ କରାଯାଇଛି ଏକ ବିଚିତ୍ର ଢଙ୍ଗରେ । ଗ୍ରୀବାରେ ତାଙ୍କର ବିଦ୍ଧ କରାଯାଇଛି ଏକ ତୀକ୍ଷ୍ଣ ଛୁରୀ । ପଥରର ଛୁରୀ ଆଉ ତା' ଦେହରେ ଖୋଦିତ ହୋଇଛି ସୁନେଲି ରଙ୍ଗର ଏକ ଭୟଙ୍କର ବିଛା । ଏଇ ସୁନେଲୀ ବିଛା ମଙ୍ଗୋଲ ଗୋଷ୍ଠୀର ରାଷ୍ଟ୍ରୀୟ ଚିହ୍ନ ।

ମଙ୍ଗୋଲ ଜାତି ବିଷୟରେ ବିନୋଦ ଜାଣେ, ସୀମା ନିକଟରେ କୌଣସି ପର୍ବତ ଘାଟିରେ ଏମାନେ ବାସ କରନ୍ତି । ତେବେ ବର୍ତ୍ତମାନର ଏଇ ବିଜ୍ଞାନ ଯୁଗରେ ବି ଆଦିମାନବ ଭଳି ସେମାନଙ୍କର ଜୀବନ ଯାତ୍ରା । ସଭ୍ୟତାର କୌଣସି ସ୍ପର୍ଶ ସେମାନଙ୍କ ନିକଟରେ ପହଞ୍ଚି

Deb's Library Corner...

ପାଗଳ ଯେମିତ । ଏମାନେ ଅନ୍ୟ ଯେକୌଣସି ଜାତିର ବ୍ୟକ୍ତିଙ୍କୁ ହତ୍ୟା କରି ଦେବାରେ ଆନନ୍ଦ ଅନୁଭବ କରନ୍ତି ।

ମଙ୍ଗୋଲ ଜାତିର ମହାରାଣୀ ପ୍ରତି ଅମାବାସ୍ୟା ରାତିରେ ମଣିଷ ରକ୍ତରେ ନିଜର କେଶ ପ୍ରକ୍ଷାଳନ କରନ୍ତି । ମଣିଷ ଜାତି ନୁହେଁ, ସତେ ଯେମିତି ଶୈତାନ ଜାତି । ଆଉ ଏଇ ଶୈତାନ ଦଳର ମୁହାଁମୁହିଁ ହେବା ଲାଗି ବିପଦ ସଙ୍କୁଳ ଅଭିଯାନରେ ବାହାରି ପଡ଼ିଛି ବିନୋଦ । ସାଙ୍ଗରେ ସୋଫିଆ ।

କିଏ ଜାଣେ, ସେ ଆଉ ଫେରି ଆସିବ କି ନାହିଁ । ସେଇଥିପାଇଁ ଚଞ୍ଚଳ ହୋଇ ଅନ୍ୟମାନଙ୍କର ମନୋରଞ୍ଜନ କରି ମନର ଭୟ ଦୂର କରିବାକୁ ଚେଷ୍ଟା କରୁଛି ବିନୋଦ ।

ସୋଫିଆର ଯୌବନ ପ୍ରବାହ ସହିତ ବିନୋଦ ଅବଶ୍ୟ ଭଲ ଭାବରେ ପରିଚିତ । ପରିହାସଛଳରେ ଜାଣି ରଖି ବିନୋଦ କହିଲା—ଆଚ୍ଛା, ତୁମେ ତା' ହେଲେ ମୋ ପାଖକୁ ଆସିବନି ?

ଜିଭ ଦେଖାଇଲା ସୋଫିଆ ।

ବିନୋଦ କହିଲା—ଗୋଟାଏ କଥା କହିବି ?

ସୋଫିଆ ମୁହଁ ବଙ୍କେଇ କହିଲା—ଆଗରୁ ଦୁନିଆଁର ସବୁକଥା ମୋ' ଅନୁମତି ନେଇ କରୁଥିଲ ନା କ'ଣ ?

—ନା, ତେବେ ଏ କଥାଟା ତୁମକୁ ପଚାରନିବ । ମାନେ ତୁମର ଦେହମନ ସମ୍ପର୍କ ସ୍ୱ……

—ହେଲ ବାବା, କହୁଯାଅ……

ବିନୋଦ, ସୋଫିଆର ରୁମ୍ । ଆଉ ଏଭଳି କାମୁକ ବାତାବରଣରେ କିଛି କହିବାର ଅଧିକାର ବିନୋଦକୁ ଆଗରୁ ବହୁବାର ସୋଫିଆ ଦେଇଛି । ବିନୋଦ ନିଜର ହସ ଗୁପ୍ତିଧରି ଗମ୍ଭୀର ହେବାକୁ ଚେଷ୍ଟା କରି କହିଲା—ସୁଲତାନ ଆମ ସଙ୍ଗରେ ଯାଉଛି ।

ବିରକ୍ତ ହୋଇ ଉଠିଲା ସୋଫିଆ—ଛିଃ…ଏଇ ସମୟରେ ସେ ମୋଟାର ନାଁ ନେବା କ'ଣ ଏମିତି ଦରକାର ଥିଲା ?

—ଓଃ ଶୁଣିଯାଅନା, ଏମିତି ରଗିଲେ ତୁମ କପାଳ ସୁନାପରି ଝଲମଲ କରି ଉଠେ ।

ଉତ୍ତର ଦେବା ବଦଳରେ ମୁହଁ ମୋଡ଼ିନେଲା, ସୋଫିଆ ।

—ସୁଲତାନକୁ କେବେ ଶୀକାର କରିବ ?

—ସେଇ ଗଧର ନାଁ ବର୍ତ୍ତମାନ ନେବା ଦରକାର ନାହିଁ ।

—ସେ ତୁମକୁ ବିବାହ କରିବାକୁ ଚାହେଁ ।

ପୁନର୍ବାର ବିରକ୍ତ ହୋଇ ଉଠିଲା ସୋଫିଆ । କହିଲା—ମତେ ? ମୁଁ ତାକୁ ଶହେଥର ଜୋତା ମାରିବ ।

ଆଉ ସ୍ୟାଣ୍ଡେଲର ଦାମ ବି ତାର ପାଖରୁ ହାସଲ କରିବ । ବୁଝିଲ ?

ସୁଲତାନର ନାମ ଶୁଣି ସୋଫିଆ ବିରକ୍ତ ହୋଇ ଉଠିବାଟା ସ୍ୱାଭାବିକ । ସୁଲତାନ ଧନୀ । କୋଟିପତି ନବାବ ଉତ୍ତମାନଙ୍କର ଏକମାତ୍ର ସନ୍ତାନ । ତେବେ ନବାବ୍ ସାହେବ ନିଜର ବୁଦ୍ଧିହୀନ ପୁତ୍ର ହାତରେ ଅଟଳାଟଳ ସମ୍ପତ୍ତି ଟେକି ଦେଇ ନିଶ୍ଚିନ୍ତ ହେବାକୁ ଚାହିଁ ନାହାନ୍ତି । ସେ ଭଲ ଭାବରେ ଜାଣନ୍ତି ଯେକୌଣସି ଝିଅର ହସ ଦେଖିଲେ ଏଇ ମୂର୍ଖ ଖାଲି ଚେକ୍‌ରେ ଦସ୍ତଖତ କରିଦେବ ।

ସୁଲତାନର ବ୍ୟାଙ୍କ୍ ବାଲାନ୍‌ସ ଅବଶ୍ୟ କିଛି କମ୍ ନୁହେଁ । ନିଜକୁ ଲକ୍ଷପତି ବୋଲି ସେ ଭାବେ । ବିନୋଦ ତାର ବନ୍ଧୁ । ସେଇଥି ପାଇଁ କେବେ କେବେ ସୁଲତାନକୁ 'ଲକ୍ଷପତି' ବୋଲି ସମ୍ବୋଧନ କରି ତା'ର ମନଖୁସି କରିଦିଏ ବିନୋଦ ।

ବିନୋଦ ସୋଫିଆକୁ ଆହୁରି ଚିଡ଼ାଇବା ଲାଗି କହିଲା—ତୁମର ସ୍ୟାଣ୍ଡେଲ କାହିଁକି, ତୁମକୁ ମଧ୍ୟ କିଣି ନେବାକୁ ସେ ପ୍ରସ୍ତୁତ ।

—ପୁଣି ଆରମ୍ଭ ହୋଇଗଲା ।

ବିନୋଦର କିନ୍ତୁ ସୋଫିଆର କ୍ରୋଧ ପ୍ରତି ଚିନ୍ତା ନାହିଁ । କହିଲା—ସୁଲତାନ କହୁଥିଲା ସେ ତୁମ ମମିଙ୍କୁ ଦୁଇଶହ ଟଙ୍କା ଦେଇ କିଣି ନେବ ।

—ହ୍ୱାଟ୍ ?

—ଏତେ ରାଗ କରୁଛ କାହିଁକି ? ତୁମର ନୁହେଁ, ତୁମ ମମିଙ୍କ ଦାମ ଦୁଇଶହ ଟଙ୍କା ବୋଲି·····

—ସଟ୍ଅପ୍ ।

ଚୁପ୍ ହୋଇଗଲା ବିନୋଦ । ଉପସ୍ଥିତ ହୋଇ ପଡ଼ିବାର ଅଭିନୟ କଲା । କ୍ରୋଧରେ ଲାଲ୍ ହୋଇ ଉଠିଛି ସୋଫିଆର ମୁହଁ । ଦେହ ଥରୁଛି । ତୀକ୍ଷ୍ଣ କଣ୍ଠରେ କହିଲା—ଦେଖ, ମୁଁ ଆଜି ପର୍ଯ୍ୟନ୍ତ ତୁମ କଥା ମାନି କେବଳ ବୋକାମି କରି ଆସିଛି । ସେଇ ଗପକୁ ଖୋଲିଖୋଲି କହିଦେବ, ମୁଁ ତାକୁ ଘୃଣା କରେ ।

ବିନୋଦ କହିଲା—କାହିଁକି ଭୁଲିଯାଉଛ ସୋଫିଆ । ମଙ୍ଗୋଲି ଜାତିର ମହାରାଣୀ କମାଲଙ୍କ ପ୍ରେମିକ ସୁଲତାନ ଆମ ସାଙ୍ଗରେ ନଗଲେ ସମସ୍ତଙ୍କୁ ଖୁଣ୍ କରିବେ ।

—ହୁଁ······

ମୃଦୁ ହସ ଫୁଟିଉଠିଲା ବିନୋଦ ଓଠରେ । ଅବଶ୍ୟ ହସିବା କଥା । ବିନୋଦ ବୁଝୁଛି, 'ଯେକୌଣସି ପ୍ରକାରେ ମୋଟା ସୁଲତାନ ମଙ୍ଗୋଲି ଜାତିର ବସ୍ତିରେ ପହଞ୍ଚିବା ଦରକାର । ମଙ୍ଗୋଲିମାନେ କୌଣସି ମୋଟା ଲୋକଙ୍କୁ ଦେଖିଲେ ଖୁବ୍ ଖୁସି

ହୁଅନ୍ତି । ଏଇଟା ତାଙ୍କର ମନୋରଞ୍ଜନର ବଡ଼ ଉପାୟ ।

ଆଉ ସୁଲତାନକୁ ସାଙ୍ଗରେ ନେଇ ଆସିବା ଲାଗି ଏକମାତ୍ର ଉପାୟ ହେଲା ସୋଫିଆ । ସୁଲତାନର ଦୁର୍ବଳତା ହେଉଛି ନାରୀ । ସୁନ୍ଦରୀ ହେଉ ବା ଅସୁନ୍ଦରୀ ହେଉ । କେବଳ ବିଶାଳ ବକ୍ଷ ହିଁ ତାର ଚରମ ଆକର୍ଷଣ । ବିନୋଦ, ସୋଫିଆକୁ ପରାମର୍ଶ ଦେଇଛି, ସୁଲତାନକୁ ନିଜର ରୂପ ଜାଲରେ ବାନ୍ଧି ରଖିବାକୁ । ପ୍ରଥମେ ଦୃଢ଼ କଣ୍ଠରେ ସୋଫିଆ ଅସ୍ୱୀକାର କରିଛି । କିନ୍ତୁ ବିନୋଦ ଜାଣେ, କେମିତି କାହାକୁ ରାଜି କରାଇବାକୁ ହୁଏ ।

ଆଉ ତା'ର ପରିଣାମ ହେଲା, ସୁଲତାନ ବର୍ତ୍ତମାନ ସେମାନଙ୍କ ସାଙ୍ଗରେ ଯୋଗ ଦେଇଛି ଏଇ ଅଭିଯାନରେ ।

ସୋଫିଆ କ୍ରୁଦ୍ଧ କଣ୍ଠରେ କହିଲା—ଆଉ ଗୋଟାଏ କଥା ମୁଁ ତୁମକୁ କହି ରଖୁଛି । ଏ ପ୍ରକାର କଥା ଆଉ ଯଦି ଶୁଣେ, ତା'ହେଲେ ତୁମ ପାଖରୁ ମଧ୍ୟ ଗୁଳିପିବାକୁ ବାଧ୍ୟ ହେବି ।

—ଦେଖ, ତୁମ ମମିଙ୍କୁ ମୋ' ଠାରୁ ଭଲ କ୍ୱାଇଁ ମିଳିବନି ।

—ମମି ଗୋଟାଏ ମାଙ୍କଡ଼କୁ ମଧ୍ୟ ଝିଅ କରି ରଖିଛି ।

—ଆଗ୍ଯ, ତୁମ ମମି ନିଜ ଝିଅକୁ ବି ମାଙ୍କଡ଼ ବନେଇ ଦେଇ ପାରନ୍ତି ।

ସୋଫିଆ କିଛି କହିବାକୁ ଯାଉଥିଲା । କିନ୍ତୁ ଠିକ୍ ସେଇ ମୁହୂର୍ତ୍ତରେ ଚମକି ଉଠିଲେ ଦୁହେଁ । ଡାଇମଣ୍ଡ ଏକ୍ସପ୍ରେସର ଗତି କ୍ରମେ ମନ୍ଥର ହୋଇ ଆସିଛି । କାନରେ ବାଜୁଛି ଇଞ୍ଜିନର ବିକଟ ଚିତ୍କାର ।

ବିନୋଦ ପଚାରିଲା—ଏଠି ତ' କୌଣସି ଷ୍ଟେସନ ନାହିଁ ।

—ତା' ହେଲେ ଟ୍ରେନ ଅଟକିଲା କାହିଁକି ?

ଚମକ ପରେ ଚମକ । ପାଖ କମ୍ପାର୍ଟମେଣ୍ଟରୁ ଭାସି ଆସିଲା କାହାର ଚିତ୍କାର ।' ବିନୋଦ ସ୍ପଷ୍ଟ ବୁଝି-ପାରିଲା, ଏଇ ସୁଲତାନର ଚିତ୍କାର । ସଙ୍ଗେ ସଙ୍ଗେ ପ୍ରଫେସର ସୂର୍ଯ୍ୟକାନ୍ତଙ୍କ କଣ୍ଠସ୍ୱର ମଧ୍ୟ ଶୁଣାଗଲା । କ୍ଷିପ୍ର ବେଗରେ ଉଠି ଠିଆ ହେଲା ବିନୋଦ । ଦରଜା ଖୋଲି ବାହାରି ଆସିଲା କରିଡ଼ରକୁ । ଠିକ୍ ଏତିକି-ବେଳେ ସାମନାରୁ କେହି ଜଣେ ଛୁଟିଆସି ଧକ୍କା ଦେଲା ତାକୁ ।

ସାମନା ଗେଟ୍ ଆଡ଼କୁ ଛୁଟିଗଲା ସେଇ ବ୍ୟକ୍ତି । ଚଳନ୍ତା ଟ୍ରେନରୁ ଲମ୍ଫ ଦେଲା ତଳକୁ । ପଛେ ପଛେ କିଛିଦୂର ଦୌଡ଼ି ଆସିଲା ବିନୋଦ । କିନ୍ତୁ ସେଇ ମୁହୂର୍ତ୍ତରେ ତା'ର ସୁଲତାନ କଥା ମନେ ପଡ଼ିଲା ।

ଧକ୍କା ଦେଇଥିବା ବ୍ୟକ୍ତି ଇତିମଧ୍ୟରେ ତଳକୁ କୁଦି ପଡ଼ି ଅଦୃଶ୍ୟ ହୋଇଗଲାଣି ଅନ୍ଧକାର ମଧ୍ୟରେ । ଫେରି ଆସିଲା ବିନୋଦ ।

ସୁଲତାନ୍ ନିକଟରେ ପହଞ୍ଚି ବିନୋଦ ଲକ୍ଷ୍ୟକଲା ସେ ଥରଥର କରି କମ୍ପି ଉଠୁଛି । ପ୍ରଫେସର ସୂର୍ଯ୍ୟକାନ୍ତ ତୀକ୍ଷ୍ଣ ଦୃଷ୍ଟିରେ ଚାହିଁ ରହିଛନ୍ତି ବର୍ଥର ଗୋଟାଏ କୋଣକୁ । ବିନୋଦ ଆଗେଇ ଆସି ହାତ ରଖିଲା ସୁଲତାନର କାନ୍ଧ ଉପରେ । ତା' ପରେ ଫେରି ଚାହିଁଲା ବର୍ଥର ସେଇ ଅଂଶ ଆଡ଼କୁ ।

ବର୍ଥର ଶେଷ ଅଂଶରେ ଗଦି ଦେହରେ ବିଦ୍ଧ ହୋଇଛି ଏକ ପଥରର ସୁତୀକ୍ଷ୍ଣ ଛୁରୀ । ଆଉ ସେଇ ଛୁରୀ ଦେହରେ ଖୋଦିତ ହୋଇଛି ସୁନେଲି ରଙ୍ଗର ବିଚ୍ଛୁ ।

ସୁନେଲି ବିଚ୍ଛୁ !!!

ଚମକିତ ହୋଇ ପଡ଼ିଲା ବିନୋଦ । ଏଇ ଚିତ୍ର ଯେ ପ୍ରଫେସର ସୂର୍ଯ୍ୟକାନ୍ତଙ୍କ ଡ୍ରଇଁ ରୁମ୍‌ରେ ଦେଖିଛି । ମଙ୍ଗୋଲ ଜାତିର ମହାରାଣୀ କମଲାଙ୍କ ଚିତ୍ର । ଜଣେ ସୁନ୍ଦରୀ ଯୁବତୀର କ୍ୟାମେରା ଫଟୋ । ମୁଣ୍ଡରେ ବିଚିତ୍ର ମୁକୁଟ । ମଣିଷ ହାଡ଼ରେ ତିଆରି । ମୁକୁଟର ମଧ୍ୟ-ଭାଗରେ ରହିଛି ଭୟଙ୍କର ଏକ କଙ୍କାଳ ଛବି । ଯୁବତୀର ବେକରେ ଯେଉଁ ମାଳା ରହିଛି, ସେଇଟି

ହାଉଁରେ ଉଆଣ । ଯୁବକଟିର ବକ୍ଷ ଦେଶରେ ଏକ ବିଶାଳ ବିଚ୍ଛୁଇ ଚିହ୍ନ ଅଙ୍କିତ ।

ବିନୋଦ ଗମ୍ଭୀର କଣ୍ଠରେ ନୀରବତା ଭଙ୍ଗ କରି କହିଲା—ପ୍ରଫେସର ସାହେବ !

ପ୍ରଫେସର କିନ୍ତୁ କୌଣସି ଉତ୍ତର ଦେଲେନି । ବିନୋଦ ଚାହିଁଲା ସୁଲତାନ ଆଡ଼କୁ । ସୁଲତାନର ସାରା ଦେହ ଥରଉଠୁଛି ପତ୍ର ଭଳି । ବିନୋଦ ବୁଝି ପାରୁଛି, ସୁଲତାନ ନିଶ୍ଚୟ ଚଳନ୍ତା ଟ୍ରେନରୁ ଲମ୍ଫ ଦେଇ ପଳାୟନ କରିଥିବା ସେଇ ଲୋକଟିକୁ ଦେଖିଛି । ଟ୍ରେନ ଇତି ମଧ୍ୟରେ ପୂର୍ବଭଳି ଉଲ୍କା ଗତିରେ ଛୁଟିବାକୁ ଆରମ୍ଭ କରିଛି ।

ବିନୋଦ ବେକ ଉପରେ କାହାର ଗରମ ନିଃଶ୍ୱାସ ବାଜିଲା । ଫେରି ଚାହିଁ ଦେଖିଲା, ସୋଫିଆ ଠିଆ ହୋଇଛି । ବିନୋଦ ପଚାରିଲା—ବାହାରେ ଆଉ କେହି ନାହାନ୍ତି ?

ଲମ୍ବା କରିଡ଼ର ଆଡ଼େ ଦେଖି ନେଇ ସୋଫିଆ ଆଶ୍ୱସ୍ତ ହୋଇ କହିଲା—ନା ତାଙ୍କ ଚିତ୍କାର ବୋଧହୁଏ କେହି ଶୁଣିପାରି ନାହାନ୍ତି ।

କହୁ କହୁ ହଠାତ୍ ଛୁରି ଉପରେ ଦୃଷ୍ଟି ପଡ଼ିବା ମାତ୍ରକେ ସୋଫିଆ ଅବାକ ହୋଇ କହିଲା—ଏଇ ଛୁରୀ..... ?

ବିନୋଦ ଗମ୍ଭୀର କଣ୍ଠରେ କହିଲା—ସୁନେଲା ବିଷ୍ଟ, ମନେ ହେଉଛି ମହାରାଣୀ କମ୍ପାଲା ଆମର ଗୁପ୍ତ ଅଭିଯାନ ସମ୍ପର୍କରେ ଜାଣି ପାରିଛନ୍ତି ।

—ଓଃ; ମାଇଁ ଗଡ୍ ।

—ତୁମେ ସୁଲତାନକୁ ଦେଖ, ସୋଫିଆ । ମୁଁ ପ୍ରଫେସରଙ୍କ ସହିତ କଥାବାର୍ତ୍ତା କରୁଛି ।

ପ୍ରଫେସର ସୂର୍ଯ୍ୟକାନ୍ତ କିନ୍ତୁ ପଥର ପରି ଠିଆ ହୋଇ ସ୍ଥିର ଦୃଷ୍ଟିରେ ଚାହିଁ ଦେଖୁଛନ୍ତି ସେଇ ବିଚିତ୍ର ଛବିକୁ । ବିନୋଦ ପାଖକୁ ଆସି ଡାକିଲା—ପ୍ରଫେସର ସାହେବ ।

ପ୍ରଫେସର ଚମକି ଉଠିଲେ । କିଛିକ୍ଷଣ ପର୍ଯ୍ୟନ୍ତ ନିଜକୁ ସମ୍ଭାଳିବାକୁ ଚେଷ୍ଟା କଲେ । ଫେରି ଚାହିଁଲେ ବିନୋଦ ଆଡ଼କୁ ।

—କ'ଣ ହୋଇଛି ପ୍ରଫେସର ସାହେବ ?

ପ୍ରଫେସର ନିଜର ଦାଢ଼ି ଉପରେ ହାତ ବୁଲାଇ ଆଣୁ ଆଣୁ କହିଲେ—ସର୍ବନାଶ । ଶତ୍ରୁ ପକ୍ଷ ଆମର ଗୁପ୍ତ ଅଭିଯାନ ସମ୍ପର୍କରେ ଜାଣି ପାରିଛନ୍ତି ।

—କିନ୍ତୁ କେମିତି ?

—ମତେ ଚିନ୍ତା କରିବାକୁ ଦିଅ । ସେମାନେ ମୋ' ଉପରେ ଆକ୍ରମଣ କରିଥିଲେ ।

ବିନୋଦ ପଚାରିଲା—ଆପଣ ଭିତରୁ ଦରଜା ବନ୍ଦ କରିଥିଲେ ?

—ହଁ । କିନ୍ତୁ ତୁମର ଏଇ ମୋଟା......ଝିଅଙ୍କ କଣ୍ଠସ୍ୱର ଶୁଣିଲେ ତା' ମୁଣ୍ଡ ଖରାପ ହୋଇଯାଏ......

ସୁଲତାନ ନିଜ ବିରୁଦ୍ଧରେ ଏଇ ଅଭିଯୋଗ ଶୁଣି କିଛି କହିବାକୁ ଯାଉଥିଲା । କିନ୍ତୁ ସୋଫିଆ ଥମାଇ ଦେଲା ତାକୁ । ଜଣାଗଲା, ଶୋଇବା ପୂର୍ବରୁ ପ୍ରଫେସର ଯେକୌଣସି ସ୍ଥିତିରେ ଦରଜା ନ ଖୋଲିବା ପାଇଁ ଆଦେଶ ଦେଇଥିଲେ ସୁଲତାନକୁ । କିନ୍ତୁ ସୁଲତାନ ବାହାରେ ନାରୀ କଣ୍ଠ ଶୁଣି ଦରଜା ଖୋଲି ଦେଇଛି ।

ନାରୀ କଣ୍ଠ ! ହଠାତ୍ କାହିଁକି କେଜାଣି ଚମକି ଉଠିଲା ବିନୋଦ । ସୋଫିଆ ଆଡ଼କୁ ଲକ୍ଷ୍ୟ କରି ଆଦେଶ ଦେଲା—ସୋଫିଆ, ତୁମେ ତୁମ କମ୍ପାର୍ଟମେଣ୍ଟକୁ ଶୀଘ୍ର ଫେରିଯାଅ ।

ସୋଫିଆ ଫେରିଗଲା । ଏଥର ବିନୋଦ ଆସି ଠିଆ ହେଲା ସୁଲତାନ ପାଖରେ । କହିଲା—ସୁଲତାନ, ସେଇ ସ୍ତ୍ରୀଲୋକଟି କ'ଣ ତୋ ନାଁ ଧରି ଡାକୁଥିଲା ?

ମୂର୍ଖ ସୁଲତାନ ପ୍ରଥମରୁ ତ' କ୍ରୋଧରେ ଅସ୍ଥିର । ଏଥର ବିନୋଦର ପ୍ରଶ୍ନ ଶୁଣି କ୍ରୋଧରେ ଗର୍ଜି ଉଠିଲା—ଆଉ କ'ଣ ଦୁନିଆଁ ସାରା ଝିଅ ମୋର ନାଁ ଧରି ମାଳା ଜପିବେ ? ହୁଁଃ—

ବିନୋଦ କ'ଣ କହିବାକୁ ଯାଇ ଥମିଗଲା । ଚମକି ଉଠିଲେ ସମସ୍ତେ । କାନରେ ସୋଫିଆର ଆର୍ତ୍ତ

ଚିତ୍କାର । ବିନୋଦ ଛୁଟିଲା ନିଜ କେବିନ୍ ଭିତରକୁ । ପଛେ ପଛେ ପ୍ରଫେସର ଏବଂ ସୁଲତାନ ।

ଝଲ୍‌କା ଗତିରେ ଛୁଟି ଚାଲିଛି ଡାଇମଣ୍ଡ ଏକ୍ସପ୍ରେସ । ନିଜ କେବିନ୍ ନିକଟରେ ପହଞ୍ଚି ଦରଜା ପାଖରେ ଠିଆହେଲା ବିନୋଦ । ତୀକ୍ଷ୍ଣ ଦୃଷ୍ଟିରେ ଚାହିଁଲା ଭିତରକୁ ।

ବାମ ପାଖର ବର୍ଥ ଉପରେ ଶୋଇ ରହିଛି ଜଣେ ବିଦେଶିନୀ ଯୁବତୀ । ମୃତ । ଛାତିରେ ତାର ବିନ୍ଧ ହୋଇଛି ପଥରର ଗୋଟାଏ ଛୁରି । ଛୁରି ଦେହରେ 'ସୁନେଲି ବର୍ଡ଼'ର ଚିହ୍ନ ଅଙ୍କିତ । ଯୁବତୀର ପରିଧେୟ ରକ୍ତରେ ଜୁଡ଼ୁବୁଡ଼ୁ ।

ସୋଫିଆ ପଥର ପରି ଠିଆ ହୋଇ ଚାହିଁଛି ସେଇ ଯୁବତୀର ମୃତ-ଦେହ ଆଡ଼େ । ବିନୋଦ ଗମ୍ଭୀର କଣ୍ଠରେ ପ୍ରଶ୍ନ କଲା—ଏ ସେ କିଏ, ସୋଫିଆ ?

—ମୁଁ ଜାଣେନା ବିନୋଦ । ଦରଜା ଖୋଲିବା ମାତ୍ରେ କେହି ଜଣେ ଝରକା ଦେଇ ବାହାରକୁ ଲମ୍ଫ ଦେଇ ପଳାଇଗଲା । ତା' ପରେ ମୋର ଦୃଷ୍ଟି ପଡ଼ିଲା ଏଇ ଯୁବତୀର ମୃତଦେହ ଉପରେ । ଚିତ୍କାର କରି ଉଠିଲି ।

ବିନୋଦ ଦେଖିଲା, ସାମନା ଝରକା ରେଲିଂ କଟା ହୋଇଛି । ତା' ଅର୍ଥ ସେ କିଏ ପରେ ପରେ ଏଇ ରେଲିଂ କଟାଯାଇଛି । ଏଇ କେବିନ୍ ଭିତରକୁ

ମୃତା ଯୁବତୀ ସମ୍ଭବତଃ ହତ୍ୟାକାରୀ ମଧ୍ୟ ଆସିଛୁ । ଯୁବତୀକୁ ହତ୍ୟା କରି ୪ର୍ଥରକାର ଟେଲ୍‌ଙ୍ଗ କାଟି ପଳାଇବାକୁ ଚେଷ୍ଟା କରୁଥିବା ସମୟରେ ସୋଫିଆ ଆସି ପହଞ୍ଚିଛି ।

ପ୍ରଫେସର କହିଲେ—ମଙ୍ଗୋଲ ଜାତିର ଏଇ ବିଶ୍ୱାସ୍ଥ ଆକ୍ରମଣ । ସେମାନେ ଆମର ରାସ୍ତା ରୋକିବା ଲାଗି ଚେଷ୍ଟା କରୁଛନ୍ତି ।

—ମୁଁ ବୁଝୁଛି, ପ୍ରଫେସର ।

ଏଇ ସମୟରେ କମ୍ପାର୍ଟମେଣ୍ଟ ଭିତରେ ସିକ୍ୟୁରିଟି ଗାର୍ଡ ଅଫିସର ଆସି ପହଞ୍ଚିଲେ । ସୋଫିଆର ଚିତ୍କାର ପାଖ କମ୍ପାର୍ଟମେଣ୍ଟର କେହି ଶୁଣିପାରି ଖବର ଦେଇଛି । ହତ୍ୟା ମାମଲା । ବିନୋଦ ଏବଂ ତାର ସାଥୀମାନେ ଲୁଚି ପାରିଛନ୍ତି, ହତ୍ୟା ଅଭିଯୋଗ ସେମାନଙ୍କ ଉପରେ ଲଗାଇ ଶତ୍ରୁ ପକ୍ଷ ସେମାନଙ୍କ ଯାତ୍ରା ସ୍ଥଗିତ ରଖିବାକୁ ଚାହାନ୍ତି ।

ଗର୍ଜନ କରି ଛୁଟି ଚାଲିଛି ଡାଇମଣ୍ଡ ଏକ୍‌ସପ୍ରେସ । ତା'ଠାରୁ ଦ୍ରୁତ ବେଗରେ ଛୁଟି ଚାଲିଛି ବିନୋଦର ମସ୍ତିଷ୍କ ।

ଚତୁର୍ଦ୍ଦିଗ ଘୋରତର ନିସ୍ତବ୍ଧ । ଏକ ଲମ୍ବା ସୁଡ଼ଙ୍ଗର ସଂକୀର୍ଣ୍ଣ ପଥ ଦେଇ ଦ୍ରୁତ ପଦରେ ଆଗେଇ ଚାଲିଛି ଜଣେ ଦୀର୍ଘଦେହୀ ଯୁବକ । ନାମ ତା'ର ରାହୁଲ ।

ବୟସ ତିରିଶ ବତିଶି ହେବ । ଦେହରେ କଳା ପ୍ୟାଣ୍ଟ ଏବଂ ବ୍ରେଜର୍ । ଅଣ୍ଟାରେ ଚଉଡ଼ା ପଟି । ବାମ ପାଖରେ ଝୁଲୁଛି ରିଭଲଭର୍ । ପାଖରେ ଗୋଟାଏ ଛୁରି ।

ବେଶ୍ ବ୍ୟକ୍ତିତ୍ୱ ପୂର୍ଣ୍ଣ ଚେହେରା । ଗତିରେ କ୍ଷିପ୍ରତା । ଶେଷରେ ରାହୁଲ ଆସି ଏକ କାନ୍ଥ ନିକଟରେ ପହଞ୍ଚି ଅଟକିଗଲା । ସାମନାର ରାସ୍ତା ବନ୍ଦ । କାନ୍ଥ ଉପରେ ଏକ ସ୍ଥାନରେ ଚାପ ଦେଲା ସେ । ଦୂରରେ କେଉଁଠାରେ ଘଣ୍ଟି ବାଜିବାର ଶବ୍ଦ ।

ପରକ୍ଷଣରେ କାନ୍ଥ ଦେହରେ ଫୁଟି ଉଠିଲା ଏକ ମଧ୍ୟମ ଧରଣର ସ୍କ୍ରିନ୍ । ତା' ଦେହରେ ଜଣେ ବିଦେଶୀ ଯୁବତୀର ଚିତ୍ର । ଦେହରେ ତାର କଳା ରଙ୍ଗର ଲମ୍ବା ଆଲଖାଲ୍ଲା । ପୁରୁଷକୁ ମାତାଲ କରିବା ଯୌବନ । ବବ୍ କଟା କେଶ । ସୁଗଠିତ ଅଙ୍ଗ ପ୍ରତ୍ୟଙ୍ଗ । ଗୋରା ଦେହରେ କଳା ରଙ୍ଗର ଆଲଖାଲ୍ଲା । ଆଖି ଝଲସା ରୂପ । ମୁହୂର୍ତ୍ତିକ ମଧ୍ୟରେ ଯେକୌଣସି ପୁରୁଷକୁ ଏଇ ରୂପ ପାଗଳ କରି ଦେଇପାରିବ ।

ଏଇ ଯୁବତୀର ନାମ ସୋନାରା । ପୋଷାକର ଠିକ୍ ବକ୍ଷସ୍ଥଳରେ ଅଙ୍କିତ ହୋଇ ରହିଛି ଏକ ସୁନେଲି ବସ୍ତୁର ଚିତ୍ର । ରାହୁଲର ମଧ୍ୟ ସେଇ ଅବସ୍ଥା ।

ପର୍ଦ୍ଦା ଉପରେ ସୋନାରାର ସୁନ୍ଦର ମୁଖମଣ୍ଡଳ ଆହୁରି ସ୍ପଷ୍ଟ ହୋଇ ଉଠିଲା । ଝରଣାର ଜଳ ପରି କଳ

କାଳ କଣ୍ଠସ୍ୱର ଶୁଣାଗଲା—ମିଷ୍ଟର ରାହୁଲ । କୌଣସି ନୂଆ ଖବର ?

—ମୁଁ କ୍ଷମା ଚାହୁଁଛି ମାଡ଼ାମ ସୋନାର । କାମଟିରେ ସଫଳ ହୋଇ ପାରିଲିନି ।

—ବାଜେ କଥା ମୁଁ ପସନ୍ଦ କରେନା । ଖୋଲା-ଖୋଲି କୁହ । ସୋନାର କଣ୍ଠରେ ରୁକ୍ଷତାର ସ୍ପର୍ଶ । ସୋନାର, ମଙ୍ଗୋଲ ଜାତିର ମହାରାଣୀ କମାଲଙ୍କର ବିଶ୍ୱସ୍ତ ସହକାରିଣୀ । ତେଣୁ ତାର ତୀକ୍ଷ୍ଣ କଣ୍ଠସ୍ୱର ଶୁଣି ରାହୁଲର ସାରଦେହ କମ୍ପି ଉଠିବା ଆଦୌ ଅସ୍ୱାଭାବିକ ନୁହେଁ । କମ୍ପିତ କଣ୍ଠରେ ରାହୁଲ କହିଲା—ମୁଁ କ୍ଷମା ଚାହୁଁଛି ମାଡ଼ାମ । ବିନୋଦକୁ ମୁଁ ଫେରିପିବା ଲାଗି ବାଧ୍ୟ ହେଇ ପାରିନି ।

—ତାକୁ ଆଉ ତା' ଦଳକୁ ହତ୍ୟା ଅଭିଯୋଗରେ ତା'ହେଲେ ଗିରଫ କରାଯାଇନି ?

—ଗିରଫ କରାଯାଇଥିଲା ମାଡ଼ାମ୍, କିନ୍ତୁ କ'ଣ ହେଲା କେଜାଣି ସେମାନଙ୍କୁ ପୁଣି ମୁକ୍ତ କରି ଦିଆଗଲା ।

ସୋନାର ଚିତ୍କାର କରି ଉଠିଲା—ରାହୁଲ !

ମୁଣ୍ଡ ଝୁଙ୍କାଇ ରାହୁଲ କହିଲା—ୟେସ୍ ମାଡ଼ାମ୍ !

—ଆନନ୍ଦ ନଗରର ପାହାଡ଼, ବିନୋଦର ମୃତ ଦେହ ଦେଖିବା ଲାଗି ବ୍ୟାକୁଳ ।

—ତାହାହିଁ ହେବ, ମାଡାମ୍ !

—କିନ୍ତୁ ତୁମେ ଅକ୍ଷମ, ଅସମର୍ଥ ।

ରାହୁଲ ମୁଣ୍ଡ ଝୁଙ୍କାଇ ଚୁପ୍‌ଚାପ ଠିଆହେଲା । ନିଜର ଅସଫଳତା ସେ ଜାଣେ । ଜଣେ ଯୁବତୀ ସାଥିରେ ମହାରାଣୀଙ୍କ ଆଦେଶ ନେଇ ସେ ଯାଇଥିଲା ବିନୋଦର ରାସ୍ତା ରୋକିବା ଲାଗି । ଯୋଜନା ଥିଲା, ପ୍ରଫେସର ସୂର୍ଯ୍ୟକାନ୍ତଙ୍କୁ ହତ୍ୟା କରି, ହତ୍ୟା ଅଭି-ଯୋଗ ଲଗାଇ ଦିଆଯିବ ସୁଲତାନ ଉପରେ । ତା' ହେଲେ ବିନୋଦକୁ ନିଶ୍ଚୟ ଅଟକି ଯିବାକୁ ପଡ଼ିବ । ତା'ପରେ ବିନୋଦକୁ ଜାଲରେ ପକାଇବାର ଚେଷ୍ଟା । ସୋଫିଆକୁ ଅପହରଣ କରି ଆଣିବାର ଯୋଜନା ମଧ୍ୟ ଥିଲା ।

କିନ୍ତୁ ପ୍ରଥମରୁହିଁ ଅସଫଳ ହେବାକୁ ପଡ଼ୁଛି ରାହୁଲକୁ । କେବଳ ସେତିକି ନୁହେଁ, ନିଜର ସୁରକ୍ଷା ଲାଗି ବାଧ୍ୟ ହୋଇ ସାଥୀ ଯୁବତୀକୁ ହତ୍ୟା କରିବାକୁ ପଡ଼ୁଛି । କିନ୍ତୁ ଗୋଟାଏ କଥା ଠିକ୍ ବୁଝିପାରୁନି ରାହୁଲ । ବିନୋଦ ଏବଂ ତାର ସାଥୀଙ୍କୁ ହତ୍ୟା ଅଭିଯୋଗରେ ଗିରଫ କରାଯାଇ ପୁନର୍ବାର ଛୁଡ଼ି ଦିଆଗଲା କାହିଁକି ?

ରାହୁଲ ଜାଣେ, ଯେ କୌଣସି ବ୍ୟକ୍ତିକୁ ଖୁନ୍ କରିଦେବା ସୋନାର ଲାଗି ଗୋଟାଏ ମନୋରଞ୍ଜନ ଖେଳ ।

Deb's Library Corner...

ମହାରାଣୀ କମାଲଙ୍କ ଗୋଇନ୍ଦା ବିଭାଗ ଅବଶ୍ୟ ବେଶ୍ ସତର୍କ । ବିନୋଦର ଏକ ଅଭିଯାନ ସୂଚନା ମହାରାଣୀ ପାଇବା ମାତ୍ରକେ ସୋନାରୀକୁ ପଠାଇଛନ୍ତି । ଯେକୌଣସି ଉପାୟରେ ବିନୋଦକୁ ଅଟକାଇବାକୁ ହେବ ହିଁ ହେବ । ଆନନ୍ଦ ନଗରୀରେ ପହଞ୍ଚି ଯୋଜନା କରୁଛି ସୋନାରୀ । ମଙ୍ଗୋଲ ବସ୍ତିର ଠିକଣା ଅବଶ୍ୟ ଆନନ୍ଦ ନଗରଠାରୁ ଅନେକ ଦୂରରେ ।

ଆନନ୍ଦ ନଗରର ପାହାଡ଼ କ୍ଷେତ୍ରରେ ପ୍ରବେଶ କରି ଶହ ଶହ ମାଇଲ ଦୂରତ୍ୱ ଅତିକ୍ରମ କରି କେହି ମହାରାଣୀ କମାଲ ଏବଂ ମଙ୍ଗୋଲ ଜାତି ନିକଟରେ ପହଞ୍ଚି ପାରେ । ମହାରାଣୀଙ୍କ ନିକଟରେ ପହଞ୍ଚିବା ପୂର୍ବରୁ ବିନୋଦକୁ ସମ୍ମୁଖୀନ ହେବାକୁ ପଡ଼ିବ ସୋନାରୀର । ଆଉ ସୋନାରୀ ଭଲ ଖୁଣି ସୁନ୍ଦରୀର ସେଇ ଗୋଟାଏ କଥା—ଆନନ୍ଦ ନଗରର ପର୍ବତମାଳା ବିନୋଦର ଶବ ଦେଖିବାକୁ ଚାହେଁ ।

ନିଜର ସୁସଜ୍ଜିତ କକ୍ଷରେ ଠିଆ ହୋଇଛି ସୋନାରୀ । ତା' ଆଗରେ ଗୋଟାଏ ସ୍କ୍ରିନ୍ । ସେଥିରେ ରାହୁଲର ଚିତ୍ର ଫୁଟି ଉଠୁଛି । ସ୍କ୍ରିନ୍ ଆଡ଼େ ଚାହିଁଲା ସୋନାରୀ । ରାହୁଲ ବେଶ୍ ଉପସ୍ଥିତ ହୋଇ ଉଠିଛି ।

ସୋନାରୀ କହିଲା—ରାହୁଲ । ବିନୋଦକୁ ଆନନ୍ଦ ନଗରକୁ ଆସିବାକୁ ଦିଅ । ତା'ପରେ ତା'ର ଧ୍ୱଂସ ।

—ଆଉ କୌଣସି ଆଦେଶ ?

—ତିନି ନମ୍ବର ରୁମ୍‌ରେ ତୁମ ପାଇଁ ଜଣେ ସୁନ୍ଦରୀ ଯୁବତୀ ଅପେକ୍ଷା କରିଛନ୍ତି ।

—ଧନ୍ୟବାଦ୍ ମାଡାମ୍—!

ସୋନାଲୀ କଣ୍ଠରେ ରୁକ୍ଷତା ଫୁଟି ଉଠିଲା—କିନ୍ତୁ ପୁରା କଥାଟା ଶୁଣି ନିଅ ରାହୁଲ !, ତୁମେ ସାରା ରାତି ତାକୁ ସ୍ପର୍ଶ ମଧ୍ୟ କରି ପାରିବନି ।

—ମାଡାମ୍ !

—ଏଇ ତୁମର ଶାସ୍ତି ।

ହାତ ବଢ଼ାଇ ସ୍କ୍ରିନ୍‌ର ସମ୍ବନ୍ଧ ବିଚ୍ଛିନ୍ନ କରିଦେଲା ସୋନାଲୀ । ଆଖିରେ ତା'ର ଅଦ୍ଭୁତ ଚମକ । କିଛି ସମୟ ପର୍ଯ୍ୟନ୍ତ ସେଇଠାରେ ଠିଆହୋଇ ସେ ଚିନ୍ତା କରିବାକୁ ଲାଗିଲା । ତା'ପରେ ରାତିର କାର୍ଯ୍ୟକ୍ରମ ଠିକ୍ କରି ନେଲା ମନେ ମନେ । ରାହୁଲକୁ ଅପେକ୍ଷା କରିଥିଲା ଏପର୍ଯ୍ୟନ୍ତ । କାରଣ ରାହୁଲ କେବେ ଫେରିବ, ସେକଥା ସେ ଆଉ କେମିତି ଜାଣନ୍ତା ? ବର୍ତ୍ତମାନ ରାହୁଲ ଠାରୁ ରିପୋର୍ଟ ନେଇ ସାରିଛି । ଆନନ୍ଦ ନଗରରେ ତାକୁ ବିନୋଦ ସାଥିରେ କେମିତି ମୁହାଁମୁହିଁ ହେବାକୁ ପଡ଼ିବ, ସେକଥା ସୋନାଲୀ ସକାଳେ ଚିନ୍ତା କରିପାରେ ।

ବାସ୍ତବରେ ମହାରାଣୀ କମାଲା ଖୁବ୍ ବଡ଼ ଦାୟିତ୍ୱ ଅର୍ପଣ କରିଛନ୍ତି ତା' ଉପରେ । ସେ ଜାଣେ ମହାରାଣୀ କମାଲା ଦେଶର ପ୍ରସିଦ୍ଧ ବୈଜ୍ଞାନିକ ଡକ୍ଟର

ରାଘବନଙ୍କୁ ଅପହରଣ କରି ଆଣିବା ଲାଗି ପଠାଇଥିଲେ ବାରଲଙ୍କୁ । ବାରଲ ଜାଲରେ ବାନ୍ଧିଛି ପାଲ ଠାକୁରଙ୍କୁ । ହତ୍ୟା କରିଛି ସେଠ୍ ବାଙ୍କ ବିହାରୀଙ୍କୁ । ତା'ପରେ ଅନ୍ୟ ଦେଶଦ୍ରୋହୀଙ୍କ ସାଥିରେ ମିଶି ଯାଇଛି ସେ । ଦେଶଦ୍ରୋହରେ ସଫଳ ହୋଇଛି ପାଲ ଠାକୁର ।

ଉଙ୍କିର ରାଘବନଙ୍କୁ ଅପହରଣ କରି ଫେରାର ହୋଇଗଲା ସେ । କିନ୍ତୁ ମହାରାଣୀ କମାଲ ରାଘବନ ଏବଂ ପାଲ ଠାକୁରଙ୍କୁ ନିଜ ପାଖକୁ ଆଣି ନାହାନ୍ତି । ମଙ୍ଗୋଲ ଜାତିର ଗୋଲାମି ସ୍ୱୀକାର ନ କରିବା ପର୍ଯ୍ୟନ୍ତ ରାଘବନଙ୍କୁ ଏଠିକି ଆଣିବାର ଇଚ୍ଛା ମହାରାଣୀଙ୍କର ନାହିଁ । ଫଳରେ ରାଘବନ ଏବଂ ପାଲ ଠାକୁରଙ୍କୁ ଆନନ୍ଦ ନଗରର ପାର୍ବତ୍ୟ ଗୁପ୍ତ ଠିକଣାରେ ରଖା-ଯାଇଛି । ବର୍ତ୍ତମାନ ସେମାନେ ସୋନାରୀର ଅଧିକାରରେ ।

ଉଙ୍କିର ରାଘବନ ବନ୍ଦୀ । ପାଲ ଠାକୁର ମଉଜ ମଜଲିସରେ ବ୍ୟସ୍ତ । ବର୍ତ୍ତମାନ ପାଲ ଠାକୁରଙ୍କ ଦାୟିତ୍ୱ କାର୍ଯ୍ୟ ହାସଲ କରିବାକୁ ହେବ ସୋନାରୀକୁ । ଯେଉଁ ବ୍ୟକ୍ତି ଦେଶଦ୍ରୋହୀ, ତାକୁ ମୃତ୍ୟୁର ଧମକ ଆଉ ମୁଠା-ସାରା ଧନର ଲୋଭ ଦେଖାଇ କୁକୁର ଭଳି କାମ କରାଇ ନିଆଯାଇ ପାରେ, ସେ କଥା ସୋନାରୀ ଜାଣେ ।

ମନେ ମନେ କିଛି ଠିକ୍ କରି ନେଇ ଚଞ୍ଚଳ ହୋଇ ଉଠିଲା ସୋନାଲି । ଧୀର ପଦରେ ଆଗେଇ ଗଲା ଡ୍ରେସିଂ ପୋର୍ସନ ପନ୍ଥକୁ । ପ୍ରାୟ ଦଶ ମିନିଟ୍ ପରେ ବାହାରକୁ ଆସିଲା । ପରେ, ଦେଖାଗଲା, ସୋନାଲି ଦେହରେ ଚମତ୍କାର ପୋଷାକ । ବକ୍ଷ ଉପରେ ଅଙ୍କିତ ହୋଇଛି, ସୁନେଲି ବସ୍ତୁ ଚକ୍ର । ହାତରେ ହଣ୍ଟର । ପାଦରେ ମିଲିଟାରି ବୁଟ୍ ।

ସୋନାଲିର ମୁଖମଣ୍ଡଳରେ ବର୍ତ୍ତମାନ ବେଶ୍ କଠୋରତାର ଚିହ୍ନ ସୁସ୍ପଷ୍ଟ । ଆଖି ଦୁଇଟିରେ କ୍ରୂରତା । ମୁଖମଣ୍ଡଳ କ୍ରୋଧରେ ଲାଲ୍ ।

ଏପାଖ ସେପାଖ ଚାହିଁ ଦେଖିଲା ସୋନାଲି । ତା’ପରେ ନିକଟରେ ଥିବା ଇଣ୍ଟରକମ୍ ସୁଇଚ ଅନ୍ କଲା । ଅପର ପକ୍ଷରୁ କୌଣସି ପୁରୁଷ କଣ୍ଠ ଭାସି ଆସିଲା—ଇସ୍‌ଲାମ ସ୍ପିକିଂ, ମାଡାମ୍ !

—ବୁଢ଼ା କେମିତି ଅଛି ?

—ସେଇ ଏକା କଥା । କହୁଛି, ମୃତ୍ୟୁକୁ ତା’ର ଭୟ ନାହିଁ ।

—ମୃତ୍ୟୁ ତା’ ପାଖକୁ ସୁଦ୍ଧା ଆସିବନି ଇସ୍‌ଲାମ ! ତାକୁ ପ୍ରସ୍ତୁତ କରି ରଖ । ମୁଁ ଆସୁଛି ।

ଇଣ୍ଟରକମ ବନ୍ଦ କରି ଦ୍ରୁତ ପଦରେ ବାହାରି ଆସିଲା ସୋନାଲି । ଅଳ୍ପକ୍ଷଣ ମଧ୍ୟରେ ସେ ଆସି ଉପସ୍ଥିତ ହେଲା, ଡକ୍ଟର ରାଘବନଙ୍କୁ ବନ୍ଦୀ କରି

ରଖାଯାଇଥିବା ରୁମରେ । ରାଘବନ ବୃଦ୍ଧ ବ୍ୟକ୍ତି । ବୟସ ଷାଠିଏ ପାଖାପାଖି । ମୁହଁରେ ଦାଢ଼ୀ । ଚିର ପୋଷାକ । ଉଣି ହାତ ହାତ ପାଦ ବନ୍ଧା ହୋଇଛି । ପାଖରେ ଜଣେ ବିଦେଶୀ ଗୁଣ୍ଡା ହାତରେ ମାରାତ୍ମକ ଅସ୍ତ୍ର ଧରି ଠିଆ ହୋଇଛି ।

ସେ ଇସ୍‌ଲାମ ?

ସୋନାଲି କ୍ରୁର ଦୃଷ୍ଟିରେ ରାଘବନଙ୍କୁ ଚାହିଁ କହିଲା —ଡକ୍ଟର ! ତୁମେ କ'ଣ ଠିକ୍ କଲ ଶୁଣେ ?

—ସେକଥା ମୁଁ ଆଗରୁ କହି ସାରିଛି ।

—ତୁମେ ଏବେବି ରାଜି ନୁହଁ ?

—ଶୈତାନୀ ଶକ୍ତି ସାମନାରେ ମୁଣ୍ଡ ଝୁଙ୍କାଇବାକୁ ମୁଁ ଚାହେଁନା ।

ପରକ୍ଷଣରେ ସୋନାଲି ହାତର ହଣ୍ଟର ସାଏଁ କରି ଆସି ଲାଗିଲା ରାଘବନଙ୍କ ଦେହରେ । ଯନ୍ତ୍ରଣାରେ ଆର୍ତ୍ତନାଦ କରି ଉଠିଲେ ରାଘବନ । ତା'ପରେ ହିଁ ଶତପୁ ଆଘାତ । ଅଚେତନ ହୋଇଗଲେ ରାଘବନ ।

ସୋନାଲି ତୀକ୍ଷ୍ଣ କଣ୍ଠରେ କହିଲା—ଇସ୍‌ଲାମ୍ । ଏଇ ବୁଢ଼ାକୁ ସାପଘରେ ଛାଡ଼ିଦିଅ । ତା'ପରେ ଯଦି ସେ ନ ମାନେ ତା'ହେଲେ ସୁଟେନଲି ବଗୁର ଶକ୍ତି ପ୍ରୟୋଗ କରିବ ।

— ଓ: କେ: ମାଡ଼ମ୍ !

—ତାକୁ ଆଟମିକ ଶକ୍ତିର ରହସ୍ୟ ଜଣାଇବା ଲାଗି ରାଜି ହେବାକୁ ପଡ଼ିବ । ମହାରାଣୀ କ୍ରମ୍ପାଲଙ୍କ ନିକଟରେ ପହଞ୍ଚିବା ଆଗରୁ ଆମ ଆଗରେ ତାକୁ ଝୁଙ୍କିବାକୁ ହେବ ।

—ତାହାହିଁ ହେବ ମାଡ଼ାମ୍ ।

ସୋନାର୍ ଗୋଟାଏ ଶକ୍ତ ଗୋଇଠା ବସାଇଦେଲା ରାଘବନଙ୍କ ଅଣ୍ଟାରେ । ତା'ପରେ ଦ୍ରୁତ ପଦରେ ବାହାରିଗଲା ବାହାରକୁ ।

ବର୍ତ୍ତମାନ ପାଲ ଠାକୁର ।

ନିଜର ଚମଡ଼ା ପୋଷାକ ବାହାର କରି ଗୋଟାଏ ପାଖରେ ରଖିଦେଲା ସୋନାର୍ । ତା' ଦେହରେ ବର୍ତ୍ତମାନ ସାଧାରଣ ପୋଷାକ । ଆଗେଇ ଆସି କାନ୍ଥ ନିକଟରେ ଠିଆହେଲା ସେ । ଗୋଟାଏ ସୁଇଚ୍ ଅନ୍ କଲା । ପାହାଡ଼ କାନ୍ଥର ଗୋଟାଏ ଅଂଶ ଦୁଇଭାଗ ହୋଇଗଲା ସେଇ ମୁହୂର୍ତ୍ତରେ । ଗୁପ୍ତଦ୍ୱାର ଦେଇ ସୋନାର୍ ପ୍ରବେଶକଲା ଭିତରେ । ସାମନାରେ ରେଶମୀ ପର୍ଦ୍ଦା ଝୁଲୁଛି ।

ଭରା ଯୌବନର ଅଧିକାରିଣୀ ସୋନାର୍ ଜାଣେ, ଏଇ ରେଶମୀ ପର୍ଦ୍ଦା ପଛରେ ପାଲ୍ ଠାକୁର କେଇଜଣ ଯୁବତୀଙ୍କୁ ନେଇ ଉଦ୍ଦାମ ନୃତ୍ୟ କରୁଥିବ । ଚଞ୍ଚଳ ହୋଇ ଉଠିଲା ସୋନାର୍ । ପର୍ଦ୍ଦା ଆଡ଼େଇ ଭିତରକୁ ଗଳିଗଲା ସେ ।

ପାଲ୍ ଠାକୁର ସମ୍ପୂର୍ଣ୍ଣ ନଗ୍ନ । ଗୃହପାଖରେ ତାର ସାତ ଆଠ ଜଣ ମାତାଲ ଯୁବକ ପଡ଼ିଛନ୍ତି । କକ୍ଷ ମଧ୍ୟରେ ଉଜ୍ଜ୍ୱଳ ଆଲୋକର ଫୁଆରା । ଶିକାର ନିଜ ଜାଲରେ ପଡ଼ିଛି କି ନାହିଁ, ସେକଥା କେବଳ ଦେଖିବା ଲାଗି ଆସିଛି ସୋନାରା ।

ଆଗକୁ ଆଗେଇ ଆସିଲା ସେ । ପାଖରେ ପହଞ୍ଚି ଠିଆହେଲା । ସମସ୍ତେ ସୁରାପାନରେ ଅଚେତନ ହୋଇ ପଡ଼ିଛନ୍ତି । ପାଖରେ ଏଣେ ତଣେ ଖୋଲାଇ ହୋଇ ପଡ଼ିଛି ଅନେକଗୁଡ଼ାଏ ମଦ ବୋତଲ । ଖୋଲାଇ ହୋଇ ପଡ଼ିଛି ପୋଷାକପତ୍ର ।

ପକେଟ୍ ଭିତରୁ ସୋନାରା ବାହାର କରି ଆଣିଲା ଟିଫ୍ଟ ଡବାଟିଏ । ତାକୁ ଖୋଲି ଭିତରୁ କିଛି ମସଲା ବାହାର କରି ନିଜର ଅଙ୍ଗୁଳି ରଖିଲା ପାଲ ଠାକୁରର ନାକ ପାଖରେ । ମସଲାର ଗନ୍ଧ ଅନୁଭବ କରିବା ମାତ୍ରେ କି ଛିଙ୍କି ଉଠି କଡ଼ ଲେଉଟାଇ ଶୋଇଲା ପାଲ ଠାକୁର ।

ସନ୍ତୁଷ୍ଟ ହୋଇ ସୋନାରା ନିଜର ହାତ ଘୁଞ୍ଚାଇ ଆଣିଲା ପଛକୁ । ସୋନାରା ବୁଝିପାରିଲା, ବର୍ତ୍ତମାନ ପାଲ ଠାକୁରକୁ ଖଣ୍ଡ ଖଣ୍ଡ କରି କାଟି ପକାଇଲେ ମଧ୍ୟ ସେ ଜାଣି ପାରିବେନି । ଏଥର ସେଇ ଡବାକୁ ନିଜ ପକେଟ୍ ଭିତରେ ରଖିଦେଲା ସେ । ଡାହାଣ ପକେଟ୍‌ରୁ

ବାହାର କରି ଆଣିଲା ଆଉ ଏକ ସୁନେଲି ରଙ୍ଗର ଚେପ୍ଟା ଡବା । ଭିତରେ ଗୋଟାଏ କ୍ଷୁଦ୍ର ସୁନେଲି ବସ୍ତୁ ରହିଛି ।

ଝୁଙ୍କି ପଡ଼ି ପାଲକୁ ସିଧା କରି ଶୁଆଇ ଦେଲା ସୋନାରି । ତା'ପରେ ଡବାକୁ ଓଲଟାଇ ଦେଲା ପାଲର ଗୁଣ୍ଡି ଉପରେ । ବସ୍ତୁ ଗୁଣ୍ଡି ଉପରେ ଆଗେଇ ଗଲା ଏପାଖ ସେପାଖ ହୋଇ । କିଛି ସମୟ ପରେ ସୋନାରି ସେଇ ବସ୍ତୁକୁ ଉଠାଇ ଆଣି ପୁନର୍ବାର ରଖିଦେଲା ଡବା ଭିତରେ । ଉଦ୍ଦେଶ୍ୟ ତା'ର ପୂରଣ ହୋଇଛି । ପାଲର ଗୁଣ୍ଡି ଏବଂ ପେଟର ଅନେକ ସ୍ଥାନରେ ସୁନେଲି ବସ୍ତୁର ଚିହ୍ନ ଅଙ୍କିତ ହୋଇ ସାରିଛି ।

ବାହାରକୁ ବାହାରି ଆସିଲା ସୋନାରି । ବର୍ତ୍ତମାନ ତାକୁ ନିଜ କାର୍ଯ୍ୟକ୍ରମର ଦ୍ୱିତୀୟ ପର୍ଯ୍ୟାୟକୁ ରୂପ ଦେବାକୁ ପଡ଼ିବ ।

ସୋନାରିର ମାନସପଟରେ ଏଇ ମୁହୂର୍ତ୍ତରେ ଭାସିଉଠିଲା ଏକ ହୃଷ୍ଟପୁଷ୍ଟ ବିଶାଳକାୟ ପ୍ରାଣୀର ଚିତ୍ର । ବାସନା ଜଳି ଉଠିଲା ଦପ୍ ଦପ୍ କରି । ଆଖିର ଚମକ ତା'ର ତୀବ୍ର ହୋଇ ଆସିଲା ।

ବିଡ଼ ବିଡ଼ କରି କହିଲା—ଶିକାରୁ !!

ତା'ପରେ ଆଗେଇ ଗଲା ନିଜ ରୁମ୍ ଆଡ଼କୁ । ଭିତରେ ପହଞ୍ଚି ପୁନର୍ବାର ଡ୍ରେସିଂ ରୁମ୍‌ରେ ପାଦ ଦେଲା ସେ । ପନ୍ଦର ମିନିଟ୍ ପରେ ସୋନାରି ବାହାର

ଆସିଲା । ପରେ ତାକୁ ଦେଖି ଯେ କେହି ଧାରଣା କରି ବସିବ, ସ୍ୱର୍ଗଲୋକରୁ କୌଣସି ପରି ଓହ୍ଲାଇ ଆସିଛି ଏଠିକି । ଦେହରେ ତା'ର ଅତ୍ୟନ୍ତ ସୂକ୍ଷ୍ମ ରେଶମୀ ପୋଷାକ । ଶରୀରର ପ୍ରତିଟି ଲୋଭନୀୟ ଅଙ୍ଗ ପ୍ରତ୍ୟଙ୍ଗ ବେଶ୍ ସ୍ପଷ୍ଟ । ସାରା ଦେହରୁ ଏକ ଅଜବ ପ୍ରକାରର ସୁଗନ୍ଧ ନିର୍ଗତ ହେଉଛି ।

ଆଖିରେ ତାର ନୀଳିମା । ଦେହରେ ବେପଥୁ । ଗୋଟାଏ ଆଲମିରା ଖୋଲିଲା ସୋନାରା । ଭିତରୁ ଏକ ଚେପ୍ଟିଆ ଶିଶି ବାହାର କରି ଠିପି ଖୋଲି ତା- ମଧ୍ୟରେ ଥିବା ତରଳ ପାନୀୟ ଢାଳି ଦେଲା ପାଟିରେ । ଠିକ୍ ସେଇ ମୁହୂର୍ତ୍ତରେ ତା'ର ମନେହେଲା ସାରା ସୃଷ୍ଟିରେ ନିଆଁ ଲାଗିଗଲା ଯେମିତି । ଅଦ୍ଭୁତ ଏକ ଦାହ । ବାସନାର ତୋଫାନ ପ୍ରଚଣ୍ଡ ହୋଇ ଉଠିଛି ।

ମଙ୍ଗୋଲ ଜାତି ଦ୍ୱାରା ପ୍ରସ୍ତୁତ ଏଇ କାମୋତ୍ତେଜକ ତରଳ ପଦାର୍ଥ । ଆବଶ୍ୟକତାରୁ ଅଧିକ ମାତ୍ରାରେ ପିଇ ନେଇଛି ସୋନାରା । କାମନା-ବାସନାକୁ ପ୍ରଜ୍ୱଳିତ କରି ତୋଳିଛି ସେଇ ପାନୀୟ ।

ଟଳି ଟଳି ସେ ବାହାରି ଆସିଲା ବାହାରକୁ । ସେ ଜାଣେ ତାର 'ରଙ୍ଗ ମହଲ'ରେ ବର୍ତ୍ତମାନ ବିଶାଳକାୟ ବଣ ମଣିଷ ଶିକାରୁ ପହଞ୍ଚି ସାରିବଣି । ମାତାଲ ହୋଇ ସୋନାରାର ଯୌବନପୁଷ୍ଟ ଦେହକୁ ଦଳିତ ମଥିତ କରିବା ଲାଗି ବ୍ୟାକୁଳ ଭାବେ ପ୍ରତୀକ୍ଷା କରୁଥିବ ସେ ।

ଆଗେଇ ଆସିଲା ସୋନାଲି । ତାର ବାସନା, କାମୁକକୁ ଏବଂ ଉତ୍ତେଜନା ତାକୁ ଆଗେଇ ନେଇ ଚାଲିଛି ଲକ୍ଷ୍ୟସ୍ଥଳ ଆଡ଼କୁ । ସେଇଠି ରହିଛି ତା'ର ତୃପ୍ତିର ସାଧନ । କାମୁକ ସମସ୍ୟାର ସମାଧାନ ।

ରଙ୍ଗମହଲରେ ପହଞ୍ଚିବା ମାତ୍ରକେ ଆଖିର ଚମକ ତାଙ୍କ ଆଡ଼ୁର ଫୀକ୍ଷଣ ହୋଇ ଉଠିଲା । ଦଣ ମଣିଷ ଶିକାରୁ ହାତରେ ହୁଇସ୍କି ବୋତଲ ନେଇ ଘୁରି ବୁଲୁଛି ଏପାଖ ସେପାଖ । ତିନି ଚାରିଟା ଖାଲି ବୋତଲ ପଡ଼ିଛି ତଳେ ।

କକ୍ଷ ଭିତରେ ପ୍ରବେଶ କରି ସୋନାଲି କୋମଳ କଣ୍ଠରେ ଡାକିଲା—ଶିକାରୁ ।

ବୋତଲ ଖାଲି କରି ଶିକାରୁ ଫିଙ୍ଗି ଦେଲା କଗାଡ଼ାଏ ପାଖକୁ । ତା'ପରେ ଆଗେଇ ଆସି ସୋନାଲିକୁ ଟେକି ନେଲା ଦୁଇ ହାତରେ । ସତେ ଯେମିତି ଗୋଟାଏ କଣ୍ଢେଇ । କୋଣରେ ସୁସଜ୍ଜିତ ପଲଙ୍କ । ସୋନାଲିକୁ ସେଇ ପଲଙ୍କ ଉପରେ ଶୁଆଇ ଦେଲା ଶିକାରୁ ।

ସୋନାଲି କଣ୍ଠରୁ ଫୁଟି ଉଠିଲା ଏକ ଆନନ୍ଦଦାୟକ ଆର୍ତ୍ତନାଦ । ତା'ପରେ ଦୁଇ ହାତରେ ତା'ର ପୋଷାକ ଟାଣି ଛିଣ୍ଡାଇ ଦେଲା ଶିକାରୁ । ଦୁହେଁ ନଗ୍ନ । ତା' ମଧ୍ୟରେ ଆରମ୍ଭ ହେଲା ସେଇ ଆଦିମ ପ୍ରଭିଯୋଗିତା ।

ଏକ ଭୟଙ୍କର ଚିତ୍କାର ।

ଚମକି ଉଠି ବସିଲା ବିନୋଦ । ରଞ୍ଜିତ କ୍ଳବ୍‌ର ଏକ ରୁମ୍‌ରେ ଏକାକୀ ଶୋଇଥିଲା ସେ । ପ୍ରାୟ ଛଅଟି ଘଣ୍ଟା ହେବ ସେ ଆସିଛି ଆନନ୍ଦ ନଗରକୁ । ତାର ଅନ୍ୟ ତିନି ସାଥୀ ପ୍ରଫେସର ସୂର୍ଯ୍ୟକାନ୍ତ, ସୁଲତାନ ଏବଂ ଟୋପିଆ ଅନ୍ୟ ସ୍ଥାନରେ ରହିଛନ୍ତି ।

ବିନୋଦର ଅନୁମାନ ଶତ୍ରୁପକ୍ଷ କୌଣସି ନା କୌଣସି ପ୍ରକାରେ ତାକୁ ଅଟକାଇବା ପାଇଁ ଚେଷ୍ଟା କରିବେ । ତେଣୁ ଚୁପ୍‌ଚାପ୍ ଆନନ୍ଦ ନଗରରେ ପ୍ରବେଶ କରି ସେ ରୁମ୍ ନେଇ ରହିଛି ରଞ୍ଜିତ୍ କ୍ଳବ୍‌ରେ ।

ପ୍ରଫେସର ସୂର୍ଯ୍ୟକାନ୍ତ ପ୍ରାଚୀନ ଇତିହାସ ବିଶେଷଜ୍ଞ । ଯେଉଁ ସବୁ ସଂପ୍ରଦାୟ ଏଇ ଆଧୁନିକ ଯୁଗରେ ମଧ୍ୟ ଆଦିମ ଅଧିବାସୀଙ୍କ ଭଳି ଜଙ୍ଗଲ, ଗୁମ୍ଫା ଆଉ ପାହାଡ଼ ଅଞ୍ଚଳରେ ବାସ କରୁଛନ୍ତି, ସେମାନଙ୍କ ସମ୍ପର୍କରେ ଗବେଷଣା ଚଳାଇଛନ୍ତି ପ୍ରଫେସର । ତାଙ୍କର ଏହି ଅଭ୍ୟାସ ହିଁ ତାଙ୍କୁ ନେଇ ଆସିଛି ମଙ୍ଗୋଲ ଜାତି ପର୍ଯ୍ୟନ୍ତ । ମଙ୍ଗୋଲ୍ ଜାତିର ଅନେକ ରହସ୍ୟ ଜାଣିବା ଲାଗି ସେ ଚେଷ୍ଟା ମଧ୍ୟ କରିଛନ୍ତି ।

ମଙ୍ଗୋଲ ଜାତିଙ୍କ ମଧ୍ୟରେ କିଛିଦିନ ସେ ଅବଶ୍ୟ କଟାଇଛନ୍ତି । ମହାରାଣୀ କମଳା ତଥା ତାଙ୍କର

ନିକଟତମ ବ୍ୟକ୍ତିଙ୍କୁ ଜାଣିନ୍ତନ୍ତି । ଏଇ ଦେଶରେ କେବଳ ନୁହେଁ, ସାରା ପୃଥିବୀରେ ମଙ୍ଗୋଲ ଜାତି ସମ୍ପର୍କରେ ଅଧିକ ତଥ୍ୟ ଜାଣିଥିବା ଗବେଷକଙ୍କ ମଧ୍ୟରେ ପ୍ରଫେସର ସୂର୍ଯ୍ୟକାନ୍ତ ଅଗ୍ରଗଣ୍ୟ । ପ୍ରଫେସର ହିଁ ବିନୋଦକୁ ଜଣାଇଥିଲେ, ମଙ୍ଗୋଲ ପର୍ଯ୍ୟନ୍ତ ପହଞ୍ଚିବା ଲାଗି ଏଇ ଆନନ୍ଦ ନଗରରୁ ପାହାଡ଼ ରାସ୍ତା ରହିଛି ।

ବିନୋଦ ସାଥିରେ ପ୍ରଫେସର ଅଛନ୍ତି । ତେଣୁ ସେ ନିଶ୍ଚିନ୍ତ । କିନ୍ତୁ ଡାଇମଣ୍ଡ ଏକ୍ସପ୍ରେସରେ ଘଟିଥିବା ଦୁର୍ଘଟଣା ପରେ ବିନୋଦ ବୁଝିପାରିଲା ଏଇ ଆନନ୍ଦ ନଗର ପାହାଡ଼ ଅଞ୍ଚଳରେ କୌଣସି ଗୁପ୍ତ ସ୍ଥାନରେ ରହିଛି ମଙ୍ଗୋଲମାନଙ୍କର ଆଡ୍ଡା । ଆଉ ଶୀଘ୍ର ତା'ର ପ୍ରଥମ ସଂଘର୍ଷ ହେବ ଶତ୍ରୁପକ୍ଷର ଏଜେଣ୍ଟ ସଙ୍ଗରେ ।

ସେଇଥି ଲାଗି ଆନନ୍ଦ ନଗରରେ ବିନୋଦ ଏକା ରହିଛି । ଅନ୍ୟ ତିନିଜଣ ରହିଛନ୍ତି ଅନ୍ୟ ଜାଗାରେ । ଅବଶ୍ୟ ବିନୋଦ ନିଜର ଅସଲ ବେଶରେ ଅଛି । କୌଣସି ପ୍ରକାରର ଛଦ୍ମବେଶ ସେ ପସନ୍ଦ କରେନା । କାରଣ ସେ ଜାଣେ ଶତ୍ରୁପକ୍ଷ ତାକୁ ଚିହ୍ନିଲେ ସିନା ତା' ନିକଟକୁ ଆସିବା ଲାଗି ଚେଷ୍ଟା କରିବେ । ସେ ଅବସ୍ଥାରେ ବିନୋଦ ହୁଏତ ଶତ୍ରୁପକ୍ଷର ଗୁପ୍ତ ଆଡ୍ଡାରେ ପହଞ୍ଚିବା ସମ୍ଭବ ହେବ । ତେବେ ଠିକ୍

ହେଲେ ପ୍ରଫେସର, ସୁଲତାନ ଏବଂ ସୋଫିଆ ଆନନ୍ଦ ନଗରରେ ମେକ୍‌ଅପ୍ ନେଇ ପ୍ରବେଶ କରିବେ ।

ଆନନ୍ଦ ନଗର ଏକ ପର୍ବତର କ୍ଷେତ୍ର । ପ୍ରାୟ କୋଡ଼ିଏ କିଲୋମିଟର ଦୂରକୁ ଆସି ରେଲଲାଇନ ଶେଷ ହୋଇଛି । ତା'ପରେ ଷୋହଳ କିଲୋମିଟରର ସଡ଼କ । ସେଠାରୁ ଚାରି କିଲୋମିଟର ପାଦରେ ଚାଲି ଚାଲି ଆନନ୍ଦ ନଗରରେ ପହଞ୍ଚିବାକୁ ପଡ଼େ । ଅବଶ୍ୟ ମାଲପତ୍ର ବୋହି ନେବାଲାଗି ଗଧ ପ୍ରଭୃତି ମିଳନ୍ତି ।

କଥା ଥିଲା, ବିନୋଦ ଆସିବାର ଦୁଇଦିନ ପରେ ପ୍ରଫେସର ପ୍ରଭୃତି ଛଦ୍ମବେଶରେ ଆନନ୍ଦ ନଗରରେ ଆସି ପହଞ୍ଚିବେ । ତେବେ ଛତିଶି ଘଣ୍ଟା ଅତିବାହିତ ହେବା ପରେ ବି ନିଜ ସାଥୀଙ୍କ ନିକଟରୁ ଟ୍ରାନ୍ସ-ମିଟରରେ କୌଣସି ଖବର ପାଇପାରିନି ବିନୋଦ । ଇତି ମଧ୍ୟରେ କୌଣସି ବିଶେଷ ଘଟଣା ଅବଶ୍ୟ ଘଟିନାହିଁ । କିନ୍ତୁ ଏଇ ଅର୍ଦ୍ଧ ରାତିରେ ଭପୁଙ୍କର ଚିତ୍କାର କାହାର ହୋଇପାରେ ?

ଉଠି ଠିଆହେଲା ବିନୋଦ । ଭପୁଙ୍କର ଚିତ୍କାର । କିନ୍ତୁ କେଉଁଠାରୁ ସେଇ ଶବ୍ଦ ଆସିଲା ସେକଥା ବୁଝି-ପାରିଲାନି । ରୁମ୍ ଭିତରେ ନାଇଟ୍ ବଲ୍ବ ଜଳୁଛି । ଉଠି ବସି ବିଦ୍ୟୁତ୍ ଗତିରେ ତକିଆ ତଳୁ ରିଭଲଭର୍ ବାହାର କରି ଆଣିଲା ସେ । ଏପାଖ ସେପାଖ ଚାହିଁ

ଦେଖିଲା । କାହାକୁ ଦେଖି ପାରିଲାନି । ତା' ହେଲେ ଏଇ ଶବ୍ଦ ଆସୁଛି କେଉଁଠାରୁ ?

ତା'ର ମନେହେଲା ଏଇ ଶବ୍ଦ ସେ ତାର ରୁମ୍ ମଧ୍ୟରେ କେଉଁଠାରୁ ଶୁଣୁଛି । ଅଥଚ କେହି ହେଲେ ନାହାନ୍ତି । ତା'ହେଲେ ? ଅବାକ୍ ହେଲା ବିନୋଦ ।

ବିଛଣାରୁ ଉଠି ଠିଆହେଲା । ହାତରେ ତା'ର ରିଭଲଭର୍ । ପର୍ଦ୍ଦା ଆଡ଼େଇ ଚାହିଁଲା । ଡ୍ରେସିଂ ଟେବୁଲ ପଛରେ ଚାହିଁ ଦେଖିଲା । ପଲଙ୍କ ତଳେ ନଇଁପଡ଼ି ଦେଖିଲା । କିନ୍ତୁ କେଉଁଠାରେ ହେଲେ କେହି ନାହାନ୍ତି । ତା'ହେଲେ ଇଏ କାହାର ଚିତ୍କାର ? କିଛି ଠିକ୍ କରି ପାରିଲାନି ସେ ।

ବାହାରୁ ଏଇ ଚିତ୍କାର ଶୁଣାଯାଇନି ତ' ?

ତା' ହେଲେ ଏଭଳି ପରିସ୍ଥିତିରେ ବାହାରେ ଗୋଳମାଳ ଆରମ୍ଭ ହୋଇ ଯାଇଥିବ । ଏଭଳି ଭୟଙ୍କର ଚିତ୍କାରକୁ ସହ୍ୟ କରିବା ଲାଗି ସେମିତି ସାହାସ ମଧ୍ୟ ଦରକାର । ଦରଜା ଆଡ଼କୁ ବିନୋଦ ଆଗେଇ ଗଲା । ହାତରେ ତା'ର ଏବେ ମଧ୍ୟ ରିଭଲଭର୍ ରହିଛି ।

ଝିଞ୍ଜିରି ଖୋଲିବା ଲାଗି ବାମ ହାତକୁ ବଢ଼ାଇଲା ସେ । କିନ୍ତୁ ଠିକ୍ ସେଇ ମୁହୂର୍ତ୍ତରେ ଚମକି ଉଠିଲା ବିନୋଦ । ହାତ ତା'ର ଥରିଉଠିଲା ଭୀଷଣ ଭାବରେ । ବିଦ୍ୟୁତ୍ ଗତିରେ ରିଭଲଭର୍ ଉଦ୍ୟତ କରି ସେ ଘୁରି ଠିଆହେଲା ପଛକୁ ।

କିନ୍ତୁ ଏଥରକ ମଧ୍ୟ କାହାରିକୁ ଦେଖି ପାରିଲାନି ସେ । ଅଥଚ ଏଇ ଦ୍ୱିତୀୟ ଚିତ୍କାର ରୁମ୍ ମଧ୍ୟରେ କେନ୍ଦ୍ର କରିଥିବାର ସେ ଶୁଣିଛି । ଭୟଙ୍କର ଚିତ୍କାର । ନିଜର ରୁମ୍ ଭିତରେ । ଦରଜା ଖୋଲିବା ଲାଗି ହାତ ବଢ଼ାଇବା ମାତ୍ରକେ ପଛପାଖରେ ସେଇ ବିକଟାଳ ଚିତ୍କାର ଶୁଣି ଥମିଯାଇଛି ବିନୋଦ । ହାତରେ ତା'ର ରିଭଲଭର୍, ଦରଜା ଦେହକୁ ଆଉଜି ବିସ୍ମୟ ବିସ୍ଫାରିତ ନୟନରେ ସେ ଚାହିଁଲା ଚାରିଆଡ଼େ ।

କିଛିକ୍ଷଣ ପର୍ଯ୍ୟନ୍ତ ସେଇଭଳି ଠିଆହେଲା ବିନୋଦ । ସେ ବୁଝିପାରିଲା, ମୁକାବିଲା ଆରମ୍ଭ ହୋଇଗଲା । ଅବଶ୍ୟ ମୃତ୍ୟୁ ପ୍ରତି କୌଣସି ଭୟ ତା'ର ନାହିଁ । ତା' ହୋଇଥିଲେ ସେ ଏଇ ବିପଦସଙ୍କୁଳ ଅଭିଯାନରେ ବାହାରି ନଥାନ୍ତା ।

କୌଣସି ପ୍ରକାରେ ନିଜକୁ ସମ୍ଭାଳି ନେଇ ସେ ଦୁଇପାଦ ଆଗେଇ ଆସିଲା । ବର୍ତ୍ତମାନ ତା'ର ହୃତ୍-ସ୍ପନ୍ଦନ ମଧ୍ୟ ସ୍ୱାଭାବିକ ହୋଇ ଆସିଛି । ଗୋଟାଏ ଜାଗାରେ ଠିଆହୋଇ କଠୋର କଣ୍ଠରେ କହିଲା—କିଏ ?

ବିନୋଦର ମନେହେଲା, ଏଇ ମୁହୂର୍ତ୍ତରେ ସେ ଯେମିତି ଏକ ବିଚିତ୍ର ଲୋକରେ ଠିଆ ହୋଇଛି । କକ୍ଷ ମଧ୍ୟରେ ଗୁଞ୍ଜି ଉଠିଲା କାହାରି ଭୟଙ୍କର ଅଟ୍ଟହାସ୍ୟ । ଅତ୍ୟନ୍ତ ସାବଧାନତା ସହକାରେ ସେଇ ଅନ୍ଧକାର

ମଧ୍ୟରେ ଦରଜା ନିକଟରୁ ବିନୋଦ ଘୁଞ୍ଚି ଆସିଲା, ବାମ ପାଖ କାନ୍ଥ ଆଡ଼କୁ । ନିଜକୁ ସମ୍ଭାଳି ନେଇ ଅପେକ୍ଷାକୃତ ଦୃଢ଼ କଣ୍ଠରେ କହିଲା—ମୁଁ ଜାଣେ, ତୁମେ ଯେ କେହି ହୁଅନା କାହିଁକି, ଭୂତ-ପ୍ରେତ ନୁହଁ ।

ଏଇ ସମୟରେ ଆଉ ଏକ ବିଚିତ୍ର ଘଟଣା ଘଟିଲା । କକ୍ଷ ମଧ୍ୟରେ କେଉଁଠାରୁ କେଜାଣି ଏକ ନାରୀ କଣ୍ଠସ୍ୱର ଭାସି ଆସିଲା । ଶାନ୍ତ ଗମ୍ଭୀର କଣ୍ଠସ୍ୱର ।

—ମହାରାଣୀ କମଳାଙ୍କ ପ୍ରତିନିଧି ସୋନାଲି ତୁମକୁ ସ୍ୱାଗତ ଜଣାଉଛି ମିଃ ବିନୋଦ ।

ବିନୋଦ ଉପରେ ବିଶେଷ କୌଣସି ପ୍ରତିକ୍ରିୟା ହେଲାନି । ନାରୀ କଣ୍ଠ ସେ ଶୁଣିଲା । ତା'ର ଅନୁମାନ ଥିଲା, ଏଇଭଳି କିଛି ନିଶ୍ଚୟ ଘଟିବ । ସେ ଏଥର ଗମ୍ଭୀର କଣ୍ଠରେ କହିଲା—ମୁଁ ଠିକ୍ ବୁଝିପାରୁନି । ଏଭଳି ନାଟକ କରିବା କି ଦରକାର ?

—ମାନେ ? ତୁମେ ଏ ସବୁକୁ ନାଟକ ବୋଲି ଭାବୁଛ ମିଃ ବିନୋଦ ? ସୋନାଗଡ଼ର ଗୋଲାମ ଅଦୃଶ୍ୟ ହୋଇ ଯେକୌଣସି ସ୍ଥାନରେ ବିହାର କରି ପାରେ, ଅଟ୍ଟହାସ୍ୟ କରି ପାରେ—ଏକଥା ତୁମର ବିଶ୍ୱାସ ହେଉନି ?

ବିନୋଦ ମୃଦୁ ହସି କହିଲା—ପ୍ରିତି ସୁନ୍ଦରୀ ପୁରକଣ କଥାରେ ମୋର ବିଶ୍ୱାସ ରହିଛି ମାଡ଼ାମ

ସୋନାଗ୍ । ଯଦି ଭୂତମବ ମହାରାଣୀ କମ୍ପାନୀଙ୍କ ଭଳି ଖୁବ୍ ସୁନ୍ଦର ହୋଇଥାଅ, ତା'ହେଲେ ମଙ୍ଗୋଲ ବସ୍ତି ପର୍ଯ୍ୟନ୍ତ ମୋର ଯିବାର ଆବଶ୍ୟକତା ନାହିଁ ।

ଆଉ ଏକ ଆଶ୍ଚର୍ଯ୍ୟଜନକ ଘଟଣା ଘଟିଲା ଠିକ୍ ସେଇ ମୁହୂର୍ତ୍ତରେ । ସୋନାଗର କନ୍ଦନ ଧ୍ୱନି କାନରେ ବାଜିଲା । ଚମକି ଉଠିଲା ବିନୋଦ । ପରକ୍ଷଣରେ କୌଣସି ନାରୀର ଖିଲ ଖିଲ ହସ । ତା'ପରେ ପୂର୍ବଭଳି ସେଇ ଭୟଙ୍କର ଚିତ୍କାର । କକ୍ଷ ମଧ୍ୟରେ ପୁନର୍ବାର ଧପ୍ କରି ଆଲୋକ ଜଳି ଉଠିଲା ।

କାନ୍ଥକୁ ଆଉଜି ଠିଆ ହୋଇଛନ୍ତି ବିନୋଦ । ତା'ର ମନେ ହେଲା, ସେ ଯେମିତି କୌଣସି ସ୍ୱପ୍ନ ଦେଖୁଛନ୍ତି । ଅନେକ କିଛି ବୁଝିପାରୁଛି ସେ । ତା'ର ବୁଝିବା ଲାଗି ବାକି ରହିଲାନି, କୋଠରୀ ମଧ୍ୟରେ କୌଣସି ସ୍ଥାନରେ ଟ୍ରାନ୍ସମିଟର ଲଗା ହୋଇଛି । ଆଉ ତାରି ମାଧ୍ୟମରେ ଏଇ ଶବ୍ଦ ଶୁଣାଇ ନାଟକ ପ୍ରସ୍ତୁତ କରିଛନ୍ତି ଶତ୍ରୁପକ୍ଷ ।

ନିଜର ରିଷ୍ଟୱାଚ ଉଠାଇ ଆଣି ଦେଖିଲା ବିନୋଦ । ରାତି ଦୁଇଟା । ତା'ର ମନେ ହେଲା ଏଇ ମୁହୂର୍ତ୍ତରେ ଟ୍ରାନ୍ସମିଟର ଖୋଜି ବାହାର କରି ଯୋଗାଯୋଗ ଛିନ୍ନ କରିଦେବ । ମାତ୍ର କ'ଣ ଚିନ୍ତା କରି ତା' ଆଉ କଲାନି । ଏ କାର୍ଯ୍ୟ ଦିନରେ ମଧ୍ୟ

କରାଯାଇ ପାରେ । ଗୋଟାଏ କଥା ସେ ଲକ୍ଷ୍ୟ କରିଛି । କୋଠରୀଟି ସାଉଣ୍ଡପ୍ରୁଫ୍ । ତା' ଅର୍ଥ ଭିତରର କୌଣସି ଶବ୍ଦ ବାହାରକୁ ଯାଇ ପାରିବନି ।

ପଲଙ୍କ ଉପରେ ଆସି ଶୋଇ ପଡ଼ିଲା ବିନୋଦ । ଆଖି ମୁଦିଲା । କେତେବେଳେ ଯେ ନିଦ ଲାଗିଯାଇଛି ତା'ର ଖିଆଲ ନାହିଁ ।

ରାତି କେତେ ହେବ କେଜାଣି । ହଠାତ୍ ଉଠି ବସିଲା ବିନୋଦ । ଟେଲିଫୋନର ଘଣ୍ଟି ବାଜୁଛି । ହାତ ବଢ଼ାଇ ରିସିଭର୍ ଉଠାଇ ଆଣି କହିଲା—ହାଲୋ... !

ଅପର ପାର୍ଶ୍ୱରୁ କିନ୍ତୁ କୌଣସି ଉତ୍ତର ମିଳିଲାନି । ରିଷ୍ଟୱାଚ୍ ଉପରେ ଆଖି ବୁଲାଇ ଆଣିଲା ବିନୋଦ । ତିନିଟା ବାଜିବାକୁ ସାତ ମିନିଟ୍ ବାକି । ଏଇ ଅସମୟରେ ତାକୁ କିଏ ଫୋନ୍ କରିପାରେ ?

ଏଇ ସହରକୁ ଆସିବା ଚବିଶ ଘଣ୍ଟାରୁ ମଧ୍ୟ ତା'ର ଅଧିକ ହୋଇନି । ତା' ଛଡ଼ା ତା'ର କେହି ପରିଚିତ ବ୍ୟକ୍ତି ମଧ୍ୟ ଏଠାରେ ନାହାନ୍ତି, ଯିଏ ଏମିତି ରାତି ଅଧରେ ଫୋନ କରି ବସିବ । କିଏ ହୋଇପାରେ ତା' ହେଲେ ? ପୁନର୍ବାର ବିନୋଦ କହିଲା—ହାଲୋ ?

— ଆପଣ କେଉଁଠାରୁ କହୁଛନ୍ତି ?

ବିନୋଦ ଚମକି ଉଠିଲା । ଫୋନର ଅପର ପାର୍ଶ୍ୱରେ ଜଣେ ମହିଳା । କଣ୍ଠସ୍ୱରରେ ତା'ର ବେଦନାର ସ୍ପର୍ଶ ।

—ମୁଁ ରଞ୍ଜିତ କ୍ଲବର ତିରିଶ ନମ୍ବର ରୁମ୍‌ରୁ କହୁଛି ମାଡ଼ାମ୍ । ମୋ' ନାଁ ବିନୋଦ । ତେବେ ଆପଣ କାହାଲାଗି ନମ୍ବର ଡାଏଲ କରିଥିଲେ ?

ଅପର ପାର୍ଶ୍ୱରୁ ପୁନର୍ବାର ନାରୀ କଣ୍ଠ ଶୁଣାଗଲା ।

—ଆପଣ ଏଇ ମୁହୂର୍ତ୍ତରେ ଦୟାକରି ମୋ' ରୁମ୍‌କୁ ଆସି ପାରିବେ ? ମୁଁ ରୁମ୍ ନମ୍ବର ବାଇଶିରୁ ଫୋନ କରୁଛି ।

—କୌଣସି ଜରୁରୀ କାମ ଅଛି ?

—ମୁଁ ଜାଣେନା ଆପଣ କିଏ ? ତେବେ ଆପଣ ଯଦି ବିପଦଗ୍ରସ୍ତା ଜଣେ ମହିଳାକୁ ସାହାଯ୍ୟ କରିପାରିବେ, ତା'ହେଲେ ସାରାଜୀବନ ଲାଗି ଆପଣଙ୍କ ଋଣ ଭୁଲି ପାରିବିନି । ବାଇଶି ନମ୍ବର ରୁମ୍ ।

ଅପର ପାର୍ଶ୍ୱରୁ ସମ୍ବନ୍ଧ ବିଚ୍ଛେଦ ହୋଇଗଲା । ବିନୋଦ ରିସିଭର୍ ରଖିଦେଲା ହେଣ୍ଡେଲ ଉପରେ । ଏଇ ନୂତନ ଘଟଣା ସମ୍ପର୍କରେ ଚିନ୍ତା କରିବାକୁ ଲାଗିଲା । କୌଣସି କାର୍ଯ୍ୟ ତରବରିଆ ହୋଇ କରିବା ନିଶ୍ଚୟ ଠିକ୍ ହେବନି । ଅବଶ୍ୟ ସେ ଜାଣେ, ମଙ୍ଗୋଲି ଷ୍ଟେସନରେ ପ୍ରବେଶ କରିବା ଆଗରୁ ତାକୁ ଏଇ ଆନନ୍ଦ

ନଗରରେ ହିଁ ମହାରାଣୀ କମ୍ପାନୀଙ୍କ ଏଜେଣ୍ଟର ସମ୍ମୁଖୀନ ହେବାକୁ ପଡ଼ିବ ।

କିନ୍ତୁ ସୋନାଗା କିଏ ? ତାର ଉତ୍ତର ହୁଏତ ପ୍ରଫେସର ସୂର୍ଯ୍ୟକାନ୍ତ ଦେଇ ପାରିବେ । ଆଉ ବାଇଶି ନମ୍ବର ରୁମ୍ ରେ ଜଣେ ଯୁବତୀର ଅସହାୟତାର ଏଭଳି କରୁଣ ପ୍ରାର୍ଥନା ପଛରେ ଅନ୍ୟ କୌଣସି ଗୁଳ ନାହିଁ ତ ? ବିନୋଦର ମନେହେଲା, ଏଇ ରହସ୍ୟର ସମାଧାନ ସେ ବାଇଶି ନମ୍ବର ରୁମ୍ ରେ ନ ପହଞ୍ଚିବା ପର୍ଯ୍ୟନ୍ତ ହେବା ସମ୍ଭବ ନୁହେଁ ।

ରିଭଲଭର୍ ସେ ନିଜ ପକେଟରେ ରଖିଲା । ବାହାରକୁ ବାହାରି ଆସି ଥରେ ଏପାଖ ସେପାଖ ଦେଖି ନେଇ ଆଗେଇଲା ବାଇଶି ନମ୍ବର ରୁମ୍ ଅଭିମୁଖେ ।

ଯଥା ସ୍ଥାନରେ ପହଞ୍ଚିବା ପରେ ବିନୋଦ ଦେଖିଲା ଦରଜା ବନ୍ଦ ଅଛି । କଲିଂ ବେଲର ସୁଇଚ୍ ଉପରେ ଅଙ୍ଗୁଳି ଚିପି ଦେଲା ବିନୋଦ । ଭିତରେ ଘଣ୍ଟି ବାଜିବାର ଶବ୍ଦ ଶୁଣାଗଲା । ଅଳ୍ପକ୍ଷଣ ପରେ ଦରଜା ଖୋଲିଲା ଜଣେ ଯୁବତୀ । ଦେହର ରଙ୍ଗ ଶ୍ୟାମଳ । ବିନୋଦକୁ ଦେଖିବା ମାତ୍ରକେ ଭୟରେ ସେ ଛୁଟି ପଳାଇଲା ଭିତରକୁ । କିଛି ବୁଝି ପାରିଲାନି ବିନୋଦ । ମନେ ମନେ ଠିକ୍ କରି ନେଇ ସେ ଭିତରକୁ ଆସିଲା ।

Deb's Library Corner...

ଦରଜା ବନ୍ଦ କରିଦେଲା ଭିତର ପାଖରୁ । ପଛକୁ ବୁଲିବା ମାତ୍ରକେ ଆଖିରେ ପଡ଼ିଲା ଯୁବତୀ ହାତରେ ଗୋଟାଏ ଛଡ଼ି । ତା' ଆଡ଼କୁ ଗୁହାଁ କଠିନ କଣ୍ଠରେ ଯୁବତୀ ପ୍ରଶ୍ନ କଲା —କିଏ ତୁମେ ?

କହିବା ସଙ୍ଗେ ସଙ୍ଗେ ଛଡ଼ିକୁ ଶୂନ୍ୟରେ ଘୁରାଇ ଦେଲା ଯୁବତୀ । ସତେ ଯେମିତି ଏଇ ମୁହୂର୍ତ୍ତରେ ଆକ୍ରମଣ କରିବ ବିନୋଦ ଉପରେ ! ବିନୋଦ ଶାନ୍ତ ଭାବରେ କହିଲା—ଏଇ ବ୍ୟବହାରର କାରଣ ବୁଝିପାରୁନି, ମାଡ଼ାମ୍ ।

—ମୁଁ ପଚାରୁଛି ତୁମେ କିଏ ? ଏଠିକି ଆସିଛ କାହିଁକି ?

—ଆପଣ ତ' ମୋତେ ଫୋନ କରିଥିଲେ । ମୋ' ନାଁ ବିନୋଦ ।

—ଓଃ, ଆପଣ ?

ଯୁବତୀ ହାତରୁ ବାଡ଼ି ନଇଁଗଲା ତଳକୁ । ତା'ର ହାବଭାବ ଦେଖି ମନେହେଲା, ସେ ଯେମିତି ଖୁବ୍ ଲଜ୍ଜା ଅନୁଭବ କରୁଛି । କହିଲା—ମୁଁ ଖୁବ୍ ଲଜ୍ଜିତ, ବିନୋଦ ସାହେବ, ଆସନ୍ତୁ ।

ବିନୋଦ ଆଗେଇ ଆସି ଗୋଟାଏ ସୋଫା ଉପରେ ବସି କହିଲା—ଆପଣଙ୍କ ଚିନ୍ତାର କାରଣ ମୁଁ ଜାଣିପାରିବି ?

ସବୁ କହୁଛି କହିବି । ରୁହନ୍ତୁ, ପ୍ରଥମେ ମୁଁ ଦରଜା ବନ୍ଦ କରି ଆସୁଛି ।

—ଦରଜା ଭିତରୁ ବନ୍ଦ ଅଛି । ଆପଣ ନିଶ୍ଚିନ୍ତ ହୋଇ କହି ପାରନ୍ତି ।

ଯୁବତୀ ଏଥର ଆଗେଇ ଆସି ବିନୋଦ ସାମନାରେ ଗୋଟାଏ ସୋଫା ଉପରେ ବସି କହିଲା—ମୁଁ ଆପଣଙ୍କୁ କଷ୍ଟ ଦେଉଥିବା ଯୋଗୁଁ କ୍ଷମା ଚାହୁଁଛି । ମୋ' ନାଁ ରେଣୁବାଳା । ମୁଁ ଜଣେ ଲ' ଗ୍ରାଜୁଏଟ୍ ।

—ଆପଣଙ୍କ ସହିତ ମିଶି ଖୁସି ହେଲି । କିନ୍ତୁ ଆପଣଙ୍କର ଭୟର କାରଣ କ'ଣ ?

—ତା' ଆଗରୁ ଆପଣଙ୍କର ପଚାରିବା କଥା ମୁଁ ଆପଣଙ୍କୁ କେମିତି ଜାଣିଲି ?

ବିନୋଦ ବୁଝିପାରିଲା ତା' ଆଗରେ ବସିଥିବା ଏଇ ଯୁବତୀ ସାଧାରଣ ବୁଦ୍ଧିର ଅଧିକାରିଣୀ ନୁହେଁ । ଯୁବତୀଟି ପୁନର୍ବାର କହି ଉଠିଲା—ମୁଁ ଆପଣଙ୍କ ପ୍ରଶ୍ନର ଉତ୍ତର ଆପେ ଆପେ ଦେଇ ଦେଉଛି । ଶିକ୍ଷିତା ହେବା ସତ୍ତ୍ୱେ ବି ମୁଁ ଭାଗ୍ୟବାଦୀ, ଆଉ ଭାବୁଛି ମୋର ଭାଗ୍ୟ ମତେ ଠିକ୍ ଲୋକ ସହିତ ମିଳାଇ ଦେଇଛି ।

—ଠିକ୍ ବୁଝି ପାରିଲିନି ।

—ତିନିଦିନ ହେବ ମୁଁ କ୍ଲବରେ ରହୁଛି । ଆଜି ରାତିରେ ମୋ' ଉପରେ ଆକ୍ରମଣ ହୋଇଛି । ଭାଗ୍ୟକୁ

ମୁଁ ବଞ୍ଚିଗଲି । ଆସିବାର ତିନଦିନ ଆଜ ଆକ୍ରମଣର ସଫଳତା ଶୂନ୍ । ବାସ ତିନ ଆଜ ଶୂନ ମିଶି ତିରିଶି ।

—ଓଃ !

—ମୁଁ କ୍ଲବ୍‌ର ଅପରେଟ୍‌ରଙ୍କୁ ତିରିଶି ନମ୍ବର ରୁମ୍‌ର ଫୋନ୍ ମିଳାଇବାକୁ ଆଦେଶ ଦେଲି । ବାସ୍ ଆପଣ ମିଳିଗଲେ ।

ବିନୋଦର ମନେହେଲା, ତା' ଆଗରେ ବସିଥିବା ଶ୍ୟାମଳୀ କିନ୍ତୁ ଆକର୍ଷଣୀୟ ଯୁବତୀ, ରେଣୁ ସାଧାରଣ ଯୁବତୀ ନୁହେଁ ।

ରେଣୁ କହିଲା—ମୁଁ ଭାଗ୍ୟବତୀ ବିନୋଦ ସାହେବ । ମୋର ବିଶ୍ୱାସ ଏଥର କିନ୍ତୁ ମୋ' ଭାଗ୍ୟ ଧୋକ୍‌କା ଦେବନି ।

ବିନୋଦ ନମ୍ର କଣ୍ଠରେ କହିଲା—ଧନ୍ୟବାଦ ମାଡ଼ାମ୍, କିନ୍ତୁ ମୋ' ପ୍ରଶ୍ନର ଉତ୍ତର ଏ ପର୍ଯ୍ୟନ୍ତ ପାଇପାରିଲିନି ।

ଏପାଖ ସେପାଖ ଦେଖିନେଲା ରେଣୁ । ସେ ଯେମିତି ଅନ୍ୟ କେହି ଉପସ୍ଥିତ ନାହାନ୍ତି ସେ ସମ୍ପର୍କରେ ନିଶ୍ଚିତ ହୋଇ ଯିବାକୁ ଚାହେଁ । ବିନୋଦ ଚାହିଁ ଦେଖୁଛି ତାକୁ । ଶ୍ୟାମଳ ରଙ୍ଗର ଆକର୍ଷଣୀୟ ଚେହେରାର ଯୁବତୀ । ପୁରୁଷ ମନ ଭୁଲି ଯିବ ଚେହେରା । ଆଖି ଦୁଇଟିରେ କାମନାରେ ମଦିରାର ଆମନ୍ତ୍ରଣ ।

ରେଣୁ ନିଜର ପରିଚୟ ଦେବାକୁ ଯାଇ କହିଲି—ମୁଁ ମୋ' ପିତାଙ୍କର ଏକମାତ୍ର ସନ୍ତାନ, ମିଷ୍ଟର ବିନୋଦ। ମୋ' ପିତା ପ୍ରାଚୀନ ଇତିହାସ ବିଶେଷଜ୍ଞ।

ବିନୋଦ ଚମକି ଉଠିଲା । ପ୍ରଫେସର ସୂର୍ଯ୍ୟକାନ୍ତ ମଧ୍ୟ ପ୍ରାଚୀନ ଇତିହାସ ବିଶେଷଜ୍ଞ।

ରେଣୁ କହିବାକୁ ଲାଗିଲା—ମୋ' ପିତାଙ୍କର ପୁରାତନ ବସ୍ତୁର ସନ୍ଧାନ କରିବାର ଅଭ୍ୟାସ । ଆଉ ଏଇ ସଉକ ପାଇଁ ସେ ନିଜର ସବୁଠାରୁ ପ୍ରିୟତମ ବସ୍ତୁ ହରାଇ ବସିଲେ । ମାନେ ମୋ' ମମିକୁ । ମୁଁ ଯେତେବେଳେ ଚବିଶି ବର୍ଷର ଯୁବତୀ ମମିକୁ ହତ୍ୟା କରି ଦିଆଗଲା । ଆଜିବି ଏସବୁ ଦୁଇ ବର୍ଷ ତଳର ଘଟଣା ।

ଚୁପ୍‌ଚାପ ଶୁଣୁଛି ବିନୋଦ । ରେଣୁ କହି ଚାଲିଛି । ଜଙ୍ଗଲ ଜାତିର ପୁରାତନବସ୍ତୁ ଏକାଠି କରିବାର ସଉକ ପିତାଙ୍କର ଅଛି । ପ୍ରାୟ ଅଢ଼େଇ ବର୍ଷ ତଳେ, କେଉଁ-ଠାରେ କେଜାଣି ସେ ଏକ ମଣିଷ ଖପୁରୀ ପାଇଲେ । ସେଥିରେ ଗୋଟାଏ ସୁନେଲି ବିଛାର ଚିହ୍ନ ଅଙ୍କିତ ହୋଇଛି ।

ବିନୋଦ ଚମକି ଉଠିଲା । ସତେ ଅବା ସୁନେଲି ବିଛାକୁ ନିଜ ଆଖିରେ ଦେଖି ପକାଇଛି । ରେଣୁ ଆଢ଼େ ତୀକ୍ଷ୍ଣ ଦୃଷ୍ଟିରେ ଚାହିଁଲା । ସବୁ ପଛରେ ମହାରାଣୀ କମାଲ କିମ୍ବା ସୋନାଗିର କୌଣସି ଚାଲ୍ ନାହିଁ ତ' ?

କିନ୍ତୁ ରେଣୁର ମୁଖମଣ୍ଡଳରେ ସେ ପ୍ରକାର କୃତ୍ରିମର କୌଣସି ଚିହ୍ନ ବର୍ତ୍ତି ନାହିଁ ।

ବିନୋଦ କ'ଣ ଭାବି ନିଜକୁ ସମ୍ଭାଳି ନେଇ ପଚାରିଲା—ସେହି ମଣିଷ ଖପୁରୀ ଦେହରେ କୌଣସି ବିଶେଷତ୍ୱ ଥିଲା ?

—ହଁ । ତା'ର ବିଭିନ୍ନ ଅଂଶରେ ଅଜସ୍ର ତାର ଲଗା ହୋଇଛି । ବୋଧହୁଏ ଖପୁରୀକୁ ମଜଭୁତ କରିବା ଲାଗି ସେଭଳି କରାଯାଇଛି ବୋଲି ମୋର ଅନୁମାନ ।

—ଆଉ ?

ରେଣୁ ଉତ୍କଣ୍ଠା ଭରା କଣ୍ଠରେ କହିଲା—ଆଉ ? ଆଉ କ'ଣ ଥିବ ବୋଲି ଆପଣଙ୍କ ଅନୁମାନ ।

—ଭିନ୍ନ ଭିନ୍ନ ସମୟରେ ରଙ୍ଗ ପରିବର୍ତ୍ତନ । କ'ଣ ଭୁଲ କହୁଛି ?

ରେଣୁ ଉଚ୍ଛଳି ଉଠିଲା । ତା'ପରେ କହିଲା—ଆପଣ ଠିକ୍ କହୁଛନ୍ତି ବିନୋଦ ସାହେବ । ଏଇ ରଙ୍ଗ ବଦଳିଯିବାର କାରଣ ଆପଣ କହି ପାରିବେ ।

ବିନୋଦ କ'ଣ ବା ଉତ୍ତର ଦେବ ? ସେ ବୁଝି ପାରିଲା ମଣିଷର ଏଇ ଖପୁରୀରେ ଟ୍ରାନ୍‌ସମିଟର ଫିଟ୍ କରାଯାଇଛି । କିନ୍ତୁ ରେଣୁକୁ ଏସବୁ କହିବା ସେ ଉଚିତ୍ ମନେକଲା ନାହିଁ । ମୁଣ୍ଡ ହଲାଇଲା । ରେଣୁ କହିଲା—ଶୁଣନ୍ତୁ । ସେଇ ଖପୁରୀ କୋଉଠୁ ଆସିଲା

ଜାଣେନା । କିନ୍ତୁ ତା' ପର ଠାରୁ ଡାଡ଼ି ଉଦାସ ରହିବାକୁ ଲାଗିଲେ । ଉଦାସ ନକହି ଆତଙ୍କିତ କହିଲେ ଠିକ୍ ହେବ । କାରଣ ପଗୃଚିଲା ପରେ ଡାଡ଼ି ମତେ କହିଥିଲେ ସେଇ ଖପୁରୀକୁ ହାସଲ କରିବା ଲାଗି କେଇଜଣ ତାଙ୍କୁ ମୃତ୍ୟୁ ଧମକ ଦେଇଛନ୍ତି ।

—ତା'ହେଲେ ତାଙ୍କୁ ଖପୁରୀ ଫେରାଇ ଦେବାର ଥିଲା ?

—କିନ୍ତୁ ତା' ଆଉ କଲେନି ଡାଡ଼ି । ଫଳରେ ଦିନେ ରାତିରେ ମୋ' ମମିଙ୍କ ଗ୍ରୀବାରେ ଗୋଟାଏ ପଥରର ଛୁରୀ ବସାଇ କେହି ହତ୍ୟା କରିଥିଲା । ସେଇ ଛୁରୀ ଦେହରେ ସୁନେଲି ବର୍ଣ୍ଣର ଚିହ୍ନ ଖୋଦିତ ହୋଇଛି । ଧାର୍‌ରେ ବିଶେଷ ଧରଣର ଏକ ଜହର ଲାଗିଥିଲା ।

—ଖପୁରୀ କ'ଣ ହେଲା ?

—ଜାଣେନା । ଡାଡ଼ି ମତେ ସେ ସମ୍ପର୍କରେ ଆଉ କିଛି କହି ନାହାନ୍ତି । ଏମିତି କେଇଦିନ ବିତିଗଲା । ଆମ ଉପରେ କେଇଥର ଆକ୍ରମଣ ହୋଇଛି । କିନ୍ତୁ ଡାଡ଼ିଙ୍କର ସେଥି ପ୍ରତି ଭ୍ରୂକ୍ଷେପ ନାହିଁ । ମମିଙ୍କୁ ହତ୍ୟାର ପ୍ରତିଶୋଧ ନେବା ଲାଗି ସେ ଲାଗି ପଡ଼ିଲେ । ଆଜକୁ ସାତଦିନ ତଳେ ଡାଡ଼ି ମତେ କହିଲେ, ଆମକୁ ଆନନ୍ଦ ନଗରରେ ପହଞ୍ଚିବାକୁ ହେବ । କାରଣ କିଛି

କହିଲେଣି । ତିନି ଦିନ ହେବ ଆମେ ଏଠିକି ଆସିଛୁ ।

ବିନୋଦ ସତର୍କତା ସହକାରେ ସବୁ ଶୁଣୁଛି ।

ରେଣୁ କହିଲା—କାଲି ରାତିରେ ଡାକ୍ତର ବାହାରକୁ ଗଲେ । କହିଗଲେ ମୁଁ ଯେମିତି ବାହାରକୁ କୁଆଡ଼େ ନଯାଏ । ବାସ୍, କାଲିଠାରୁ ତାଙ୍କର ଆଉ କୌଣସି ପତ୍ତା ନାହିଁ ।

—କେବେ ଫେରିବେ କିଛି କହି ନାହାନ୍ତି ?

—ଦୁଇ ଘଣ୍ଟା ମଧ୍ୟରେ ଫେରି ଆସିବେ ବୋଲି କହିଥିଲେ । କିନ୍ତୁ ବର୍ତ୍ତମାନ ତିରିଶି ଘଣ୍ଟାରୁ ବି ବେଶୀ ହୋଇ ଗଲାଣି ।

ବିନୋଦ କିଛିକ୍ଷଣ ନୀରବ ରହିଲା । ତା'ପରେ କହିଲା—ଆପଣ ଆପଣଙ୍କ ଉପରେ ଆକ୍ରମଣ ହେବା କହୁଥିଲେ ।

—ହଁ, ଆଜି ରାତି ପ୍ରାୟ ଗୋଟାଏ ପାଖାପାଖି ହେବ । ୱାଇଣ୍ଡୋ ଦେଇ କେହି ଜଣେ ଛୁରି ଫିଙ୍ଗିଲା ମୋ' ଉପରକୁ । ମୋ' ଭାଗ୍ୟ ଭଲ, ମୁଁ ସେତେବେଳେ ଶୁଇଁଥିଲି । ନହେଲେ ଆତତାୟୀର କେବେ ହେଲେ ଲକ୍ଷ୍ୟ ଭ୍ରଷ୍ଟ ହୋଇ ନଥାନ୍ତା ।

ରେଣୁ ଉଠି ଠିଆ ହେଲା । ଟେବୁଲ ତଳେ ପଡ଼ିଥିବା ଗୋଟାଏ ଛୁରି ଆଡ଼କୁ ସଙ୍କେତ କଲା । ବିନୋଦ ଦେଖିଲା ପଥରର ଛୁରି । ତା' ଉପରେ

ଗୋଟାଏ ସୁନେଲି ହିସ୍କିର ଚିହ୍ନ ଖୋଦିତ ହୋଇଛି ।
ରେଣୁ ଗମ୍ଭୀର କଣ୍ଠରେ କହିଲା—ଏଇଭଳି ଏକ
ଛୁରୀରେ ହତ୍ୟା କରା ହୋଇଥିଲା ମୋ' ମମିଙ୍କୁ । ତେଣୁ
ମୁଁ ଭୟଭୀତ ହୋଇ ପଡ଼ିବା ସ୍ୱାଭାବିକ । ଅନେକ ସମୟ
ଧରି ମୁଁ ଚିନ୍ତା କଲି । ତା'ପରେ ଭାଗ୍ୟବାଣୀ ଅପରେଟରଙ୍କୁ
ଫୋନ ନମ୍ବର ମାଗିଲି । ଆପଣଙ୍କ ସହିତ ଯୋଗାଯୋଗ
ଘଟିଥିଲା ।

ବିନୋଦ ପ୍ରଶ୍ନ କଲା—ଆପଣଙ୍କ ଡାକ୍ତରଙ୍କ ନାମ
ପଚାରି ପାରିବି ?

ଡକ୍ଟର ଜୁଲିଅସ ।

ବିନୋଦର କୌଣସି ପ୍ରତିକ୍ରିୟା ସୃଷ୍ଟି ହେଲା
ନାହିଁ । ଡକ୍ଟର ଜୁଲିଅସଙ୍କ ନାମ ସେ ପୂର୍ବରୁ ଶୁଣିନ ।
ତେଣୁ ପ୍ରତିକ୍ରିୟା ସୃଷ୍ଟି ହେବାର କୌଣସି ପ୍ରଶ୍ନ
ଉଠୁନ ।

ରେଣୁ କହିଲା—ଏଥର ଆପଣଙ୍କ ସମ୍ପର୍କରେ କିଛି
କୁହନ୍ତୁନା ।

ଏଇ ଗୋଟାଏ ପ୍ରଶ୍ନ ଯାହାର ଉତ୍ତର ବିନୋଦ
କେତେବେଳୁ ଚିନ୍ତା କରୁଛି । ସେ ଜାଣିଥିଲା, ଏ ପ୍ରଶ୍ନ
ନିଶ୍ଚୟ ଉଠିବ । ସେତେବେଳେ ସେ କି ଉତ୍ତର
ଦେବ ସେ କଥାଟା ଏପର୍ଯ୍ୟନ୍ତ ମଧ୍ୟ ଠିକ୍ କରି
ପାରିନ ।

ରେଣୁ ପଚାରିଲା—ମୁଁ ଆପଣଙ୍କୁ କିଛି ପଚାରିଥିଲି ବିନୋଦ ସାହେବ । ପ୍ରଶ୍ନ ଏଡ଼ାଇଯାଇ ଓଲଟା ପ୍ରଶ୍ନ କଲା ବିନୋଦ—ଆପଣ ମୋ' ଠାରୁ କି ପ୍ରକାରର ସହଯୋଗ ଚାହାନ୍ତି ମିସ୍ ରେଣୁ ?

ରେଣୁ ମଧ୍ୟ ବିଶେଷ ବିରୋଧ କରିନି । କହିଲା—ଦେଖନ୍ତୁ ମତେ ମୋ' ଭାଉଙ୍କ ସନ୍ଧାନ କରିବାକୁ ହେବ । ତାଙ୍କ ନିରୁଦ୍ଦେଶ ଫଳରେ କାନ୍ଦି କାନ୍ଦି ଅଧୀର ହୋଇ ଉଠିବା ଭଳି ଅବୋଧ ବାଳିକା ମୁଁ ନୁହେଁ ।

ଠିକ୍ ଅଛି । ଏ କାର୍ଯ୍ୟରେ ମୁଁ ଆପଣଙ୍କୁ ସହଯୋଗ କରିବା ଲାଗି ପ୍ରସ୍ତୁତ । ଆଚ୍ଛା, ଅନୁସନ୍ଧାନ ଆରମ୍ଭ କଲାଭଳି କୌଣସି ସୂତ୍ର ଆପଣ ମତେ ଦେଇ ପାରିବେ ?

ରେଣୁ କହିଲା—ମୋର ଅନୁମାନ ତାଙ୍କୁ ଅପହରଣ କରି ନିଆଯାଇଛି । ଶୁଣିଛି, ଆନନ୍ଦ ନଗରରେ କେଉଁଠାରେ ମଙ୍ଗୋଲ ଜାତିର ଗୁପ୍ତ ଠିକଣା ରହିଛି । ପ୍ରକୃତରେ ଏଠାରୁ ବହୁ ଦୂରରେ ମଙ୍ଗୋଲ ବସ୍ତି ପର୍ଯ୍ୟନ୍ତ ପହଞ୍ଚିବା ଲାଗି ଆନନ୍ଦ ନଗରରେ ପାହାଡ଼ କ୍ଷେତ୍ର ଦେଇ କୌଣସି ରାସ୍ତା ଯାଇଛି, ଏକଥା ମତେ ଭାଉ ଥରେ କହିଥିଲେ ।

ବିନୋଦ ଗମ୍ଭୀର କଣ୍ଠରେ କହିଲା—ବର୍ତ୍ତମାନ ମୁଁ ଆପଣଙ୍କୁ କି ପ୍ରକାର ସାହାଯ୍ୟ କରିପାରିବି ?

—ଆପଣ ଏଇ ରୁମ୍‌ରେ ଶୋଇ ପଡ଼ନ୍ତୁ । ପଲଙ୍କ ଅଛି । ମୁଁ ବରଂ ସୋଫା ଉପରେ ଶୋଇ ପଡ଼ିବି ।

—ତା' କେମିତି ହେବ ?

ମୋର ଆପଣଙ୍କ ସାହାଯ୍ୟ ଦରକାର । ଆଉ ଥରେ ଆକ୍ରମଣ ହେବାର ଆଶଙ୍କା ମଧ୍ୟ ରହିଛି ।

ଓ: କେ: ।

ରେଣୁ ଓଠରେ ହସ ଫୁଟି ଉଠିଲା । ଗୋଟାଏ କମ୍ବଳ ଉଠାଇ ନେଇ ସୋଫା ଉପରକୁ ଉଠି ଆସିଲା ସେ । ବିନୋଦ କୌଣସି ପ୍ରତିବାଦ ନ କରି ଚୁପ୍‌ଚାପ ଢଳିପଡ଼ିଲା ପଲଙ୍କ ଉପରେ । ରେଣୁର କାହାଣୀ ସମ୍ପର୍କରେ ସେ ଏଥର ଚିନ୍ତା କରିବାକୁ ଲାଗିଲେ । କୋଠରୀ ମଧ୍ୟରେ ଗାଢ଼ ଗମ୍ଭୀର ନିସ୍ତବ୍ଧତା ।

ଆନନ୍ଦ ନଗର ନିକଟରେ ବିସ୍ତୃତ ପର୍ବତମାଳାର ଯେଉଁ ଅଂଶରେ ମଙ୍ଗୋଲ ଜାତିର ମହାରାଣୀ କମ୍ପାଲାଙ୍କ ସହକାରିଣୀ ସୋନାଗିର ଗୁପ୍ତ ଆଡ୍‌ଡ଼ା ରହିଛି, ତା'ର ନାମ 'ପାନିକ ହାଉସ' । ଏଇ ଖୁଣୀ ଆଡ୍‌ଡ଼ାରେ ସୋନାଗିର ପୂର୍ଣ୍ଣ ଆଧିପତ୍ୟ । ପାନିକ୍ ହାଉସ ଏକ କଥାରେ କହିବାକୁ ଗଲେ ମଙ୍ଗୋଲ କ୍ଷେତ୍ରର ପ୍ରବେଶ ଦ୍ୱାର । ମହାରାଣୀ କମ୍ପାଲା ନିଜର ପ୍ରିୟ ବାନ୍ଧବୀ ସୋନାଗିକୁ ଏଠିକି ପଠାଇଛନ୍ତି ବିନୋଦ ଏବଂ ତା'ର ସାଥୀମାନଙ୍କ ଯାତ୍ରା ରୋଧ କରିବା ଉଦ୍ଦେଶ୍ୟରେ ।

ସୋନାର୍ ! ପ୍ରତିଟି ଲୋମ କୂପରେ ତା'ର ତୃଷ୍ଣା । ରକ୍ତ ତୃଷ୍ଣା……ନ ହେଲେ ବାସନାର ତୃଷ୍ଣା । ଆଜି ନିଜର ତୃପ୍ତି ଲାଗି ସେସବୁ କିଛି କରିପାରେ । ପାନିକ୍ ହାଉସରେ ଆଧୁନିକତମ ଯନ୍ତ୍ରପାତିର ବ୍ୟବସ୍ଥା କରି ରଖିଛି ସୋନାର । ଶିକାରୁ ଭଳି ଭୟଙ୍କର ବଣମଣିଷ ମଧ୍ୟ ରହିଛନ୍ତି । କୌଣସି ମଣିଷକୁ ସେ ଖେଳନା ଭଳି ଗୋଟାଏ ହାତରେ ଉଠାଇ ନେଇ ତଳକୁ ଫିଙ୍ଗି ଦେଇ ପାରେ । ତା'ଛଡ଼ା ମଙ୍ଗୋଲ ଜାତିର କେତେକ ଭୟଙ୍କର ବ୍ୟକ୍ତି ମଧ୍ୟ ଅଛନ୍ତି । ସେମାନେ ଭାରତୀୟ ଭାଷା ଜାଣି ନାହାନ୍ତି । ଗାଢ଼ କଳା ରଙ୍ଗର ଭୟାବହ ଚେହେରାର ବ୍ୟକ୍ତି । ବୋଧହୁଏ ସେଥିପାଇଁ ପାନିକ୍ ହାଉସର ବାହାରେ ପାଦଦେବା ଲାଗି ଅନୁମତି ସେମାନଙ୍କୁ ସୋନାର ଦେଇପାରିନି ।

ସୋନାର ଏଠିକି ଆସିବା ପରେ କେଇଜଣ ଦେଶଦ୍ରୋହୀଙ୍କୁ ମଧ୍ୟ ଏକାଠି କରାଇ ନେଇଛି । ସେମାନଙ୍କ ପାଇଁ ଟଙ୍କା, ସୁରା ଆଉ ନାରୀ ହେଉଛି ସବୁକିଛି । ଏଇ ପ୍ରବାହରେ ମାନବତା ସହିତ ବିଦ୍ରୋହ କରିବା ଲାଗି ସଙ୍କୋଚବୋଧ କରନ୍ତିନି ସେମାନେ । ଏମାନଙ୍କ ମଧ୍ୟରେ ମୁଖ୍ୟ ହେଉଛି ରାହୁଲ । ଆନନ୍ଦ ନଗରର ଏକ ସମୟରେ କୁଖ୍ୟାତ ଗୁଣ୍ଡା ଥିଲା ସେ ।

ବର୍ତ୍ତମାନ ତାକୁ ପ୍ରଚୁର ଅର୍ଥ ମିଳୁଛି । ପିଇବା ପାଇଁ ମଦ ଆଉ ଖେଳିବା ଲାଗି ଯୌବନାବତୀ

ଛେଦେବ । ବାସ୍ ଆଉ କ'ଣ ଦରକାର ! ସାହୁଲ ଚୌଧୁରୀ ପାଲଟିଗଲା ସୋନାରାର ।

ଆଉ ପାଲା ଠାକୁର ? ସୋନାରା ଲାଗି ସିଏ ତ' ଗୋଟାଏ ମହତ୍ତ୍ୱପୂର୍ଣ୍ଣ ଗୁଳ । ଡକ୍ଟର ରାଘବନ ପାଳକ ହାଉସ୍‌ରେ ବନ୍ଦୀ । ପ୍ରତିଦିନ ତାଙ୍କ ଉପରେ ଅତ୍ୟାଚାର ଚାଲିଛି । କିନ୍ତୁ ମହାରାଣୀ କମ୍ପାଲଙ୍କର ହାତ କଣ୍ଟେଇ ସାଜିବାକୁ ସେ ଏବେବି ନାରାଜ ।

ସଫଳତା ପାଇବା ଲାଗି ନୂଆ ଯୋଜନା ଗଢ଼ି-ବସିଛି ସୋନାରା ।

—ତାକୁ ବିନୋଦର ମୁଣ୍ଡ କାଟିବାକୁ ହେବ । ଆଉ ମୁଣ୍ଡ ଝୁଙ୍କାଇବାକୁ ପଡ଼ିବ ଡକ୍ଟର ରାଘବନଙ୍କର । ତା'ପରେ ଯାଇ ମହାରାଣୀ କମ୍ପାଲଙ୍କ ଆଗରେ ନିଜର ମୁଣ୍ଡ ଉଚ୍ଚା କରିପାରିବ ସୋନାରା । ଏଣେ…ବିନୋଦ ମଧ୍ୟ ପୁରାପୁରି ସତର୍କ ।

ରେଣୁବାଲା ସାଥିରେ ତା'ର ଘନିଷ୍ଠତା ବେଶ୍ ବଢ଼ିଗଲାଣି । ଦୁହେଁ ଏକାଠି ହେବେ ଡକ୍ଟର ଜୁଲିଅସଙ୍କ ସନ୍ଧାନ କରିବା ପାଇଁ ବ୍ୟଗ୍ର । ରେଣୁର କହିବା ଅନୁସାରେ—"ଡାଡ଼ିଙ୍କୁ ଖୋଜିବା ଲାଗି ଆନନ୍ଦ ନଗରର ପାହାଡ଼ ଦେଶରେ ଚୁପ୍‌ଚାପ ପ୍ରବେଶ କରିବା ।"

ବିନୋଦର ମତ—ସେଠାରେ ପ୍ୟାର ଦେହରେ ଧକ୍କା ଖାଇ ଖାଇଁ ନଜେ ଶେଷ ହୋଇଗିବ ସିନା ତୁମର ଡାଙ୍ଗ ମିଳିବେନ ।

ଅନେକ ଥର ଏମିତି ଆଲୋଚନା ହୋଇଛି ଦୁହିଁଙ୍କ ମଧ୍ୟରେ । ଆପେ ଆପେ ଶେଷ ହୋଇଯାଇଛି । ଲେବେ କାହିଁକି କେଜାଣି, ବିନୋଦର ମନେ ହେଉଛି ରେଣୁର ଏଇ କାହାଣୀରେ ସତ୍ୟତା ନାହିଁ । ତା’ ଛଡ଼ା ପ୍ରଫେସର ସୂର୍ଯ୍ୟକାନ୍ତ ମଧ୍ୟ ସମର୍ଥନ କରିଛନ୍ତି ତା’ କଥାକୁ ।

ପ୍ରଫେସର ସୂର୍ଯ୍ୟକାନ୍ତ, ସୋଫିଆ ଏବଂ ସୁଲତାନଙ୍କୁ ନେଇ ଛଦ୍ମବେଶରେ ଆନନ୍ଦ ନଗରରେ ପ୍ରବେଶ କରି ସାରିଛି । ବିନୋଦ ସାଥିରେ ଟ୍ରାନ୍ସ ମିଟରରେ ଯୋଗାଯୋଗ କରିଛନ୍ତି ସେ । ପ୍ରଫେସର ବେଶ୍ ଦୃଢ଼ କଣ୍ଠରେ ଜଣାଇଛନ୍ତି । ଏଇ ଦେଶରେ କାହିଁକି, ସାରା ଏସିଆରେ ମଧ୍ୟ ପ୍ରାଚୀନ ଇତିହାସ ବିଶେଷଜ୍ଞ ଏମିତି କେହି ନାହାନ୍ତି, ଯାହାକୁ ପ୍ରଫେସର ସୂର୍ଯ୍ୟକାନ୍ତ ଜାଣି ନଥିବେ । ଆଉ ଡକ୍ଟର ଜୁଲିଅସଙ୍କ ନାମର କୌଣସି ବ୍ୟକ୍ତିକୁ ସେ ଜାଣି ନାହାନ୍ତି ।

ବିନୋଦ ଜାଣେ ରେଣୁବାଲା ନିଶ୍ଚୟ ତାକୁ ଜାଲରେ ପକାଇବାକୁ ଚେଷ୍ଟା କରୁଛି । କିନ୍ତୁ କାହିଁକି ?

ସନ୍ଧ୍ୟା ହୋଇଆସିଛି । ପ୍ରଫେସର ସୂର୍ଯ୍ୟକାନ୍ତ ହିତନାଥ ନିକଟରୁ ସବୁ କଥା ଶୁଣି ସାରିଛନ୍ତି । ସେମାନଙ୍କ ଉପରେ ଆନନ୍ଦ ନଗରରେ ମଙ୍ଗୋଲ ଜାତି ପକ୍ଷରୁ ଆକ୍ରମଣ ହେବ ସେକଥା ବୁଝିବା ଲାଗି ତାଙ୍କର ବିଳମ୍ବ ହୋଇନ । ନିଜକୁ ପ୍ରସ୍ତୁତ କରି ନେଇଛନ୍ତି ପ୍ରଫେସର ।

ସନ୍ଧ୍ୟାର ଅନ୍ଧକାର ଘେରି ଆସିବା ମାତ୍ରକେ ସୋଫିଆକୁ ସାଙ୍ଗରେ ଧରି 'ନାଇଟ୍ ଲଜ୍'ରୁ ବାହାରି ଆସିଲେ ପ୍ରଫେସର । ଏଇ ଲଜ୍‌ରେ ରୁମ୍ ନେଇ ରହୁଛନ୍ତି ସେମାନେ । ସୁଲତାନ ଅବଶ୍ୟ ଅନ୍ୟ ସ୍ଥାନରେ ରହୁଛି । ଏସବୁ କିନ୍ତୁ ପ୍ରଫେସରଙ୍କ ଆଦେଶରେ ହୋଇଛି । ଆନନ୍ଦ ନଗରକୁ ସେ ସୁଲତାନ ସାଙ୍ଗରେ ଆସି ନାହାନ୍ତି । ପରେ ଏକା ଆସିଛି ସୁଲତାନ । କାରଣ ସୁଲତାନ ଭଳି ମୋଟା ଲୋକ ଯେତେ ଛଦ୍ମ ବେଶରେ ରହିଲେ ବି, ଶତ୍ରୁ ପକ୍ଷ ତାକୁ ଚିହ୍ନି ନେବା ବିଶେଷ କଷ୍ଟ ହେବନି ।

ପ୍ରଫେସର ଏବଂ ସୋଫିଆ ବର୍ତ୍ତମାନ ମେକ୍‌ଅପରେ ରହିଛନ୍ତି ।

ପ୍ରଫେସରଙ୍କ ଦେହରେ ରେମଶର ଗୋଟାଏ ଲମ୍ବା ଗାଉନ୍ । ମୁଣ୍ଡରେ ରେଶମୀ ରୁମାଲ । ଦେଖିଲେ ହଠାତ୍ ସେମିତି ଜଣାପଡ଼େ ଜଣେ ଜ୍ଞାନୀ ଫକୀର । ସୋଫିଆ ଦେହରେ ଧଳା ପୋଷାକ । ମୁଣ୍ଡର ଘନ କେଶ ବାନ୍ଧି ଖୋଲି ଫକୀରଙ୍କର ଶିଷ୍ୟା ଭଳି ମନେ

ହେଉଛନ୍ତି ତାଙ୍କୁ । ଦୁଇଜଣଙ୍କ ମୁଖମଣ୍ଡଳ ମଧ୍ୟ ମେକଅପ ଦ୍ୱାରା ବଦଳାଇ ଦେଇଛନ୍ତି ପ୍ରଫେସର । ସୋଫିଆ ହାତରେ ଗୋଟାଏ ବ୍ୟାଗ୍ ରହିଛି ।

ବାହାରକୁ ଆସି ଦୁହେଁ ଟ୍ୟାକ୍ସି ଷ୍ଟାଣ୍ଡରେ ପହଞ୍ଚିଲେ । କିଛି ସମୟ ପରେ ଦେଖାଗଲା ଗୋଟାଏ ଟ୍ୟାକ୍ସି ସେମାନଙ୍କୁ ନେଇ ଦୌଡ଼ୁଛି ଆନନ୍ଦ ନଗରର ସେଇ ପାହାଡ଼ ଷେଶନ ଅଭିମୁଖେ । ସେଇ ଅଂଶରେ 'ପାନିକ୍ ହାଉସ୍' ଅବସ୍ଥିତ । ପ୍ରଫେସର ଏବଂ ସୋଫିଆ ନିର୍ଦ୍ଦିଷ୍ଟ ସ୍ଥାନରେ ପହଞ୍ଚି ଟ୍ୟାକ୍ସିରୁ ଓହ୍ଲାଇ ପଡ଼ିଲେ । ପାଦରେ ଚାଲି ଚାଲି ଆଗେଇବାକୁ ହେଲା ଦୁଇଜଣଙ୍କୁ । ସମୟ ବର୍ତ୍ତମାନ ସାତଟା । ଅନ୍ଧକାର ହେଇ ଆସିଲାଣି ଚତୁର୍ଦ୍ଦିଗରେ ।

ଚାଲିବାରେ ପ୍ରାୟ କୋଡ଼ିଏ ପଚିଶି ମିନଟ ଅତିବାହିତ ହୋଇ ଗଲାଣି । ପାହାଡ଼ ଷେଶନ ଆରମ୍ଭ ହୋଇଯିବା ମାତ୍ରକେ ପ୍ରଫେସର, ସୋଫିଆ ଆଡ଼କୁ ଚାହିଁ ଚାପା କଣ୍ଠରେ କହିଲେ—ସଙ୍କେତ ମତେ ଦେଇଦିଅ ।

ବ୍ୟାଗ୍ ଖୋଲି ଗୋଟାଏ ଡବା ବାହାର କରି ପ୍ରଫେସରଙ୍କ ହାତକୁ ବଢ଼ାଇ ଦେଲା ସୋଫିଆ । ହାତକୁ ନେଇ ଡବା ଖୋଲି ଦେଖିଲେ ପ୍ରଫେସର, ଗୋଟାଏ ଜୀବନ୍ତ ସୁନେଲି ବିଛା ଏପାଖ ସେପାଖ

ହେଉଛି । ପଛ ପାଖରେ ତା'ର ଏକ ସୂକ୍ଷ୍ମ ରେଶମୀ ଡୋର ବନ୍ଧା ହୋଇଥିବାର ଦେଖାଗଲା ।

ରେଶମୀ ଡୋରର ଖୋଲା ଅଂଶ ନିଜ ବେକରେ ବାନ୍ଧିନେଲେ ପ୍ରଫେସର । ସୁନେଲି ବସ୍ତୁ ଏଥର ଧୀରେ ଧୀରେ ତାଙ୍କର ଡାହାଣ ପାଖ କାନ୍ଧ ଉପରେ ଚଢ଼ିବାକୁ ଆରମ୍ଭ କଲା । ପ୍ରଫେସର ବେଶ୍ ନିଶ୍ଚିନ୍ତ; କିନ୍ତୁ ସୋଫିଆର ମୁଖମଣ୍ଡଳରେ ସ୍ପଷ୍ଟ ହୋଇ ଉଠୁଛି ଚିନ୍ତାରେଖା ।

ଆଜିର ଯୋଜନା ଅନୁସାରେ ସେମାନଙ୍କୁ ପାନିକ୍ ହାଉସ୍ ପାଖାପାଖି କୌଣସି ସ୍ଥାନରେ ପହଞ୍ଚିବାକୁ ପଡ଼ିବ । ହାଉସ ଠିକ୍ କେଉଁଠାରେ ଅବସ୍ଥିତ ସେକଥା ଅବଶ୍ୟ କାହାକୁ ଜଣା ନାହିଁ । କିନ୍ତୁ ପ୍ରଫେସରଙ୍କର ବିଶ୍ୱାସ ସେ ନିଶ୍ଚୟ ଲକ୍ଷ୍ୟ ସ୍ଥଳରେ ପହଞ୍ଚିଯିବେ । ମଙ୍ଗୋଲ ଜାତିପୁ ସଙ୍କେତ ପ୍ରଫେସର ବହନ କରି ନେଇ ଚାଲିଛନ୍ତି ନିଜ କାନ୍ଧରେ ।

ପାହାଡ଼ ଉପରକୁ ଉଠିବାକୁ ଆରମ୍ଭ କଲେ ଦୁହେଁ । ଅନ୍ଧକାର ଘନ ହୋଇ ଆସିଲାଣି । ହାତରେ ଟର୍ଚ୍ଚ ଜଳାଇନେଇ ସୋଫିଆ ପ୍ରଫେସରଙ୍କ ଆଗରେ ଆଗେ ଆଗେ ଚାଲିଛି । ଚାଲି ଚାଲି ଗୋଟାଏ ଘଣ୍ଟା ବିତିଗଲା ।

ସୋଫିଆ ଏକ ସମୟରେ କ୍ଳାନ୍ତ କଣ୍ଠରେ ପଚାରିଲା—ପ୍ରଫେସର ସାହେବ, ଆମକୁ ଆଉ କେତେ ଦୂର ଯିବାକୁ ହେବ ?

ପ୍ରଫେସର ଗମ୍ଭୀର କଣ୍ଠରେ ଉତ୍ତର ଦେଲେ—ଯେଉଁଠାରେ ସୁନେଲ୍ଲି ବନ୍ଧୁର ପ୍ରଜାଗଣ ରହନ୍ତି, ସେଇ ପର୍ଯ୍ୟନ୍ତ ।

ଏଇ କଥାବାର୍ତ୍ତା ମଧ୍ୟ ସେମାନଙ୍କ ପୂର୍ବ ନିର୍ଦ୍ଧାରିତ ଯୋଜନାର ଏକ ଅଂଶ । ପ୍ରତି କୋଡ଼ିଏ ବାଇଶି ଗଜ ଦୂରକୁ ଆସିବା ପରେ ସେଇ କଥାବାର୍ତ୍ତା । କିନ୍ତୁ କୌଣସି ପ୍ରକାରର ପ୍ରତିକ୍ରିୟା ଅବଶ୍ୟ ଆଖିରେ ପଡ଼ିଲାନି, ତଥାପି ସେମାନେ ଅଟକି ନାହାନ୍ତି ।

ସୋଫିଆ ଏକ ସମୟରେ କହିଲା—କିନ୍ତୁ ପ୍ରଫେସର, ଯଦି ସାରା ରାତି ଏମିତି ଚାଲିବା ପରେ ବି ଆମର ଇଷ୍ଟସ୍ଥଳ ନ ମିଳିଲା ତାହେଲେ ?

—ତା ସତ୍ତ୍ୱେ ବି ମୋ ପାଦ ଆଗେଇ ଚାଲିବ । ଆମେ ଅଟକି ଯିବାନି ସୁଭଦ୍ରା !

ପ୍ରଫେସର, ସୋଫିଆ ନାମ ବଦଳାଇ ସୁଭଦ୍ରା ରଖିଛନ୍ତି । ଆଉ ନିଜ ନାମ ପ୍ରଫେସର ଦାଣ୍ଡେ । ଚେହେରା ବଦଳିବା ସଙ୍ଗେ ସଙ୍ଗେ ନାମ ବଦଳାଇ ନେବାଟା ମଧ୍ୟ ଖୁବ୍ ଜରୁରୀ । ପ୍ରଫେସର କହି ଚାଲିଲେ—ଯେ ପର୍ଯ୍ୟନ୍ତ ସୁନେଲ୍ଲି ବନ୍ଧୁର ପ୍ରଜାଗଣଙ୍କର ଆମ

ସନ୍ଧାନ ଦେଖା ନ ହୋଇଛି, ସେ ପର୍ଯ୍ୟନ୍ତ ଆମକୁ ଏମିତି ଆଗେଇ ଚାଲିବାକୁ ପଡ଼ିବ ।

ସୋଫିଆ କ୍ଲାନ୍ତ କଣ୍ଠରେ କହିଲା—ମୁଁ କିନ୍ତୁ ଖୁବ୍ ଥକି ଗଲିଣି ପ୍ରଫେସର ।

ହଠାତ୍ ପ୍ରଫେସର ଚମକି ଉଠିଲେ । କିଛି ଦୂରରେ ଝିଲମିଲ କରି ଉଠିଲା ଏକ ଆଲୋକ ବିନ୍ଦୁ । ପରକ୍ଷଣରେ ଲିଭିଗଲା । ସୋଫିଆର କାନ୍ଧ ଉପରେ ହାତ ରଖିଲେ ପ୍ରଫେସର । ସଙ୍କେତ ବୁଝି ପାରିଲା ସୋଫିଆ । ତା' ଅର୍ଥ ଲକ୍ଷ୍ୟସ୍ଥଳ ବର୍ତ୍ତମାନ ଖୁବ୍ ପାଖରେ । ଅବଶ୍ୟ ମୁହୂର୍ତ୍ତକ ନିମନ୍ତେ ସେଇ ଆଲୋକର ଝଲକ ସେବ' ଦେଖି ପାରିଛି ।

ଦୁହେଁ ଆଉ ଅଟକିଲେ ନାହିଁ ।

ସୋଫିଆ ପୁନର୍ବାର କହିଲା—ମୁଁ ଖୁବ୍ ଥକି ପଡ଼ିଲିଣି ପ୍ରଫେସର !

—ତାହେଲେ ତୁମେ ଫେରିଯାଇପାର ।

—ତା କେମିତି ହେବ ? ଆପଣ ତ' ମତେ ଏକ ନୂଆ ଦୁନିଆଁ ଦେଖାଇବା ଲାଗି କଥା ଦେଇଛନ୍ତି ।

—ସୁଭଗା, ବର୍ତ୍ତମାନର ଏଇ ଶୈତାମ୍ପି ଭରା ଦୁନିଆରେ ଠିଆହୋଇ ସେଇ ନୂଆ ଦୁନିଆ କଥା ଚିନ୍ତା କରିଯାଇ ନପାରେ । ମୁଁ ତୁମକୁ ଯେଉଁ ଦୁନିଆକୁ ନେଇ ଚାଲିଛି, ସେଠାରେ ପହଞ୍ଚିବା ପରେ

ତୁମେ ବୁଝିପାରିବ ତୁମକୁ ଯେମିତି ନବଜୀବନ ମିଳିଛି ।

ସୋଫିଆ ନୀରବରେ ଆଗେଇ ଚାଲିଲା । ତା ହାତର ଟର୍ଚ୍ଚ ଆଲୋକ ଦେଖାଇ ଚାଲିଛି ପ୍ରଫେସରଙ୍କୁ ।

ଦଶ ମିନଟ୍ ଆଗ୍ନର ଅନ୍ତର୍ବାହିତ ହୋଇଗଲା ।

ଏଣେ ପାନକ ହାଉସ୍‌ରେ ଏକ ସୁସଜ୍ଜିତ ଗୁପ୍ତ କକ୍ଷରେ ବସିରହି ସାମନାର ସ୍କ୍ରିନ୍ ଆଡ଼କୁ ଚାହିଁ ରହିଛି ସୋନାଲି । ପର୍ଦ୍ଦା ଉପରେ ପ୍ରଫେସର ଏବଂ ସୋଫିଆର ଛବି ଭାସି ଉଠିଛି ।

ସ୍କ୍ରିନ୍ ସାଥିରେ ସ୍ପିକର ମଧ୍ୟ ଚାଲୁ ରହିଛି । ପ୍ରଫେସରଙ୍କ କଣ୍ଠ ସ୍ୱର ଗୁଞ୍ଜି ଉଠିଲା—ସୁନେଲ୍ଲି ବସ୍ତିର ପୂଜାରୀ ତା'ର ଲକ୍ଷଣ ହାସଲ ନ କରିବା ପର୍ଯ୍ୟନ୍ତ ଆଗେଇ ଚାଲିବ । ଆମେ ଅଟକିବୁ ନାହିଁ ।

ସୋଫିଆ କହିଲା—ପ୍ରଫେସର, ମଙ୍ଗୋଲ ବସ୍ତିରେ ପହଞ୍ଚିବା ଲାଗି ଆମକୁ କେଇଦିନ ଲାଗିଯିବ ।

—ତାହେଲେ ବି' କରିବାର କିଛି ନାହିଁ । ମଙ୍ଗୋଲ ଜାତିର ମହା ପୂଜାରୀ ସମ୍ଭାଲୁ ଆମକୁ ଆଦେଶ ଦେଇଛନ୍ତି ଗୁପ୍ତ ରୂପରେ ସେଠାରେ ପ୍ରବେଶ କରିବାକୁ ପଡ଼ିବ । ତାଙ୍କ କଥାନୁସାରେ ମହାରାଣୀ କମାଲଙ୍କ ଦେଶରେ ପହଞ୍ଚିବା ଲାଗି ଆନନ୍ଦ ନଗରର

ପାହାଡ଼ ମଧ୍ୟରେ ଏକ ଘାଟି ରହିଛି । ସେଠାରେ ପହଞ୍ଚିବା ପରେ ସୋନାର ନାମକ ଜଣେ ଯୁବକ ଆମକୁ ନିଜେ ପାଖକୁ ଡକାଇ ନେବ ।

ସୋନାର ଚମକି ଉଠିଲା । ମହାପୂଜାରୀ ସମ୍ବାଲ୍, ମଙ୍ଗୋଲ ଜାତିର ମହାପୂଜାରୀ । ତାଙ୍କ ନାମ ଶୁଣିବା ମାତ୍ରକେ ଅନାୟାସରେ ସମସ୍ତଙ୍କ ମଥା ତଳକୁ ନଇଁ ଆସେ ।

ତେବେ ସୋନାରର ରାଷ୍ଟ୍ରୀୟତା ଅବଶ୍ୟ ମଙ୍ଗୋଲ ଜାତିଠାରୁ ଅଲଗା । ମହାରାଣୀ କମ୍ପାଲଙ୍କ ଦେଶର ସେ ବାସିନ୍ଦା, କିନ୍ତୁ ମଙ୍ଗୋଲ ପ୍ରଦେଶରେ ରହୁଛି । ସେ ଜାଣେ, ମହାପୂଜାରୀ ସମ୍ବାଲୁଙ୍କର ବହୁ ଅଣ ମଙ୍ଗୋଲ ଶିଷ୍ୟ ରହିଛନ୍ତି । ସେମାନଙ୍କୁ ସେ ନିଜ ପ୍ରଦେଶକୁ ବେଳେବେଳେ ଡକାଇ ନିଅନ୍ତି ।

ସାରା ମଙ୍ଗୋଲ ପ୍ରଦେଶରେ କେବଳ ମହାପୂଜକ ସମ୍ବାଲୁ ହିଁ ଏଭଳି ଏକ ବ୍ୟକ୍ତି ଯାହାଙ୍କୁ ମହାରାଣୀ କମ୍ପାଲଙ୍କର ନିକଟତମ ବୋଲି କହନ୍ତି । ତା'ର କାରଣ ଯାହା ବି ହେଉନା କାହିଁକି, କମ୍ପାଲ ଏବଂ ସମ୍ବାଲୁ ଦୁହିଁଙ୍କର ଏଇ ମଙ୍ଗୋଲମାନଙ୍କ ଉପରେ ପୂର୍ଣ୍ଣ ଆଧିପତ୍ୟ ରହିଛି । ଦୁଇଜଣଙ୍କର ହିଁ ଶାସନ ଚାଲିଛି କହିଲେ ଠିକ୍ ହେବ ।

ମହାପୂଜକ ସମ୍ବାଲୁ ଏଇ ପ୍ରଫେସରଙ୍କୁ ଗୁପ୍ତ ରୂପରେ ଡକାଇଛନ୍ତି । ଆଦେଶ ଦେଇଛନ୍ତି ସୋନାର

Deb's Library Corner...

ତାଙ୍କୁ ସ୍ୱୟଂ ଡାକ ନେବ । ଏକଥା ଶୁଣି ସୋନାଁଙ୍କ ଅବଶ୍ୟ ଆଶ୍ଚର୍ଯ୍ୟ ହେଲ ନାହିଁ । କାରଣ ମହାପୂଜକ ସମ୍ବାଲୁ ଜାଣିଛନ୍ତି, ଆନନ୍ଦ ନଗରର ପାହାଡ଼ ପ୍ରଦେଶର ପ୍ରବେଶ ଦ୍ୱାର ପାନକ ହାଉସର ଗୃହ ପାଖରେ ଟେଲଭିଜନ ଯନ୍ତ୍ର ଲଗିଛି । କୌଣସି ବ୍ୟକ୍ତି ସେଇ ପାହାଡ଼ କ୍ଷେତକୁ ଆସିଲେ, ସୋନାରର ଦୃଷ୍ଟିକୁ ଏଡ଼ାଇ ଯାଇ ପାରିବେନ ।

ତା' ଛଡ଼ା କୌଣସି ବ୍ୟକ୍ତିର କାନ୍ଧ ଉପରେ ସୁନେଲି ବସ୍ତ୍ରର ଉପସ୍ଥିତି ହିଁ ଜଣାଇ ଦେଉଛି ସେ ମହାପୂଜାରୀ ସମ୍ବାଲୁଙ୍କ ଶିଷ୍ୟ ।

ହଠାତ୍ ପାଖରେ ଥିବା ସୁଇଚ ବୋର୍ଡ଼ର ଗୋଟାଏ ସୁଇଚ୍ ଅନ୍ କରି ଇଣ୍ଟରକମରେ ସୋନାଶ କହିଲ—ମେନ୍ ଗେଟ୍ ଖୋଲ ଦିଅ । ଲଇଟ୍ ଅନ୍ କରିଦିଅ ।

ଅପର ପାର୍ଶ୍ୱରୁ ଶୁଣାଗଲ—ଠିକ୍ ଅଛି, ମାଡ଼ାମ୍ !

—ସେଇ ଆଲୋକ ଦେଖି ଏଠିକି ଜଣେ ବୃଦ୍ଧ ଏବଂ ଜଣେ ଯୁବକ ଆସିବେ । ମନେ ରହେ ଯେମିତି, ସେହି ବୃଦ୍ଧ ଏବଂ ମହାପୂଜାରୀ ସମ୍ବାଲୁଙ୍କ ଶିଷ୍ୟ ।

—ଆଉ କୌଣସି ଆଦେଶ ?

—ସେମାନଙ୍କୁ ଗେଷ୍ଟ ହାଉସରେ ବେଶ୍ ସମ୍ମାନ ସହକାରେ ପହଞ୍ଚାଇ ଦିଅ । ମୁଁ ସେମାନଙ୍କୁ କାଲି ଦେଖା କରିବ ।

ଯୋଗାଯୋଗ ବିଛିନ୍ନ କରିଦେଲି ସୋନାରି । ତା'ପରେ ଦୃଷ୍ଟି ଫେରାଇ ଆଣିଲି ସ୍କ୍ରିନ୍ ଉପରକୁ । ଦେଖାଗଲା, ପ୍ରଫେସର ଏବଂ ସୋନାରି ଏବେ ମଧ୍ୟ ଆଗେଇ ଆସୁଛନ୍ତି ।

'ପାନକ ହାଉସ'ରେ ଯେତେ ଜଣ ରୂପବତୀ ଯୌବନାବତୀ ଯୁବତୀ ରହିଛନ୍ତି, ସେମାନଙ୍କର ଇନ-ଚାର୍ଜର ନାମ ବ୍ରୁଷ୍ଟା । ସେ ୟୁରୋପିଆନ ଯୁବତୀ । ଦେହରେ ତା'ର ଯୌବନର ମାଦକ ଆକର୍ଷଣ । କେବଳ ସେତିକ ନୁହେଁ, ସେ ଥିଲା ସୋନାରିର ନିକଟତମ ବାନ୍ଧବୀ ।

ପାଲ ଠାକୁରର ଲୋଲୁପ ଦୃଷ୍ଟି ବ୍ରୁଷ୍ଟା ଉପରେ । ରାହୁଲ ମନେ ମନେ ବ୍ରୁଷ୍ଟାର ଯୌବନ ଚାହେଁ । ଦୁହେଁ ତା' ଉପରେ ଆସକ୍ତ । ତେବେ ନିଜ ଉଦ୍ଦେଶ୍ୟରେ ଏପର୍ଯ୍ୟନ୍ତ ପାଲ ଠାକୁର କମ୍ବା ରାହୁଲ କେହି ହେଲେ ସଫଳ ହୋଇପାରି ନାହାନ୍ତି । ବାସ୍ତବରେ ବ୍ରୁଷ୍ଟାର କାମ ହେଲା, ସେଇ ସବୁ ମନୋରଞ୍ଜନକାରିଣୀ ଯୁବତୀ-ମାନଙ୍କର ଦେଖା ଶୁଣା କରିବା ଏବଂ ଯେଉଁମାନେ 'ପାନକ୍ ହାଉସ'ର ଗୋଲାମ ସେମାନଙ୍କ ପାଖକୁ ପଠାଇବା ।

କିନ୍ତୁ ନିଜ ଦେହ ସ୍ପର୍ଶ କରିବାର ଅନୁମତି କାହାକୁ ହେଲେ ଦେଇନି ବ୍ରିଷ୍ଟା । ତା'ର ଅବଶ୍ୟ କାରଣ ରହିଛି । ବଣମଣିଷ ଶିକାରୁ ଆସିଛି ସୋନାରିର ମହାପୂଜା କରିବା ପାଇଁ । କିନ୍ତୁ ମହାରାଣୀ କମ୍ପାଲଙ୍କ ନିକଟରୁ ସେ କୌଣସି ପୁରୁଷ ସାଥିରେ କାମୁକ ସମ୍ପର୍କ ସ୍ଥାପନ କରିବାର ଅନୁମତି ପାଇନି । କାରଣ ସେ ସମ୍ବାଲୁ ସଂପ୍ରଦାୟର ସଦସ୍ୟା ।

ମହାପୂଜାରୀ ସମ୍ବାଲୁଙ୍କର ନିଜସ୍ୱ ସଂପ୍ରଦାୟ ରହିଛି ଅବଶ୍ୟ । ମଙ୍ଗୋଲ ପ୍ରଦେଶର ପ୍ରତ୍ୟେକ ବ୍ୟକ୍ତି ସମ୍ବାଲୁ ଭକ୍ତ । କିନ୍ତୁ ସମ୍ବାଲୁ ସଂପ୍ରଦାୟର ସଦସ୍ୟାଙ୍କ ନିମନ୍ତେ କାମ ବାସନାରୁ ମୁକ୍ତ ରହିବା ଅନିବାର୍ଯ୍ୟ ।

ସୋନାରି ! ବୟସର ଯେ ପର୍ଯ୍ୟନ୍ତ ମଙ୍ଗୋଲ ପ୍ରଦେଶରେ ରହିଛି, ସେ ପର୍ଯ୍ୟନ୍ତ ନିଜ ଦେହ ମନ ଉପରେ କୌଣସି ପ୍ରକାରେ ନିୟନ୍ତ୍ରଣ ରଖିଛି । କିନ୍ତୁ 'ପାନିକ ହାଉସ'ର ଅଧିକାରିଣୀ ହେବା ପରେ ତା' ଦେହରେ ସେଇ ଜ୍ୱାଳା ଅସହ୍ୟ ହୋଇ ଉଠିଲା । ବଣମଣିଷ ଶିକାରୁ ବ୍ରିଷ୍ଟା ସୁରକ୍ଷିତ । ମହାରାଣୀ ସେଇଭଳି ଆଦେଶ ସୋନାରିକୁ ଦେଇଛନ୍ତି । ପାନିକ୍ ହାଉସକୁ ଆସିବା ପରେ ବେଶ୍ ଘନିଷ୍ଠ ବନ୍ଧୁତ୍ୱ ସୋନାରି ଗଢ଼ି ତୋଳିଲା ବ୍ରିଷ୍ଟା ସାଙ୍ଗରେ । ମନେ ମନେ ଏକ ଯୋଜନା ଗଢ଼ି ବସିଲା ସୋନାରି ।

ଏବେ ଦୁହେଁ ଏକାନ୍ତ କକ୍ଷରେ ବସି କଥାବାର୍ତ୍ତା କରୁଛନ୍ତି । ରାତ୍ରୀର ସ୍ତବ୍ଧତା ଘେରି ରହିଛି ଚତୁର୍ଦ୍ଦିଗରେ ।

ବର୍ଷ୍ଣା ସେତେବେଳେ ମେକ୍‌ଅପ୍ ନେଉଛି । ଶିକାରୁର ଶଯ୍ୟା ସଙ୍ଗିନୀ ହେବାକୁ ପଡ଼ିବ ତାକୁ । ଶୁକ୍ଳପକ୍ଷ ଏବଂ କୃଷ୍ଣ ପକ୍ଷର ପ୍ରତିଟି ସପ୍ତମୀ ତିଥିରେ ଏଇ କାର୍ଯ୍ୟକ୍ରମ ଚାଲେ । ସୋନାଲୀର ସାରା ଦେହରେ ବାସନାର ଦାହ । ହଠାତ୍ ସୋନାଲୀ ପ୍ରଶ୍ନ କଲା—ଆଜି ରାହୁଲ ପାଖରେ କେତେଜଣ ଯୁବତୀ ଅଛନ୍ତି ?

ବର୍ଷ୍ଣା କହିଲା—କେବଳ ଜଣେ । ସେ ଜଣକୁ ସାଥୀ କରିବାଲାଗି ପସନ୍ଦ କରେ ।

—ଆଉ ତା'ର ସାଥୀମାନଙ୍କ ପାଖରେ ?

—ଆଜି ରାତିରେ ତା'ର ତିନିଜଣ ଚେଲା ପାର୍କ୍ ହାଉସରେ ଅଛନ୍ତି ।

ତିନିଜଣଙ୍କ ପାଖରେ ସୁରା ଆଉ ସୁନ୍ଦରୀ ଅଛନ୍ତି । ପ୍ରତ୍ୟେକଙ୍କ ନିକଟରେ ଜଣେ ଲେଖାଏଁ ଯୁବତୀ ।

—ଆଉ ପାଲ ଠାକୁର ପାଖରେ ?

—ଆଠ ଜଣ ଯୁବତୀ ।

—ଏତେ ଜଣଙ୍କୁ ନେଇ ସେ କ'ଣ କରିବ ?

—ଆସ୍ୱର କରୁଥିବ ।

ଏଇଭଳି ଉତ୍ତର ପାଇବ ବୋଲି ଆଶା କରିଥିଲା ସୋନାରି । କ୍ରିଷ୍ଟା ଆଖିରେ ଆଖି ମିଳାଇଲା ସେ । ଗୋଟାଏ ହାତ ରଖିଲା ତାଁର କାନ୍ଧ ଉପରେ । ପ୍ରତି ପନ୍ଦର ଦିନରେ ଥରେ ଲେଖାଏଁ ଶିକାରୁର ଶଯ୍ୟା ସଙ୍ଗିନୀ ହୁଏ କ୍ରିଷ୍ଟା ଶୁକ୍ଳପକ୍ଷ ଏବଂ କୃଷ୍ଣପକ୍ଷର ସପ୍ତମୀ ତିଥିରେ । ଆଜି କୃଷ୍ଣପକ୍ଷର ସପ୍ତମୀ ତିଥି । ଶିକାରୁ ସନ୍ଧ ସେଇ ସୁଖ ଦାୟକ ମୁହୂର୍ତ୍ତ କଳ୍ପନା ରଙ୍ଗୀନ କରି ଢୋକାଉଛି କ୍ରିଷ୍ଟା ମନକୁ । ସୋନାରିର ହସ୍ତ ସ୍ପର୍ଶରେ ଚମକି ଉଠିଲା ସେ । ସେ ଜାଣେ ସୋନାରି ସମ୍ଭାଲୁ ସମ୍ପ୍ରଦାୟର ଦୀକ୍ଷା ନେଇ ସାରିଛି । କିନ୍ତୁ ଏଇ ମୁହୂର୍ତ୍ତରେ ସୋନାରିର ବ୍ୟଥା ସେ ଠିକ୍ ବୁଝି ପାରିଲା ।

ସୋନାରିର ଗୋଟିଏ ହାତ ଛୁପିଧରି ମୃଦୁ ହସି କହିଲା—କ'ଣ ହେଲା ?

ସୋନାରି କୌଣସି ଉତ୍ତର ନ ଦେଇ ଦୁଇ ହାତରେ ହଠାତ୍ ଜାବୋଡ଼ି ଧରିଲା କ୍ରିଷ୍ଟାକୁ । ବାସ୍, ତା'ପରେ ବାନ୍ଧବୀ ଲାଗି ତ୍ୟାଗ କରିବାକୁ ପ୍ରସ୍ତୁତ ହେଲା କ୍ରିଷ୍ଟା । ଶିକାରୁର ଭାଗ୍ୟ ଜାଗି ଉଠିଲା ଏଥର । ମାସକୁ ଦୁଇଥର ବଦଳରେ ଚାରିଥର ଏଣିକି ସୁଖ ଆଉ ସୁନ୍ଦରୀ ମିଳିଲା ତାକୁ । ପ୍ରତି ଅମାବାସ୍ୟାରେ କ୍ରିଷ୍ଟା ଏବଂ ପୂର୍ଣ୍ଣିମା ରାତିରେ ସାଜ ଶୃଙ୍ଗାର ଆରମ୍ଭ କରିବସେ ସୋନାରି ।

ସବୁ କିଛି ଠିକ୍ ଠାକ ଚାଲୁଛି । କିନ୍ତୁ ହଠାତ୍ ଦିନେ କ୍ରିଷ୍ଟା ମନଖୋଲି କହିଲା, ଶିକାରୁ ପ୍ରତି ତା'ର ବିତୃଷ୍ଣା ଆସିଲାଣି । ବଣମଣିଷ ଯାହା ହେଲେବି କଥାବାର୍ତ୍ତା କରିପାରେନି । ଦିନେ ରାତିରେ ନିଜ ବଦଳରେ କ୍ରିଷ୍ଟା ଆଉ ଜଣେ ଯୁବତୀକୁ ପଠାଇଦେଲା ଶିକାରୁ ପାଖକୁ ।

କିନ୍ତୁ ପରଦିନ ସକାଳେ ଶିକାରୁର କୋଠରୀ ଭିତରେ ମିଳିଲା ସେଇ ଯୁବତୀର ପ୍ରାଣହୀନ ଦେହ । ଖବର ପାଇବା ମାତ୍ରକେ ସୋନାରା ଚମକି ଉଠିଲା । କ୍ରିଷ୍ଟାକୁ ଗୋଟାଏ କୋଣକୁ ନେଇ ଆସି କହିଲା— କ୍ରିଷ୍ଟା, ଶିକାରୁ ବଣମଣିଷ । ଆଘ୍ରାଣ ନେଇ ସେ ବୁଝି ନେଇଛି ସେଇ କଳିକୁ ପୂର୍ବରୁ ଭ୍ରମର ରସ ପାନକରି ସାରିଛି ।

କ୍ରିଷ୍ଟା ଠିକ୍ ବୁଝିପାରିଲା । ଶିକାରୁ ନିକଟକୁ କୁମାରୀ ଅବସ୍ଥାରେ ଯାଇଥିଲା ସେ । ସୋନାରାର ମଧ୍ୟ ସେଇ ଅବସ୍ଥା । କିନ୍ତୁ ଶିକାରୁ ନିକଟରୁ ଦୂରେଇ ରହି ପାରିଲାନି କ୍ରିଷ୍ଟା । ଅଥଚ ବଣମଣିଷ ପ୍ରତି ବିତୃଷ୍ଣା ଜାଗିଛି ତା ମନରେ । ଶିକାରୁର କଳ୍ପନା ମାତ୍ରେ ହିଁ ତା'ଠାରେ ଶିହରି ଉଠେ ତା'ର ଦେହ । କିନ୍ତୁ···ଚିନ୍ତିତ ହୋଇ ଉଠିଛି କ୍ରିଷ୍ଟା । ନିଜ ବଦଳରେ ସେ କୁମାରୀ କଳି ଆଣିବ ବା କେଉଁଠୁ ?

ଏହି ସମୟରେ ସୋଫିଆ ପାଦ ଦେଲା ପାନକ୍ ହାଉସରେ । ସୋନାର ଠାରୁ ଜଣାଗଲା, ଏହି ଯୁବତୀର ନାମ ସୁଭଗା । ସୋଫିଆକୁ ଦେଖିବା ପରଠାରୁ ତାକୁ ନେଇ ଯୋଜନା କରି ବସିଛି କ୍ରିଷ୍ଟା । ଶେଷରେ— ଅବଶ୍ୟ ସୋନାରକୁ ନିଜର ଯୋଜନା ସମ୍ପର୍କରେ କ୍ରିଷ୍ଟା କିଛି କହିଲନି । କାରଣ ସେ ଜାଣେ, ସମ୍ଭାଲୁ ସମ୍ପ୍ରଦାୟର ଜଣେ ଶିଷ୍ୟା ନିଜର କୁମାରୀତ୍ୱ ହରେଇ ବସିବ ଏକଥା ସୋନାର ଆଦୌ ସହିଁବନି ।

ସୁଯୋଗ ମିଳିଗଲା । ପ୍ରଫେସର, ସୋନାର ସହିତ ସାକ୍ଷାତ କରିବାକୁ ଯାଇଛନ୍ତି । କକ୍ଷ ମଧ୍ୟରେ ସୋଫିଆ ଏକା । କ୍ରିଷ୍ଟା ଭିତରେ ପାଦ ଦେବା ମାତ୍ରକେ ଚମକି ଉଠିଲା ସୋଫିଆ । ଏଠାରେ ବିଦେଶୀ ଯୁବତୀଙ୍କର କାମ କ'ଣ ସେକଥା ପ୍ରଫେସରଙ୍କ ନିକଟରୁ ସୋଫିଆ ଆଗରୁ ଶୁଣିଛି ।

କ୍ରିଷ୍ଟା ପାଖକୁ ଆସି ପ୍ରଶ୍ନ କଲା—ତୁମେ ସୁଭଗା ନା ? ପ୍ରଫେସର ଦାଣ୍ଡେଙ୍କ ସାଥିରେ ନୂଆ ଦୁନିଆ ଦେଖିବାକୁ ଆସିଛ ?

ବିନୋଦ ସାଙ୍ଗରେ ରହି ସୋଫିଆ କିନ୍ତୁ କାହାର ଚରିତ୍ର ଅଧ୍ୟୟନ କରିନେବାରେ ଦକ୍ଷ ହୋଇ ଉଠିଛି । କ୍ରିଷ୍ଟାକୁ ଦେଖିବା ପରେ, ତା'ର କଣ୍ଠସ୍ୱର ଶୁଣି କ୍ରିଷ୍ଟାର ଚରିତ୍ର ସମ୍ପର୍କରେ ଧାରଣା କରିନେବାକୁ

କୌଣସି ଅସୁବିଧା ହେଲାନି ସୋଫିଆର । ମସ୍ତିଷ୍କ ତା'ର ଦ୍ରୁତ ଚିନ୍ତା କରି ଗ୍ଲାଲିଛି ।

କ୍ରିଷ୍ଟାର ପ୍ରଶ୍ନ ଶୁଣି ସେ କହିଲା—ନୂଆ ଦୁନିଆର ମୋହରେ ପୁରୁଣା ଦୁନିଆକୁ ଛାଡ଼ି ଆସିଛି ମାଡାମ୍ । ଆଚ୍ଛା, ମୁଁ ଆପଣଙ୍କ ନାଁ ପଚାରିପାରିବି ?

—ମତେ କ୍ରିଷ୍ଟା ବୋଲି ଡାକିପାରି ।

ସୋଫିଆ ହାତ ଆଗକୁ ବଢ଼ାଇ ଦେଇ ଆନନ୍ଦୋଚ୍ଛଳ କଣ୍ଠରେ କହିଲା—ଖୁବ୍ ସୁନ୍ଦର ନାଁ । ତୁମେ ନିଜେ ବି ଖୁବ୍ ସୁନ୍ଦରୀ । ତୁମକୁ ଦେଖିଲା ପରେ ପୁରୁଷଙ୍କ, ହୃତ୍ସ୍ପନ୍ଦନ ଥମି ଯାଉଥିବ······

କ୍ରିଷ୍ଟା ଓଠରେ ହସ ଫୁଟି ଉଠିଲା । ସେ ସ୍ୱପ୍ନରେ ସୁଦ୍ଧା ଚିନ୍ତା କରି ପାରି ନଥିଲା, ଏଇ ଯୁବତୀ ଏତେ ସ୍ମାର୍ଟ ହୋଇଥିବ । ତା'ର ମନେ ହେଲା ନିଜର ଯୋଜନା ନିଶ୍ଚୟ ସଫଳ ହୋଇଯିବ । କିନ୍ତୁ ଅନ୍ୟ କିଛି ଭାବି ସେ ପଚାରି ବସିଲା—ତୁମେ ତ, ଖୋଲା ଦୁନିଆରେ ରହୁଛ । ଜୀବନର ପ୍ରତିଟି କ୍ଷେତ୍ରରେ ପୁରୁଷଙ୍କ ସଂସ୍ପର୍ଶରେ ଆସୁଥିବ । ସେମାନଙ୍କର ଶିକାର ହୋଇ ପଡ଼ିନ ତ ?

ସୋଫିଆ ହସି କହିଲା—ସେକଥା ଆଉ ପଚାରନା । [illegible] କାରଣ ମୋ ଜୀବନରେ ନ ଆସିଥିଲେ ପୁରୁଷ

ଦଳ ହୁଏତ ମୋ' ଯୌବନକୁ ଗ୍ରାସ କରି ସାରନ୍ତେଣି । ତେବେ ବର୍ତ୍ତମାନ ମୁଁ କିନ୍ତୁ......

—କ'ଣ ?

—ଛାଡ଼ ସେକଥା । ନ ହେଲେ ତୁମେ ଭାବିବ ମୁଁ ପୁରାପୁରି ନିଲଜ୍ଜ ଯୁବତୀ ।

ସୋଫିଆକୁ ଧୀରେ ଧୀରେ ଆପଣାର କରିବାକୁ ଚେଷ୍ଟାକଲା ବ୍ରଷ୍ଟା । ହାତ ଆଣି ସୋଫିଆର ଓଠ ଉପରେ ରଖିଲା । ସେ କିନ୍ତୁ ପରକ୍ଷଣରେ ତା' ହାତ ଘୁଞ୍ଚାଇ ଦେଇ ସୋଫିଆ ମତୁଆଳି କଣ୍ଠରେ କହିଲା— କ'ଣ ମନରେ ନିଆଁ ଲଗିଲା ନା କ'ଣ ?

ସୋଫିଆ ଗଳାରେ ନିଜର ମୃଣାଳ ନିନ୍ଦିତ ବାହୁ-ଯୁଗଳ ଘେରାଇ ଆଣି ବ୍ରଷ୍ଟା କହିଲା—ତୁମ ନିଜ କଥା କୁହ.....

—ମୁଁ କହୁଛି ନା, ବର୍ତ୍ତମାନ ଆଉ କିଛି ଲାଭ ନାହିଁ । ପ୍ରଫେସର ମତେ ଗୋଟାଏ ମୁହୂର୍ତ୍ତ ଲାଗି ମଧ୍ୟ ଏକା ରହିବାକୁ ଦେଉ ନାହାନ୍ତି ।

ଖୁସିରେ ଉଛୁଳି ଉଠିଲା ବ୍ରଷ୍ଟା । କହିଲା—ତା' ହେଲେ ତୁମେ ପ୍ରଫେସରଙ୍କ ସାଙ୍ଗରେ ବାହାରି ପଡ଼ିଲ କେମିତି ?

—କିଛି କହି ପାରୁନି ବ୍ରଷ୍ଟା । ଦଶଦିନ ଆଗରୁ ଦେଖାହେଲା ପ୍ରଫେସରଙ୍କ ସାଙ୍ଗରେ । ମାଙ୍ଗୋଲି ପ୍ରଦେଶ

ଆସିବାକୁ ନିମନ୍ତ୍ରଣ ଦେଲେ ସେ । ଆଉ ମୁଁ ତାଙ୍କ ଆଦେଶକୁ ଏଡ଼ାଇ ପାରିନି । ମଙ୍ଗୋଲ ପ୍ରଦେଶ ସମ୍ପର୍କରେ ଅନେକ ଅଦ୍ଭୁତ କଥା ମୁଁ ଶୁଣିଛି ତାଙ୍କ ପାଖରୁ । ଇଚ୍ଛା ହୁଏ, ମୋର ଯଦି ଡେଣା ଲାଗି ଯାଆନ୍ତା, ତା'ହେଲେ ମହାରାଣୀ କମଲାଙ୍କ ପାଦତଳେ ଯାଇ ହାଜର ହୋଇ ଯାଆନ୍ତି ।

—ସେଠି ବି ତୁମ ଦେହରେ ନିଆଁ ……

ହଠାତ୍ ତାକୁ ଥମାଇ ଦେଇ ସୋଫିଆ କହିଉଠିଲା —ଚୁପ୍ ! ପ୍ରଫେସର ଆସୁଛନ୍ତି ।

ବ୍ରିଷ୍ଟା ଗୁମା କଣ୍ଠରେ କହିଲା—ତୁମେ ଯେପର୍ଯ୍ୟନ୍ତ ଏଠାରେ ରହିଛ, ସେ ପର୍ଯ୍ୟନ୍ତ ଏଇ ଜ୍ୱାଳାରେ ମୁଁ କିନ୍ତୁ ତୁମକୁ ଛଟପଟ ହେବାକୁ ଦେବିନି ।

ସୋଫିଆ ହସିଲା, ବ୍ରିଷ୍ଟା ଦ୍ରୁତ ପଦରେ ବାହାରି ଚାଲିଗଲା ଅନ୍ୟ କୋଠରୀକୁ ।

ଦୁଇଜଣ ଯୁବତୀ ନିଜ ନିଜ ଲକ୍ଷ୍ୟରେ ସଫଳ । ସୋଫିଆ ସନ୍ତୁଷ୍ଟ । ଅନ୍ତତଃ ପାନିକ୍ ହାଉସ୍ ସମ୍ବନ୍ଧରେ ଅନେକ କିଛି ସେ ବ୍ରିଷ୍ଟା ନିକଟରୁ ଜାଣି ପାରିବ । ଆଉ ବ୍ରିଷ୍ଟା ମନେ ମନେ ଖୁସି ସେ ସୋଫିଆକୁ ନିଜର ଗୁପ୍ତ ବାନ୍ଧବୀ କରି ପାରିଛି । ତା' ବଦଳରେ ସୋଫିଆକୁ ପଠାଇ ପାରିବ ବଣମଣିଷ ନିକଟକୁ ।

ପଥର ଉପରେ ପ୍ରଫେସରଙ୍କ ପଦଚାପ ଧୀରେ ଧୀରେ ପାଖେଇ ଆସୁଛି । ପାଦରେ କାଠର କଟୋଉ

ପିନ୍ଧିଛନ୍ତି ପ୍ରଫେସର । ନିଜର ପୋଷାକ ସଜାଡ଼ି ନେଇ ଅପେକ୍ଷା କରିବାକୁ ଲାଗିଲା ସୋଫିଆ । ମସ୍ତିଷ୍କ ତା'ର ଦ୍ରୁତ କାର୍ଯ୍ୟ କରି ଚାଲିଛି ।

ରେଣୁବାଳା ବେଶ୍ ବିଚିତ୍ର ଯୁବତୀ । ତାକୁ ବୁଝିବାଲାଗି ଅସମର୍ଥ ହୋଇ ପଡ଼ିଲା ବିନୋଦ । ତା'ର ଧାରଣା, ରେଣୁ କୌଣସି ଡକ୍ଟର ଜୁଲିଅସଙ୍କ କନ୍ୟା ନୁହେଁ । କେବଳ ତାକୁ ଧୋକ୍‌ସା ଦେବାଲାଗି ଏଭଳି ଅଭିନୟ କରୁଛି ।

ହଠାତ୍ ଦିନେ ବିନୋଦ ଲକ୍ଷ୍ୟ କଲା, ରେଣୁ ତା'ର ରୁମ୍ ଛାଡ଼ି ଅନ୍ୟ କେଉଁଆଡ଼େ ଚାଲିଯାଇଛି । କୁଆଡ଼େ ଯାଇଛି ସେକଥା କେହି ହେଲେ ଜାଣିପାରିଲେନି । ଅନେକ ହୋଟେଲରେ ସନ୍ଧାନ ନେଲା ବିନୋଦ । କିନ୍ତୁ କେଉଁଠାରେ ହେଲେ ରେଣୁର ସନ୍ଧାନ ମିଳିଲାନି । ରେଣୁ ଏକ ପ୍ରଶ୍ନ ହୋଇ ରହିଗଲା ବିନୋଦ ନିକଟରେ ।

ଟ୍ରାନ୍ସମିଟରରେ ସୋଫିଆ ଇତି ମଧ୍ୟରେ ବିନୋଦକୁ ଜଣାଇଛି, ପାଲଙ୍କ୍ ହାଉସ୍‌ରେ ଡକ୍ଟର ଗୁଡ଼ବନ୍ ବନ୍ଦୀ ଅଛନ୍ତି । ପାଲ୍ ଠାକୁର ମଧ୍ୟ ସେଇଠି । ଅବଶ୍ୟ ଏପର୍ଯ୍ୟନ୍ତ ସୋଫିଆର ପାଲ୍ ଠାକୁର ସହିତ

ଦେଖା ହୋଇନ । ଦେଖା ହେଲେବି କିଛି ଅସୁବିଧା ନାହିଁ । କାରଣ ସୋଫିଆ ବର୍ତ୍ତମାନ ଛଦ୍ମ ବେଶରେ ରହିଛି ।

ରାତି ପ୍ରାୟ ଆଠଟା ପାଖାପାଖି ହେବ । ରଞ୍ଜିତ କ୍ଲବ୍‌ର କଲ୍ ରୁମ୍‌ରେ ପହଞ୍ଚିଲା ବିନୋଦ । ଅନେକ ନାରୀ ପୁରୁଷ ସଙ୍ଗୀତର ଗାନ ତାଳେ ତାଳେ ନୃତ୍ୟ କରିବାରେ ମଗ୍ନ । କ'ଣ କରିବ ବିନୋଦ ଚିନ୍ତା କରୁଛି, ଏତିକିବେଳେ ପଛ ପାଖରୁ ଭାସି ଆସିଲା ନାରୀ କଣ୍ଠସ୍ୱର —ଶୁଣିବେ ?

ଫେରି ଚାହିଁଲା ବିନୋଦ । ଜଣେ ବିଦେଶୀ ଯୁବତୀ ଠିଆହୋଇଛି । ଯୁବତୀର ବେଶଭୂଷା, ଭାବଭଙ୍ଗୀ ଦେଖି ସହଜରେ ବୁଝି ହୁଏ, ସେ ଜୀବନର ରଙ୍ଗୀନ ମୁହୂର୍ତ୍ତକୁ ଅନେକ ଆଗରୁ ଉପଭୋଗ କରି ସାରିଛି । ବିନୋଦ କହିଲା—କୁହନ୍ତୁ, ଆପଣ ମତେ କିଛି କହିବାକୁ ଚାହାନ୍ତି ?

ଯୁବତୀ ଆଖିରେ ଚମକ ତୀବ୍ର ହୋଇ ଉଠିଲା । ଓଠରେ ହସ ଫୁଟାଇ କହିଲା—ଡ୍ୟାନ୍‌ସ, ପ୍ଲିଜ୍‌……

—ଓ୍ୱେ !

ଦୁହେଁ, କଲ୍ ରୁମ୍ ଆଡ଼କୁ ଆଗେଇ ଗଲେ । ଯୁବତୀ ଗୁଲୁ ଗୁଲୁ ପଚାରିଲା –ଆପଣଙ୍କ ନାଁ ?

—ବିନୋଦ ! ଆପଣଙ୍କର ?

—ମାନେ ! ଆପଣ ମିଲମାର ସଂକ୍ଷିପ୍ତ ବୋଲି ଧରି ନିଅନ୍ତୁ ।

—ନାଁଟା ଆପଣଙ୍କ ଭଳି ତୀକ୍ଷ୍ଣ ।

—କାମ ମଧ୍ୟ ତା'ଠାରୁ ଆହୁରି ବେଶୀ ତୀକ୍ଷ୍ଣ । ମାନେ ମୁଁ ଆନନ୍ଦ ନଗରର ବଡ଼ ବଡ଼ ସେଠ୍‌ମାନଙ୍କୁ ଗୋଲାମ୍ ବନେଇ ଦେଇଛି ।

ବିନୋଦ ଚମକି ଉଠିଲା । ସାଙ୍ଗର ଏଇ ଯୁବତୀଟି ସତରେ ବଡ଼ ବିଚିତ୍ର । ଯେକୌଣସି ଯୁବତୀ ସେ ଯେତେ ପତିତା ହୋଇଥାଉ ନା କାହିଁକି କୌଣସି ପୁରୁଷକୁ ପ୍ରଥମ ସାକ୍ଷାତରେ ଏସବୁ କଥା କହି ପାରେନା ।

ବିନୋଦ ମୃଦୁ ହସି କହିଲା—ସେଠ୍‌ମାନଙ୍କୁ ଗୋଲାମ୍ କରି ଦିଅନ୍ତି ମାନେ ?

—ବାଃ, ଆପଣ ବୁଝିପାରିଲେନି ବୋଲି ମୁଁ ବିଶ୍ୱାସ କରୁନି ?

—ସତରେ କିନ୍ତୁ ମୁଁ ବୁଝିପାରିନି ।

—ତାହେଲେ ଦଶମିନିଟ୍ ମୋ ସାଙ୍ଗରେ ଡ୍ୟାନ୍ସ କରନ୍ତୁ ସବୁ ବୁଝିଯିବେ ।

ଆଉ ସତରେ ହିଁ ଦଶ ମିନିଟ୍‌ର ନୃତ୍ୟ ପରେ ଠିକ୍ ବୁଝିପାରିଲା ବିନୋଦ । ଜୀବନରେ ବଡ଼ ବଡ଼ ତୋଫାନ ଦେଖିଛି । ହେଲେ ଏଭଳି ତୋଫାନର ସମ୍ମୁଖୀନ ସେ କେବେ ହୋଇନଥିଲା । ମିଟିଲା ଯେ ବେଶ

ନର୍ତ୍ତକୀ ପ୍ରକୃତରେ ଯୁବକଟି ସେକଥା ବୁଝିବା ଲାଗି ତା'ର ଅସୁବିଧା ହୋଇନ ।

ନୃତ୍ୟ କରୁ କରୁ ହଠାତ୍ ଥମିଗଲା ସେ । ବିନୋଦ ମଧ୍ୟ ଅଟକିଗଲା ।

—ମୁଁ ଖୁବ୍ ଥକି ଗଲିଣି ।

—ଆସ, ଯିବା ।

ନିଜ ରୁମ୍ କୁ ମାଲ୍ତୀକୁ ନେଇ ଆସିଲା ବିନୋଦ । କିନ୍ତୁ ରୁମ୍ ନମ୍ବର ତିରିଶକୁ ନୁହେଁ, ରୁମ୍ ନମ୍ବର ବାଇଶିକୁ । ରୁମ୍‌ର ଡୁପ୍ଲିକେଟ୍ ଚାବି ବିନୋଦ ନିକଟରେ ଅଛି । ବିନୋଦର ନିଜ ରୁମ୍‌ରେ ସୋନାର ଦ୍ୱାରା ଲଗାଯାଇଥିବା ଟ୍ରାନ୍‌ସମିଟରର ତା'ର ଏବେ ମଧ୍ୟ ବିସ୍ତ ହୋଇ ରହିଛି । ଆଜି ସେଇଥିପାଇଁ ସେ ମାଲ୍ତୀକୁ ନେଇ ଆସିଛି ରେଣୁ ରୁମ୍‌କୁ ।

ବିନୋଦ ପଚାରିଲା—କ'ଣ ପିଇବ ? କୋଲ୍ଡ଼ ଡ୍ରିଙ୍କ୍ ନା କଫି ? ମାଲ୍ତୀ କଟୁଟା ତୀକ୍ଷଣ କଣ୍ଠରେ କହି ଉଠିଲା—ତୁମେ ପୁରୁଷ ନା ନୁହଁ ? ଏମିତି ନିର୍ଜନ କକ୍ଷରେ କୌଣସି ପୁରୁଷ ଜଣେ ଯୁବତୀକୁ କୋଲ୍ଡ଼ ଡ୍ରିଙ୍କ୍ କଥା କହିପାରେ ?

ବିନୋଦର ଇଚ୍ଛା ହେଲା ଖୁବ୍ ଜୋର୍‌ରେ ଗୋଟାଏ ଗୁମୁଣ୍ଡା ସେ ବସାଇ ଦିଅନ୍ତା ମାଲ୍ତୀ ଗାଲରେ । କିନ୍ତୁ ନିଜକୁ ସମ୍ଭାଳି ନେଇ କହିଲା—ଠିକ୍ ଅଛି । ଦେଶୀ ନା ବିଦେଶୀ ପାନୀୟ ?

ମାଟେଲର ଓଷ୍ଠ ଫାଙ୍କରେ ହସ ଫୁଟି ଉଠିଲ । ତା'ର ଦୃଷ୍ଟି ପଡ଼ିଲ ସାମନା ହାଙ୍ଗରରେ ଟଙ୍ଗା ହୋଇଥିବା ଟେରିଗୁର ପୋଷାକ ଉପରେ । କହିଲ--ତୁମ ସାଙ୍ଗରେ ତୁମ ସ୍ତ୍ରୀ ଅଛନ୍ତି ନା କ'ଣ ?

ବିନୋଦ ପ୍ରଶ୍ନର ଉଦ୍ଦେଶ୍ୟ ବୁଝିପାରିଛି । କହିଲ —ମୁଁ ବ୍ରହ୍ମଚାରୀ ହୋଇ ଜନ୍ମ ହୋଇଛି । ମରିବ ବି ସେମିତି ।

ଆଶ୍ଚର୍ଯ୍ୟ ହେବାର ଅଭିନୟ କରି ମାଟେଲ କହିଲ— ଆଗ୍ଣ, ତୁମେ ବ୍ରହ୍ମଚାରୀ ହୋଇ ଜନ୍ମ ନେଇଛ ? ମୁଁ ଭାବିଥିଲି ଜନ୍ମହେଲା ବେଳେ ତୁମେ ଆଠଦଶଟା ପିଲାଙ୍କର ବାପା ହୋଇଥିବ ।

ବିନୋଦ ଚୁପ୍ ରହିଲ, ମାଟେଲ ପୁନର୍ବାର ପ୍ରଶ୍ନ କଲ—ତୁମେ ମୋ ପ୍ରଶ୍ନର ଉତ୍ତର ଦେଲନି ? ତୁମ ସାଙ୍ଗରେ ଅନ୍ୟ କେହି ସ୍ତ୍ରୀ ଅଛି ?

—ଜଣେ ସ୍ତ୍ରୀଲୋକ ଅବଶ୍ୟ ରଖିଥିଲି । ସେଇ ପୋଷାକ ପତ୍ର ତା'ର ।

—ବର୍ତ୍ତମାନ ସେ କେଉଁଠି ?

—ତିନି ଚାରି ଦିନ ହେବ କୁଆଡ଼େ ଯାଇଛି ଜାଣେନା ।

ମାଟେଲ ମନ୍ତବ୍ୟ ଦେଲି - ପଳାଇ ଯାଇଥିବ । ଅଣପୁରୁଷଙ୍କ ପାଖରେ ସ୍ତ୍ରୀ ବେଶୀ ଦିନ ରହିପାରେନା । ରହି କରିବ ବା କ'ଣ ?

ବିନୋଦ ନିକଟରେ ଏଇ ମନ୍ତବ୍ୟ ଅସହ୍ୟ ହୋଇ ଉଠିଲା; କହିଲା—ତୁମ ପାଣ୍ଟି ପୁରାପୁରି କଇଁଚ ଭଳି ଗୁଡ଼ୁଛି ।

—ମୁଁ କିଛି କହିପାରେନା, ବାସ, ସେଇ ମୋର ବଡ଼ ଦୋଷ । ନହେଲେ ପୁରୁଷଙ୍କୁ ଭଦ୍ରତାର ଖୋଳ ପିନ୍ଧି ବୋକା ବନେଇବା ଖୁବ୍ ସହଜ ।

ବିନୋଦ ଠିକ୍ ବୁଝିପାରିଲାନି, ଇଏ କି ପ୍ରକାରର ଯୁବତୀ । କଥା ବଦଳାଇବା ଉଦ୍ଦେଶ୍ୟରେ କହିଲା—ଆଚ୍ଛା, ବିଶେଷ କୌଣସି ଉଦ୍ଦେଶ୍ୟ ନେଇ ତୁମେ ମୋ ସହିତ ପରିଚିତ ହେବାକୁ ଗୁହଁନ ?

—ଏଇ ପ୍ରଶ୍ନର ଉତ୍ତର ପାଇଁ ତୁମେ ମତେ କେତେ ଟଙ୍କା ଦେଇପାରିବ ?

—ଶହେ ଟଙ୍କା ।

—ତାହାଲେ ଠିକ୍ ଅଛି । ଯୌବନ ଲୁଟିଲେ ଥିଲେ ସେତିକ ମିଳିଥାନ୍ତା ତୁମ ପକେଟରୁ ।

—ମୋ ପ୍ରଶ୍ନର ଉତ୍ତର ଦିଅ ।

—ପ୍ରଥମେ ଟଙ୍କା ।

ବିନୋଦ ଖଣ୍ଡିଏ ଶହେ ଟଙ୍କିଆ ନୋଟ ବାହାର କରି ବଢ଼ାଇଦେଲା ମାଳତୀ ଆଡ଼କୁ । ମାଳତୀ କହିଲା—ଏଁଥର ପଗୁର । କିନ୍ତୁ ଗୋଟାଏ ସର୍ତ୍ତରେ । ଏଇ ଶହେ ଟଙ୍କା ବଦଳରେ ମୁଁ ତୁମର ଗୋଟିଏ ପ୍ରଶ୍ନର ଉତ୍ତର ଦେବି ।

—ତୁମେ କୌଣସି ବିଶେଷ ଉଦ୍ଦେଶ୍ୟ ନେଇ ମୋ’ ସହିତ ପରିଚିତ ହୋଇଛ ?

ମାଳତୀ ଉତ୍ତର ଦେଲା— ହଁ ।

—କ’ଣ ସେଇ ଉଦ୍ଦେଶ୍ୟ ?

—ଏଥିପାଇଁ ଆଉ ଗୋଟାଏ ନୋଟ୍ ଦରକାର ।

ବିନୋଦ ବିସ୍ମିତ ହେଲା । ଏଭଳି ଚତୁର ସ୍ତ୍ରୀ ସହିତ ତା’ର ଆଗରୁ କେବେ ମୁକାବିଲା ହୋଇନି । ମନିପର୍ସରୁ ଆଉ ଖଣ୍ଡେ ନୋଟ୍ ବାହାର କରି ମାଳତୀ ଆଡ଼କୁ ବଢ଼ାଇ ଦେଇ କହିଲା—ମୋ’ ସହିତ ପରିଚିତ ହେବାର ଅସଲ ଉଦ୍ଦେଶ୍ୟ କ’ଣ ?

—କାହାର ଆଦେଶରେ ତୁମକୁ ମୋର ହାତ କରିନେଇ କରିବା ।

—କାହାର ଆଦେଶରେ ? ଆଉ କାହିଁକି ?

—ଦୁଇଟା ପ୍ରଶ୍ନ ଆଉ ଦୁଇ ଶହ ଟଙ୍କା ।

ଦାନ୍ତରେ ଦାନ୍ତ ଚିପି ଧରିଲା ବିନୋଦ । କହିଲା—ତୁମେ ମତେ ଜାଣିଛ ?

—ଏଇ ପ୍ରଶ୍ନର ଉତ୍ତର କେବଳ ଶହେ ଟଙ୍କାରେ ଦିଆଯାଇ ପାରେ ।

ବିନୋଦ ବିରକ୍ତ ହୋଇ ଆଉ ଖଣ୍ଡିଏ ଶହେ ଟଙ୍କିଆ ନୋଟ୍ ବାହାର କରି ତା’ ଆଡ଼କୁ ଫିଙ୍ଗି ଦେଲା । ନିଜର ଗୁପ୍ତ ପକେଟ୍‌ରେ ନୋଟ୍ ରଖିଲା ମାଳତୀ । ତା’ ପରେ କହିଲା- ପଚାର ।

—ମୁଁ କଏ ଜାଣ ?

—ଡିଟେକ୍‌ଟିଭ ବିନୋଦ ।

—ଆଉ ଗୋଟାଏ ନୋଟ୍‌ ।

—ବର୍ତ୍ତମାନ ମୁଁ ତୁମକୁ ଗୋଟାଏ ଟଙ୍କା ମଧ୍ୟ ଆଉ ଦେଇ ପାରିବିନି ।

—ହୁଁ, ଅଧଘଣ୍ଟାରେ ତିନିଶହ ଟଙ୍କା ରୋଜଗାର କମ୍ ନୁହେଁ ।

ବିନୋଦ ଦାନ୍ତରେ ଦାନ୍ତ ଚିପି ଧରି ଚାହିଁଲା ତାକୁ । ସେ ଉଠି ଠିଆହେଲା । ବିନୋଦ ବି ଉଠି ଠିଆହୋଇ କହିଲା—କୁଆଡ଼େ ଯାଉଛ ?

—ଯଦି ଶହେ ଟଙ୍କା ଆଉ ଦେଇ ପାରିବ, ତା' ହେଲେ ଏଇ ପ୍ରଶ୍ନର ଜବାବ ପାଇପାରିବ ।

—ତିନି ଶହ ଟଙ୍କା ଓଫରରେ ଦିଅ ।

—ମୁଁ ମଣିଷ ଚିହ୍ନିବାରେ ଦକ୍ଷ । ସେଇଥିପାଇଁ ତ ତୁମକୁ ଅଣପୁରୁଷ ବୋଲି କହିଥିଲି ।

ବିନୋଦ ଚିତ୍କାର କରି ଉଠିଲା— ସଟ୍‌ ଅପ୍‌ ।

—ଗୁଡ୍‌ ନାଇଟ୍‌ ।

ବାହାରକୁ ଆଗେଇ ଗଲା ମାଲେ । ବିନୋଦ କ'ଣ ଭାବିଲା । ତା'ପରେ ଟେବୁଲ ଉପରୁ ପର୍ସ ଉଠାଇ ଆଣି ଖୁବ୍‌ ଜୋର୍‌ରେ ଫିଙ୍ଗିଦେଲା ମାଲେର ପିଠି ଉପରକୁ । ମାଲେ ଅଟକିଗଲା । ଫେରି ଚାହିଁ ଦେଖିଲା । ତା'ପରେ

ପର୍ସ ଟିକ୍କୁ ଉଠାଇ ଆଣି କହିଲା—ଏଇ ପର୍ସରେ କେତେ ଟଙ୍କା ଅଛି ?

—ବର୍ତ୍ତମାନ ଆହୁରି ଦଶଟା ପ୍ରଶ୍ନର ଉତ୍ତର ଦେଇ ପାରିବ ।

—ଓ଼:.କେ: ।

---ମୋ' ପାଖକୁ ଆସ ।

—ମିଚେଲ୍ ଫେରି ଆସିଲା । ବିନୋଦ ଗମ୍ଭୀର କଣ୍ଠରେ ପ୍ରଶ୍ନ କଲା—ତୁମେ ପଢିଛ ?

—ସେଇଆ ଭାବି ନିଅ ।

—ମୋ' ଆଖିରେ ଆଖି ମିଳାଇବାରେ କୌଣସି ଆପତ୍ତି ନାହିଁ ?

—ସର୍ତ୍ତରେ, ମାନେ ତା'ର ମୂଲ୍ୟ ଦରକାର।

—ଦୁଇ ଶହ ଟଙ୍କା ।

— ରାଜି ।

ବିନୋଦର କହିବା ଅନୁସାରେ ମିଚେଲ୍ ସ୍ଥିର ଦୃଷ୍ଟିରେ ଚାହିଁଲା ବିନୋଦ -ଆଖି ଆଡ଼େ । କିନ୍ତୁ ଏ କ'ଣ ? ପନ୍ଦର କୋଡ଼ିଏ ସେକେଣ୍ଡ ପରେ ସେ ଅନୁଭବ କଲା, କୌଣସି ଅଜ୍ଞାତ ଶକ୍ତି ଯେମିତି ତାର ସବୁ ରକ୍ତ ଶୋଷି ନେଉଛି । ଥରି ଉଠିଲା ମିଚେଲର ଦେହ । ବିନୋଦ ଏଥର ଆଖି ବୁଲାଇ ନେଲା ।

ଚାରି ପାଞ୍ଚ ମିନିଟ ପର୍ଯ୍ୟନ୍ତ ନିଜକୁ ସମ୍ଭାଳିବାକୁ ଚେଷ୍ଟା କଲା ମିଚେଲ । ତା'ପରେ ହସିଲା ସେ ।

—ହସୁଛ କାହିଁକି ?

ମାଟେଲ୍ କହିଲା—ମୋର ଗ୍ରାଉ ପକେଟରେ ହାତ-ପୁରାଇ ତୁମ ଟଙ୍କା ନେଇଯାଅ ।

—ବାଜେ କଥା ପସନ୍ଦ କରେନା ।

ମାଟେଲ୍ ପର୍ସ ରଖିଦେଲା ଟେବୁଲ ଉପରେ । ନିଜ ପକେଟରୁ ନୋଟ୍ ବାହାର କରି ଟେବୁଲ ଉପରେ ରଖିଲା । ତା'ପରେ ଉଠି ଠିଆହେଲା । ବିନୋଦ ଆଖିରେ ଅଦ୍ଭୁତ ଚମକ । କହିଲା—ତୁମେ ବର୍ତ୍ତମାନ ହୁଏତ ଫେରିଯାଇ ପାରିବନି, ମିସ୍ ମାଟେଲ୍ !

ମାଟେଲର ଜଡ଼ିତ କଣ୍ଠ···ମୁଁ ମରିବାକୁ ଚାହେନା ।

—ମୃତ୍ୟୁ ମୁହଁରୁ ମୁଁ ତୁମକୁ ଉଦ୍ଧାର କରି ଆଣିବି ।

ମାଟେଲ୍ ଉଦାସ ହୋଇ ଉଠିଲା । ତା'ପରେ ନିଜକୁ ସମ୍ଭାଳି ନେଇ କହିଲା—ଆସ ମୋ' ସାଙ୍ଗରେ ।

ଅଳ୍ପକ୍ଷଣ ପରେ ଦୁହେଁ ଏକ ଖୋଲା ଝରକା ପାଖରେ ଆସି ଠିଆ ହେଲେ । ବିନୋଦର ରୁମ୍ ଦ୍ୱିତୀୟ ମହଲରେ । ମାଟେଲ୍ ଗୋଟାଏ ଆଡ଼େ ଆଙ୍ଗୁଳି ନିର୍ଦ୍ଦେଶ କରି କହିଲା—ଏଇ ଦେଖ, ଦୂରରେ······ ଅନେକ ଦୂରରେ ପାହାଡ଼ ଆରମ୍ଭ ହୋଇଛି । ସେଇ ପାହାଡ଼ ଘେରର ଏକ ଠିକଣା । ସେଇଠି ମୃତ୍ୟୁ ଅପେକ୍ଷା କରି ରହିଛି ତୁମକୁ ।

ବିନୋଦ କହିଲା—ଜାଣେ ।

Deb's Library Corner...

— ମୋତେ ଆଦେଶ ମିଳିଛି, ମୁଁ ତୁମକୁ ଠିକ୍ ଦଶଟା ବେଳେ ସେଠାରେ ପହଞ୍ଚାଇ ଆସିବି । ରାସ୍ତାରେ ତୁମକୁ ସେବର ଶେଷ କରି ଦିଆଯିବ ।

—ତୁମ ସାଙ୍ଗରେ ମୁଁ ଯିବି ।

— ମୃତ୍ୟୁ ପାଇଁ ଭୟ ନାହିଁ ?

—ନା ।

—ତୁମ ବାହାଦୁରୀର ସେମାନେ ତା'ହେଲେ ଠିକ୍ ପ୍ରଶଂସା କରୁଥିଲେ ।

ବିନୋଦ ଚମକି ଉଠିଲ । କହିଲ—କାହା କଥା କହୁଛ ?

—ସେ କିଏ ମୁଁ ଜାଣେନା । ମୋ' କାହାଣୀ ଶୁଣିଲେ, ମୋ' ଉପରେ ନିଶ୍ଚୟ ଦୟା ହେବ ତୁମର ।

ବିନୋଦ ବୁଝି ପାରିଲନି । ମାଳେ ଗମ୍ଭୀର କଣ୍ଠରେ କହିବାକୁ ଲଗିଲ, 'ବିନୋଦ ! କାଲି ପର୍ଯ୍ୟନ୍ତ ମୁଁ ସତରେ କୁ-ସ୍ୱଭାବର ସ୍ତ୍ରୀ ଥିଲି । ସେଇ ସ୍ତ୍ରୀର ମୁଁ କାଠ ଖେଳନା ଥିଲି । ସେ କିନ୍ତୁ ଏଇ ଦେଶଲାଗି କ୍ଷତିକାରକ ।

ବିନୋଦ ଶୁଣୁଛି । ମାଳେ କହିବାକୁ ଲଗିଲ— କାଲି ରାତିରେ ସେ ଦେଖାକଲ ମୋ' ସାଙ୍ଗରେ । ସେ କିଏ ମୁଁ ଜାଣେନା । କିନ୍ତୁ ମୋ' ଆଖି ଖୋଲିଦେଲ ସେ । ଅନେକ କାନ୍ଦିଛି କାଲି ରାତିରେ ।

—ଖୋଲିଖୋଲି କୁହ ।

—ଆଜି ନୁହେଁ, ଆଉ କେବେ । କେବଳ ଏତିକି କହୁଛି, ତୁମ ସାଥିରେ ପ୍ରଥମ ଦେଖା ବେଳେ ଯେଉଁ ଅଭିନୟ କରିଥିଲି, ତାର କାରଣ ଆଉ ହୁଏତ କେବେ ବଖାଣିବାର ସୁଯୋଗ ମୁଁ ପାଇ ନପାରେ ।

ମାଳତୀର ବ୍ୟଥିତ ହୃଦୟ‌ରେ ଆଉ ଅଧିକ ଆଘାତ ଦେବାକୁ ଚାହିଁଲାନି ବିନୋଦ । ସେ ଚୁପ୍ ରହିଲା । ତା'ର ଗୋଟାଏ ହାତ ନିଜ ହାତରେ ନେଇ ମାଳତୀ କହିଲା—ଠିକ ଦଶଟା ବେଳେ ମତେ ପାହାଡ଼ର ତଳ ଦେଶରେ ପହଞ୍ଚିବାକୁ ହେବ । ତୁମେ ବି ରହିବ ମୋ' ସାଙ୍ଗରେ । ଭୁଲି ଯାଅନା, ମୃତ୍ୟୁ ଅପେକ୍ଷା କରି ବସିଛି ତୁମ ପାଇଁ ।

—ମୁଁ ପ୍ରସ୍ତୁତ ମାଳତୀ ।

ମାଳତୀ ଅପଲକ ନେତ୍ରରେ ଚାହିଁଛି ବିନୋଦ ଆଡ଼କୁ ।

× × ×

ଧାଏଁ...... ।

ଏକ ଭୟଙ୍କର ଶବ୍ଦ । ଚତୁର୍ଦ୍ଦିଗରେ ସେଇ ଶବ୍ଦର ପ୍ରତିଧ୍ୱନି । କାରରେ ବ୍ରେକ୍ କଷିଲା ମାଳତୀ । ଦୁଇ ତିନି ଫୁଟ ପର୍ଯ୍ୟନ୍ତ କାର୍ ଘୁଞ୍ଚିଗଲା ଆଗକୁ । ପାଖରେ ବସିଛି ବିନୋଦ । ଥରେ ତା' ଆଡ଼କୁ ଅର୍ଥପୂର୍ଣ୍ଣ ଦୃଷ୍ଟିରେ ଚାହିଁଲା । ତା'ପରେ ଦରଜା ଖୋଲି ବାହାରି ଆସିଲା । ପଛେ ପଛେ ଓହ୍ଲାଇ ଆସିଲା ବିନୋଦ ।

ମୃତ୍ୟୁ ଅପେକ୍ଷା କରି ରହିଛନ୍ତି ତା' ପାଇଁ । ଅସଲ ଯୋଜନା ସମ୍ପର୍କରେ ତାଙ୍କୁ ପୂର୍ବରୁ ଜଣାଇ ଦେଇଛନ୍ତି ମାଟେଲ୍ । ଆନନ୍ଦ ନଗରର ସୀମାନ୍ତ ନିକଟରୁ କିଛି ଦୂରରେ ଗୁଳି ଶବ୍ଦ ଶୁଣାଯିବା ମାତ୍ରକେ ତାଙ୍କୁ କାର୍ ଅଟକାଇବା ଲାଗି ଆଦେଶ ମିଳିଛି । ତା' ଅର୍ଥ ବିନୋଦଙ୍କୁ ଏଇଠାରେ ଶେଷ କରିଦେବାର ଯୋଜନା କରାଯାଇଛି । ତାହାହିଁ ହେଲା, ଗୁଳି ଶବ୍ଦରେ ବାତା-ବରଣର ସ୍ତବ୍ଧତା ଭଙ୍ଗ ହେଲା । ଦୁହେଁ ବାହାରି ଆସିଲେ ବାହାରକୁ ।

ଯୋଜନା ଅନୁସାରେ ମାଟେଲ୍ ପଚାରିଲା—ଏଇ ଶବ୍ଦ କେଉଁଠୁ ଆସିଲା ବିନୋଦ ?

ବିନୋଦ ଲକ୍ଷ୍ୟ କଲା ସେମାନେ ଯେଉଁ ସ୍ଥାନରେ ଠିଆ ହୋଇଛନ୍ତି, ପାଖରେ ଅନେକଗୁଡ଼ାଏ ବୁଦା ରହିଛି । ତା' ସେପାଖରେ ଖୋଲା ପଡ଼ିଆର ଆରମ୍ଭ । ବିନୋଦ ଉତ୍ତର ଦେଲା—କୌଣସି ଶିକାରୀ ହୁଏତ ଶିକାର କରୁଛି ।

—ମତେ ଭୟ ଲାଗୁଛି ଡାର୍ଲିଂ ।

—ପ୍ରେମ କଲେ ଭୟ କରନ୍ତିନି । କାର୍‌ରେ ବସ । ପ୍ରୋଗ୍ରାମ ଅନୁସାରେ ଆମେ ଆଗେଇ ଯିବା । କାର୍ ଯେଉଁ ପର୍ଯ୍ୟନ୍ତ ଯାଇପାରିବ ସେ ପର୍ଯ୍ୟନ୍ତ ।

—ନା, ନା, ମୁଁ ଯାଇପାରିବିନି ।

— ପାଗଳ ହୋଇଗଲ ନା କ'ଣ ? ମୂଷା ଡରରେ ଆମେ ପ୍ରତିଷ୍ଠା ନଷ୍ଟ କରିଦେବା ?

ସବୁକିଛି ନିର୍ଦ୍ଦିଷ୍ଟ ଯୋଜନା ଅନୁସାରେ ଚାଲିଛି । ଏହି ସମୟରେ ବୁଦା ମଧ୍ୟରେ ଖସ୍ ଖସ୍ ଶବ୍ଦ ଶୁଣାଗଲା । ସତର୍କ ହୋଇଗଲା ବିନୋଦ । ଦୁଇ ପାଖରେ ଖୋଲାଇ ହୋଇ ରହିବାକୁ ବୁଦା ଭିତରୁ ହଠାତ୍ ବାହାରି ଆସିଲେ କେଇଜଣ ସଶସ୍ତ୍ର ବ୍ୟକ୍ତି । ଡାହାଣ ପାଖ ବୁଦାରୁ ବାହାରି ଆସିଥିବା ଗୁଣ୍ଡା ଦଳଙ୍କର ନେତୃତ୍ୱ ନେଇଛି ରାହୁଲ ।

ରାହୁଲର ଇସାରା ମାତ୍ରକେ ଗୁଣ୍ଡାଦଳ ଘେରି ଗଲେ ବିନୋଦ ଏବଂ ମାଲୋକୁ । କାର୍‌ର ହେଡ୍ ଲାଇଟ୍ ଖେଳେଇ ହୋଇ ପଡ଼ିଛି ଆଗରେ ।

ରାହୁଲ ପ୍ରଶ୍ନ କଲା—ତୁମେମାନେ କିଏ ?

ବିନୋଦ ଗମ୍ଭୀର କଣ୍ଠରେ ପଚାରିଲା—ଏହି ପ୍ରଶ୍ନ ମୁଁ ତୁମକୁ ପଚାରୁଛି । ···ଚୁପ୍ ରୁହ ।

—ଗାଳିଦେବା ଲୋକର ଜିଭ ମଧ୍ୟ କଟିଯାଇ ପାରେ ମିଷ୍ଟର······ ।

ରାହୁଲ ଜଣେ ଗୁଣ୍ଡାକୁ ସଙ୍କେତ ଦେଲା । ଆଗେଇ-ଆସି ସେ ଜାବୋଡ଼ି ଧରିଲା ମାଲୋକୁ । ମାଲୋ ଚିତ୍କାର କରି ଉଠି ନିଜକୁ ମୁକ୍ତ କରିବା ଲାଗି ଚେଷ୍ଟା କଲା । କିନ୍ତୁ ହୋ-ହୋ କରି ହସି ଉଠିଲା ଗୁଣ୍ଡା । ହେଲେ···

ବିନୋଦର ଶକ୍ତ ମୁଷ୍ଟି ବିଦ୍ୟୁତ୍ ଗତିରେ ଲାଗିଲା ତା'ର ପେଟରେ । ହସ ଥମିଗଲା । ତା' କାନରେ ବାଜିଲା ରାହୁଲ ଘାଣ୍ଟି କରି ଉଠିଲା···ଧର······

ଗୁଣ୍ଡାଦଳ ଛୁଟି ଆସିଲେ ବିନୋଦ ଆଡ଼କୁ । ଗୋଟାଏ ପାଖକୁ ଦୌଡ଼ି ପଳାଇଗଲା ମାଳେ । ସାତ ଆଠ ଜଣ ବଳିଷ୍ଠ ଗୁଣ୍ଡା ଘେରି ଧରିଛନ୍ତି ବିନୋଦକୁ । ଖଟାକ୍ ଏକ ଶବ୍ଦ । ଜଣେ ଗୁଣ୍ଡାର ଆର୍ତ୍ତନାଦ । ତା'ପରେ ଆଉ ଜଣକର । ଚକ୍ର ଭଳି ଘୂରୁଛି ବିନୋଦ । ତିନି ଚାରିଜଣ ଗୁଣ୍ଡା ଲୋଟି ପଡ଼ିଲେ ମାଟି ଉପରେ ।

ହଠାତ୍ ବିନୋଦର ଲୌହ ପରି ଗୋଡ଼ର ଶକ୍ତ ଗୋଇଠା ଜଣେ ଗୁଣ୍ଡାର ଡାହାଣ ଜଙ୍ଘ ଉପରେ ବାଜିଲା । ଚିତ୍କାର କରି ଉଠି ସେ ଛିଟିକିଗଲା ଦୂରକୁ । ବାକି ଗୁଣ୍ଡା ଦୁଇଜଣ ସାହସ ହରେଇ ବସିଲେ । ଦ୍ରୁତ ବେଗରେ ଗୋଟାଏ ପାଖକୁ ପଳାୟନ କଲେ ସେମାନେ । ବାକି ଜଣକୁ ଚୁପି ଧରିଲା ବିନୋଦ । ଢାଲ ଭଳି ନିଜ ଆଗରେ ତାକୁ ଚୁପିଧରି ନେଇ ଆଗେଇଗଲା ରାହୁଲ ଆଡ଼କୁ ।

ରାହୁଲ ଚିତ୍କାର କରି ଉଠିଲା·····ସେଇଟି ଛୁଆ ନ ହେଲେ·····ବିନୋଦ କିନ୍ତୁ ନିର୍ବିକାର ।

ଧମ୍ ।

ବାହୁଲର ରିଭଲଭର୍ ଗର୍ଜି ଉଠିଲା । ବିନୋଦ ଆଗରେ ଥିବା ଗୁଣ୍ଡାର ଗ୍ରୁଡରେ ଗୁଳି ବିନ୍ଧି ହେବା ମାତ୍ରକେ ଚିତ୍କାର କରି ଉଠିଲା ବିଚରା ଶେଷଥର ପାଇଁ । ବିନୋଦ କିନ୍ତୁ ଆଉ ବାହୁଲକୁ ସମ୍ଭାଳିବାର ସୁଯୋଗ ଦେଲାନି । ଗୁଣ୍ଡାକୁ ଠେଲି ଦେଇ, ସେ ଲମ୍ଫ ଦେଲା ବାହୁଲ ଉପରକୁ ।

ଦୁଇ ମିନିଟ ପର୍ଯ୍ୟନ୍ତ ଦୁହେଁ ପରଖିବାକୁ ଚେଷ୍ଟା କଲେ ଦୁହିଁଙ୍କ ଶକ୍ତି । ତା'ପରେ ତା'ର ବେକ ପଛରେ ଦୁଇହାତ ରଖି ଖୁବ୍ ଜୋର୍‌ରେ ଧକ୍କା ଦେଲା ତାକୁ । ବାହୁଲର ଦେହ ଲୋଟିପଡ଼ିଲା ତଳେ ।

ଠିକ୍ ଏତିକିବେଳେ କାନରେ ବାଜିଲା ଗୁଳି ଶବ୍ଦ । ବିନୋଦକୁ ଲକ୍ଷ୍ୟ କରି କେହି ଗୁଳି କରିଛି । ଲକ୍ଷ୍ୟ ଭ୍ରଷ୍ଟ ହେଲା । ବିନୋଦ ପୁରାପୁରି କ୍ଳାନ୍ତ । ତଥାପି ନିଜକୁ ସମ୍ଭାଳି ନେଲା ବିନୋଦ । ସେ ବୁଝିପାରିଲା ଯେଉଁ ଗୁଣ୍ଡା ଦୁଇଜଣ ପଳାୟନ କରିଥିଲେ, ସେମାନେ ଫେରି ଆସିଛନ୍ତି । ପରକ୍ଷଣରେ ଆଉ ଥରେ ଗୁଳି ଶବ୍ଦ । ଥରେ । ଦୁଇଥର ।

ଗୁଣ୍ଡା ଦୁଇଜଣଙ୍କର ରକ୍ତାକ୍ତ ଦେହ ଗୋଟିକ ପରେ ଗୋଟିଏ ଢଳି ପଡ଼ିଲା ତଳେ । ତା'ପରେ ସବୁ ଚୁପ୍‌ଚାପ୍ । ବିନୋଦ ଅବାକ୍ । ଏଇ ଗୁଳି ଯେ କିଏ

ଚଳାଇଛି ସେକଥା ଜାଣି ହେଲାନି । ବୁଦା ନିକଟରେ ଖସ୍ ଖସ୍ ଶବ୍ଦ ଶୁଣାଗଲା ।

ପର ମୁହୂର୍ତ୍ତରେ ଜଣେ ଯୁବତୀ ବାହାରି ଆସିଲା ସେଇ ବୁଦା ଭିତରୁ । ବିନୋଦର ଗୋଟାଏ ହାତ ଧରି ଚାପା କଣ୍ଠରେ କହିଲା—ଦୌଡ଼ିଚାଲ ।

ଚମକି ଉଠିଲା ବିନୋଦ ! ସେ, ରେଣୁବାଲା ଦୁହେଁ ପୂର୍ଣ୍ଣ ଶକ୍ତି ଦେଇ ଦୌଡ଼ୁଛନ୍ତି । ପ୍ରାୟ ପାଞ୍ଚ ମିନିଟ୍ ଧରି ଦୁଇଜଣ ଦୌଡ଼ିବା ପରେ ଏକ ମୋଡ଼ ନିକଟରେ ପହଞ୍ଚି ରେଣୁ ଅଟକିଗଲା । ସେଠାରେ ଗୋଟାଏ ଜିପ୍ ଥୁଆ ହୋଇଛି । ବିନୋଦକୁ ବସିବା ଲାଗି ସଙ୍କେତ ଦେଇ ନିଜେ ଜିପ୍ ଷ୍ଟାର୍ଟ କରିଦେଲା ରେଣୁ ।

ବିନୋଦର ମସ୍ତିଷ୍କରେ ଯେମିତି ତୀବ୍ର ତୋଫାନ ଉଠିଛି । ସେ ବୁଝି ପାରିଲାନି, ରେଣୁ ଏଠି ପହଞ୍ଚିଲା କେମିତି ? ଚୁପଚାପ ବସିରହି ବାହାରକୁ ଚାହିଁଲା···ଜିପ୍ ଉଲ୍କା ଗତିରେ ଆଗେଇ ଚାଲିଛି ସହର ଆଡ଼କୁ ।

ଅର୍ଦ୍ଧ ରାତ୍ରୀର ସ୍ତବ୍ଧତା ଘେରି ରହିଛି ପାନକ୍ ହାଉସ୍କୁ । ପ୍ରଫେସର ଏବଂ ସୋଫିଆ ବର୍ତ୍ତମାନ ଜାଗି ରହିଛନ୍ତି । କିନ୍ତୁ ଦୁହେଁ ନୀରବ । ଗୋଟାଏ ବଡ଼ ଝର୍କା ମଧ୍ୟ ଦେଇ କିଛି ଲକ୍ଷ୍ୟ କରୁଛନ୍ତି ପ୍ରଫେସର । ପଲଙ୍କ ଉପରେ ଶୋଇଛି ସୋଫିଆ ।

ପ୍ରଫେସର ଏବଂ ସୋଫିଆ ଏକ ନୂତନ ତଥ୍ୟର ଆଭାସ ପାଇଛନ୍ତି ଏଠାରେ । ପ୍ରତି ରାତିରେ ଠିକ୍

ବାରଟାବେଳେ ପାନିକ୍ ହାଉସ୍‌ରେ ଶୁଣାଯାଏ ଏକ ଝକଟ୍ ଝଙ୍କାର । ତା'ପରେ ସବୁ ଚୁପ୍‌ଚାପ । ପରେ ପରେ କାହାର ଦୌଡ଼ି ପଳାଇବାର ଶବ୍ଦ ଶୁଣାଯାଏ । ମନେହୁଏ ଅନେକ ସ୍ତ୍ରୀଙ୍କର ନୁପୂର୍ ନିକ୍ୱଣ ଧ୍ୱନି ।

ଛମ୍ ଛମ୍ ଶବ୍ଦ ଶୁଣାଯାଏ କିଛି ସମୟ ପର୍ଯ୍ୟନ୍ତ । ଧୀରେ ଧୀରେ ଦୂର ହୋଇଯାଏ ସେଇ ଶବ୍ଦ । ତା'ପରେ ସବୁ ଚୁପ୍‌ଚାପ । ଗତ ପାଞ୍ଚଦିନ ମଧ୍ୟରେ କେବଳ ଗୋଟାଏ ରାତିରେ ସେଇ ଶବ୍ଦ ଅବଶ୍ୟ ଶୁଣାଯାଇନି । ପୂର୍ଣ୍ଣିମୀ ରାତିରେ, ସେଦିନ ରାତିରେ ପ୍ରଫେସର ଠିକ୍ କରିଛନ୍ତି, ଆଜି ସେଇ ଶବ୍ଦର ପ୍ରକୃତ ଉତ୍ସର ସନ୍ଧାନ କରିବେ । ନିଜ ଉପରେ ସେହି ଦାୟିତ୍ୱ ନେଇ ଆସିଛି ସୋଫିଆ ।

ବାରଟା ବାଜିବାକୁ ତିନି ମିନିଟ ବାକି । ପ୍ରଫେସର ସତର୍କ । ସୋଫିଆ ମଧ୍ୟ ଆଗେଇ ଆସିଲା ତାଙ୍କ ପାଖକୁ । ସମୟ ବଢ଼ି ଚାଲିଛି । ଏକ ସମୟରେ ବାରଟା ବାଜିଲା । ଦ୍ରୁତ ପଦରେ ବାହାରକୁ ବାହାରି ଆସିଲା ସୋଫିଆ । କାନରେ ବାଜିଲା ଏକ ଝଙ୍କାର । ତା'ପରେ କାହାର ଦୌଡ଼ିବା ଶବ୍ଦ । ପ୍ରଫେସର କିଛି ଦେଖି ପାରିଲେନି । ତା' ଅର୍ଥ ସେ ଅନ୍ୟ ରାସ୍ତାରେ ଆସିଛନ୍ତି । ଗୋଟାଏ ପଥୁରିଆ କାନ୍ଥ ପଛରେ ଆତ୍ମଗୋପନ କରି ବସିଛି ସୋଫିଆ । ହଠାତ୍ ଆଗକୁ ଚାହିଁ ସେ ଚମକି ଉଠିଲା ।

ଦେଖିଲି, ଜଣେ ହୃଷ୍ଟପୁଷ୍ଟ ବଳିଷ୍ଠ ଚେହେରାର କୃଷ୍ଣକାୟ ବ୍ୟକ୍ତି ଦୌଡ଼ି ଦୌଡ଼ି ତାର ଆଗ ଦେଇ ଚାଲିଗଲା । ଦେହରେ ତା'ର କେବଳ ଗୋଟାଏ କୌପୀନ । ଡାହାଣ ହାତରେ ଏକ ବଡ଼ ପଥରର ଛୁରି । ତା' ଉପରେ ସୁନେଲି ବର୍ଣ୍ଣର ଚିହ୍ନ ଖୋଦିତ ହୋଇଛି । ନିଶ୍ୱାସଲକ୍ଷ ଦୌଡ଼ି ଚାଲିଗଲା ସେ । ଏପାଖ ସେପାଖ ଫେରି ଚାହିଁଲାନି । ବିଶାଳଦେହୀ ଲୋକଟିର ଆଖି ଚମକ ଉଠୁଛି ଅମା ଅନ୍ଧକାର ମଧ୍ୟରେ । ଗଳାରେ ତା'ର ପଥରର ମୋତିମାଳ ।

ସୋଫିଆ ବଡ଼ ବଡ଼ କରି କହିଲା—ମଙ୍ଗୋଲ ! ଏଇ ଲୋକଟି ନିଶ୍ଚୟ ମଙ୍ଗୋଲ ଜାତିର । କିନ୍ତୁ ଏଠିକି କ'ଣ ତା'ହେଲେ ମଙ୍ଗୋଲ ଜାତିର କେଇଜଣ ଆସିଛନ୍ତି । କିନ୍ତୁ କାହିଁକି ?

ଆଢୁଆଳରୁ ବାହାରି ଆସିଲା ସୋଫିଆ ଏବଂ ସେଇ ମଙ୍ଗୋଲ ପଛରେ ଦ୍ରୁତ ପଦରେ ଆଗେଇଗଲା । ତିନି ଚାରିଟା ମୋଡ଼ ପାର ହୋଇ ଗୋଟାଏ ସ୍ଲେଟିଆ ପାହାଡ଼ ରାସ୍ତାରେ ପହଞ୍ଚିଲା ମଙ୍ଗୋଲ । ଦୁଇ ପାଖରେ କେଇଜଣ ଯୁବତୀ ମୁଣ୍ଡ ଝୁଙ୍କାଇ ତା'ର ସ୍ୱାଗତ ଲାଗି ଠିଆ ହୋଇଛନ୍ତି । ମଙ୍ଗୋଲ କିନ୍ତୁ ଅଟକିଲା ନାହିଁ । ତା' ପଛେ ପଛେ ଯୁବତୀ ଦଳ ମଧ୍ୟ ସେଇ ଆଡ଼କୁ ଚାଲିଲେ । ସେମାନଙ୍କର ନୁପୁର ନିକ୍ୱଣ ପ୍ରତିଧ୍ୱନିତ ହେଲା ଚତୁର୍ଦ୍ଦିଗରେ ।

ଅଡ଼ୁ ଆଳରେ ଥାଇ ଏସବୁ ଲକ୍ଷ୍ୟ କରୁଛି ସୋଫିଆ । ଯୁବକମାନଙ୍କ ମଧ୍ଯ ଦେଇ ସେ ଯିବ ବା କେମିତି ? ଅତଏବ ନୀରବରେ ସେ ଅପେକ୍ଷା କରିବାକୁ ଲାଗିଲା । ସୋଫିଆ ଲକ୍ଷ୍ୟ କଲା, ଏଇ ମଙ୍ଗୋଲର ସ୍ଵାଗତ ଲାଗି ଠିଆ ହୋଇଥିବା ଯୁବକମାନଙ୍କ ମଧ୍ଯରୁ ସମସ୍ତେ ବିଦେଶୀମ ।

ଅର୍ଦ୍ଧ ନଗ୍ନ ଦେହ ସମସ୍ତଙ୍କର । ଏକ ସମୟରେ ଯୁବକ ଦଳ ଆଖି ଆଗରୁ ଅଦୃଶ୍ୟ ହୋଇଗଲେ । ସେଇ ଆଡ଼କୁ ସୋଫିଆ ଆଗେଇ ଗଲା । ହଠାତ୍ ଗାଢ଼ ଅନ୍ଧକାର ଘୋଟିଗଲା ଚତୁର୍ଦ୍ଦିଗରେ । ସୋଫିଆ ପାଖରେ ଟର୍ଚ୍ଚ ନାହିଁ । ଅନ୍ଧକାର ମଧ୍ଯରେ ସେ ପାଦ ବଢ଼ାଇଲା ଆଗକୁ । ହଠାତ୍ ଚମକି ଉଠିଲା ସୋଫିଆ । କେହି ଜଣେ ଅପ୍ରତ୍ୟାଶିତ ଭାବରେ ଜାବୋଡ଼ି ଧରିଲା ତାକୁ ।

ସୋଫିଆ ଖୁବ୍ ଜୋର୍‌ରେ ଦାନ୍ତ ବସାଇ ଦେଲା ଲୋକଟି ହାତରେ । କେହି ଜଣେ ଆର୍ତ୍ତନାଦ କଲା । ନିଶ୍ଚୟ ପୁରୁଷ । ନିଜକୁ ମୁକ୍ତ କରାଇ ନେଇ ଦୌଡ଼ିବାକୁ ଆରମ୍ଭ କଲା ସୋଫିଆ । କିଛି ଦୂର ଆସିବା ପରେ ଆଖିରେ ପଡ଼ିଲା ଆଲୋକର ଝଲକ । ସୋଫିଆ ଦୌଡ଼ି ଚାଲିଲା ସେଇ ଆଡ଼କୁ ।

ପାହାଡ଼ ପ୍ରାଚୀରରେ ଏକ ଛୋଟିଆ ଦ୍ଵାର । ସେଇ ଦ୍ଵାର ଅତିକ୍ରମ କରିବା ମାତ୍ରକେ ଚମକି ଉଠିଲା ସୋଫିଆ । ସାମନାରେ ବୃଦ୍ଧା ଠିଆହୋଇଛି । ହାତରେ

ତା'ର ଶଭଲଭର୍ । ନିଜକୁ ସମ୍ଭାଳି ନେଇ ସୋଫିଆ କହିଲା—ବ୍ରଷ୍ଟା !

ବ୍ରଷ୍ଟା କିନ୍ତୁ କୌଣସି ଉତ୍ତର ଦେଲାନି । ନିଜର ଶଭଲଭର୍ ଉଦ୍ୟତ କରି ଘର ଗୋଟାଏ ପାଖକୁ ଯିବା ଲାଗି ସେ ଇଶାରା ଦେଲା । ସୋଫିଆ ବୁଝି ପାରିଲାନି, ବ୍ରଷ୍ଟା ଏଠିକି ଆସିଲା କେମିତି ?

ଚୁପ୍‌ଚାପ ବ୍ରଷ୍ଟାର ସଙ୍କେତରେ ସେ ଆଗେଇ ଗଲା । ଦୁଇଜଣ ଏକ କୋଠରୀ ଭିତରକୁ ଆସିଲେ । ବ୍ରଷ୍ଟା ପଚାରିଲା—ତୁମେ ଏଠି ପହଞ୍ଚିଲ କେମିତି ?

—ରୁମ୍‌ରେ ପଡ଼ି ପଡ଼ି ଖୁବ୍ ଖରାପ ଲାଗିଲା । ନିଦ ଲାଗିଲାନି । ବାହାରକୁ ବାହାରି ଆସିଲି । ବାହାରେ ଅନ୍ଧକାର । ଅନ୍ଧାର ଭିତରେ ମୁଁ ଟିକେ ବୁଲାବୁଲି କରୁଛି, ହଠାତ୍ ମତେ କିଏ ଜଣେ ଚାପି ଧରିଲା ।

ବ୍ରଷ୍ଟା କଣ୍ଠସ୍ୱର ତୀକ୍ଷ୍ଣ—ତା'ପରେ ?

—ମୁଁ ତା' ହାତକୁ କାମୁଡ଼ି ଦେଲି । ତା'ପରେ ପ୍ରାଣ ବିକଳରେ ଦୌଡ଼ି ଆସିଲି ଏଇ ଆଡ଼କୁ ।

—ଠିକ୍ ଅଛି । କୁଆଡ଼େ ଯାଅନା । ଏଇଠି ରୁହ । ମୁଁ ଆସୁଛି ।

ବ୍ରଷ୍ଟା ଦ୍ରୁତ ପଦରେ ବାହାରକୁ ଚାଲିଗଲା । ପ୍ରାୟ ପନ୍ଦର ମିନିଟ ପରେ ଫେରି ଆସିଲା । ସାଙ୍ଗରେ ତା'ର ଆଉ ଜଣେ ଯୁବକ । ମୁହଁରେ ଗୋଟାଏ ଦୁଇଟା କ୍ଷତ

ଚହ୍ନ । ଦେଖି ମନେ ହେଉଛି ସେ କୌଣସି ଗୁଣ୍ଡା । ମୁଣ୍ଡ ତା'ର ତଳକୁ ଝୁଙ୍କି ରହିଛି ।

ବ୍ରିଷ୍ଟା ଆଦେଶ ଦେଲା—ହାତ ଆଗକୁ ବଢ଼ାଅ, ଯୁବକ ନିଜର ଗୋଟାଏ ହାତ ବଢ଼ାଇ ଦେଲା ଆଗକୁ । ସୋଫିଆ ଦେଖିଲା, ଡାହାଣ ବାହୁରେ ତା'ର ଦାନ୍ତ ଚିହ୍ନ । ସେ ବୁଝି ପାରିଲା ଏଇ ଲୋକଟା ତା'ହେଲେ ତାକୁ ଚୁପି ଧରିଲା । ହୁଏତ ତାକୁ ଅନୁସରଣ କରି ଆସିଛି । ଅନ୍ଧକାର ହୋଇଯିବା ମାତ୍ରକେ ସୁଯୋଗ ପାଇ……

ବ୍ରିଷ୍ଟା କର୍କଶ କଣ୍ଠରେ କହିଲା—କାହାର ଅନୁମତିରେ ତୁମେ ସୁଭଗାକୁ ଧରିଥିଲ ?

ଗୁଣ୍ଡା କ୍ଷମା ମାଗିଲା ।

—ଏହିଲାଗି ସାଥି, ନୁହେଁ ?

—ହଁ, ମୁଁ ଆଉଥରେ କ୍ଷମା ଚାହୁଁଛି, ମାଡ଼ାମ୍ ।

ଫିସ୍…ଅସ୍ପଷ୍ଟ ଏକ ଶବ୍ଦ । ଗୁଣ୍ଡାର ଆଖି ବିସ୍ଫାରିତ ହେଲା । ରକ୍ତରେ ଜୁଡ଼ୁବୁଡ଼ୁ ହୋଇଗଲା ତା'ର ଛାତି ପାଖର ପୋଷାକ । ଛାତି ଚୁପି ଧରି ସେ ଲୋକଟି ପଡ଼ିଗଲା ତଳେ । ବ୍ରିଷ୍ଟାର ରିଭଲଭରରୁ ଆଉ ଗୋଟାଏ ଗୁଳି ଛୁଟିଲା । ନିଶ୍ଚଳ ହୋଇ ପଡ଼ି ରହିଲା ଗୁଣ୍ଡାର ଦେହ ।

ବ୍ରିଷ୍ଟାକୁ ଦେଖି ମନେହେଲା ସେ ଖୁବ୍ ଉତ୍ତେଜିତ । ପଛକୁ ଘୁଞ୍ଚିଗଲା ସେ । କିଛି ସମୟ ମଧ୍ୟରେ ହାତରେ

ପଥରର ଗୋଟାଏ ତୀକ୍ଷ୍ଣ ଧାର ବିଶିଷ୍ଟ ତରବାରୀ ଆଣି ଗୋଟାଏ ଆଘାତରେ ହାଣି ଦେଲା ମୃତ ବ୍ୟକ୍ତିର ବାମବାହୁ ।

ସୋଫିଆ ଭୟରେ ଆଖି ବନ୍ଦ କରିନେଲା । କୌଣସି ଯୁବତୀ ଯେ ଏତେଟା ନିର୍ମମ ହୋଇପାରେ, ଏ ଧାରଣା ତା'ର ନଥିଲା । ହଠାତ୍ ସୋଫିଆ ଆଡ଼କୁ ବୁଲି ସେ ଗମ୍ଭୀର କଣ୍ଠରେ କହିଲା—ସୋଫିଆ, ପାଦରୁ ଜୋତା ଖୋଲିଦିଅ ।

ପାଦରୁ ଜୋତା ଖୋଲିଦେଲା ସୋଫିଆ । ସେ ଜାଣେ ଏଇ ମୁହୂର୍ତ୍ତରେ ଦ୍ରଷ୍ଟାର କୌଣସି ଆଦେଶ ଅମାନ୍ୟ କରିବା ଅର୍ଥ ମୃତ୍ୟୁକୁ ଆମନ୍ତ୍ରଣ କରିବା ।

—ଏଇ ଶବ ଉପରେ ଠିଆ ହୋଇଯାଅ ।

ସୋଫିଆ ଇତସ୍ତତଃ ହେଲା ।

—ମୋ' କଥା ମାନ, ସୁଭଗା ।

ଆଦେଶ ପାଳନ କରିବା ଲାଗି ବାଧ୍ୟ ହେଲା ସୋଫିଆ ।

ଦ୍ରଷ୍ଟା ପୁନର୍ବାର ଆଦେଶ ଦେଲା—ସବୁ ପୋଷାକ ଓହ୍ଲାଇ ଦିଅ । ଦେହ ଥରି ଉଠିଲା ସୋଫିଆର । ଥରେ ମନେ ହେଲା, ଦ୍ରଷ୍ଟା ଉପରେ ସେ ଝାମ୍ପି ପଡ଼ିବ । କିନ୍ତୁ ପରିଣାମ ଚିନ୍ତା କରି ସମ୍ଭାଳି ନେଲା ନିଜକୁ ।

ବୃଷ୍ଟାର କଣ୍ଠ ପୁନର୍ବାର ଗୁଞ୍ଜି ଉଠିଲା—ମୁଁ ଯାହା କହୁଛି ତାହାହିଁ କର ସୁଭଗା । ଏଇ କକ୍ଷରେ ମୁଁ ହତ୍ୟାର ଶବ ଦେଖିବାକୁ ଚାହେଁ ନା ।

ସୋଫିଆ ଦୁଇ ପାଦ ପଛକୁ ହୋଇ ଗଲଣି । ଗୋଟି ଗୋଟି କରି ନିଜର ପୋଷାକ ଓହ୍ଲାଇ ଦେଲା ସେ । ଏତେ ଶୀଘ୍ର ମୃତ୍ୟୁ ବରଣ କରିବାର ଇଚ୍ଛା ତାର ନାହିଁ ।

ସୋଫିଆ ବର୍ତ୍ତମାନ ସଂପୂର୍ଣ୍ଣ ବିବସ୍ତ୍ର ।

ବୃଷ୍ଟା ଆଦେଶ ଦେଲା, ବସିଯାଅ । ନିଜ ହାତରେ ଏକ ବଦମାସର ରକ୍ତ ଶୋଷିନିଅ ।

ସୋଫିଆ ବର୍ତ୍ତମାନ ବୁଝିପାରିଲା । ଥରି ଉଠିଲା ସେ । ବୃଷ୍ଟାର ରୁକ୍ଷ କଣ୍ଠ ଶୁଣାଗଲା—ବର୍ତ୍ତମାନ ମତେ ଯଦି ଗୁଳି ଚଳାଇବାକୁ ପଡ଼େ ତା'ହେଲେ ତୁମରି ବକ୍ଷକୁ ଲକ୍ଷ୍ୟ କରି ଚଳାଇବି ସୁଭଗା । ଯେଉଁ ନୂଆ ଦୁନିଆ ତୁମେ ଦେଖିବାକୁ ଯାଉଛ, ସେଠାରେ କୌଣସି ଯୁବତୀର ବିନା ଅନୁମତିରେ ତା' ଦେହରେ ହାତ ଦେଇଥିବା ପୁରୁଷର ରକ୍ତ ସେଇ ଯୁବତୀ ପାନ କରେ । ତୁମକୁ ମଧ୍ୟ ତାହାହିଁ କରିବାକୁ ହେବ ।

ସୋଫିଆ ଏକଥା ଆଗରୁ ଅବଶ୍ୟ ବୁଝି ପାରିଛି । ମନେ ମନେ ଚିନ୍ତା କରି ଚାଲିଛି ସେ ।

ବୃଷ୍ଟା ମଝିରେ ଥମିଯାଇ ପ୍ରଶ୍ନ କଲା—ମୋ' କଥା ଶୁଣୁଛ ?

ସୋଫିଆ ଗୃହ୍ନିଁଲା ତା' ଆଡ଼କୁ । ତା'ପରେ ଚିତ୍କାର କରି ଉଠି ଲମ୍ଫ ଦେଲା ବ୍ରଷ୍ଟା ଉପରକୁ । ହାତର ରିଭଲଭର୍ ଛିଟିକି ପଡ଼ିଲା ଦୂରରେ । ଦୃଢ଼ କଣ୍ଠରେ ସେ ଗର୍ଜି ଉଠିଲା---ଏ କ'ଣ ?

କିନ୍ତୁ ଉତ୍ତର ଦେବା ବଦଳରେ ସୋଫିଆ ହଠାତ୍ ଦୁଇ ହାତରେ ଜାବୋଡ଼ି ଧରିଲା ବ୍ରଷ୍ଟାର ଶକ୍ତ କୋମଳ ଦେହକୁ । ତା'ପରେ ଅଜସ୍ର ଚୁମ୍ବନ ଆଙ୍କିଦେଲା ତା' ମୁହଁରେ । ବ୍ରଷ୍ଟା ଦେହରେ ନିଆଁ ଲାଗିଗଲା ଯେମିତି । ତା'ର ମନେ ହେଲା ଯେମିତି ସେ ସୋନାଗିର ସଙ୍ଗ ଲାଭ କରିଛି ।

ରିଭଲଭର୍ ଉଠାଇ ଆଣିବାକୁ ଭୁଲିଗଲା ବ୍ରଷ୍ଟା । ଏଇ ମୁହୂର୍ତ୍ତରେ ସୋଫିଆର ଅଭିନୟ ଦେଖି ମନେ ହେଲା, ନିଜର ଏଭଳି କାର୍ଯ୍ୟରେ ସେ ଯେମିତି ଖୁବ୍ ଲଜ୍ଜିତ ହୋଇ ଉଠିଛି । ତା'ପରେ ନିଜର ପୋଷାକ ଉଠାଇ ନେଇ ହଠାତ୍ ସୋଫିଆ ଛୁଟିଗଲା ବାହାରକୁ । ବ୍ରଷ୍ଟା ଛୁଟି ଆସୁଥିଲା ପଛରେ । କିନ୍ତୁ ଦରଜା ନିକଟରେ ପହଞ୍ଚି ସେ ଥମିଗଲା । ମୃତଦେହ କଥା ତା'ର ମନେ ପଡ଼ିଲା । ରାତିରେ ତା'ର ବ୍ୟବସ୍ଥା କରିବାକୁ ପଡ଼ିବ ।

ଜୀବନ ଦ୍ୱିଧା ।

ରେଣୁ କ୍ରମେ କ୍ରମେ ରହସ୍ୟମୟୀ ହୋଇ ଉଠିଛି ବିନୋଦ ପାଇଁ । ସେ କେଇଥର ଦେଖା କରିଛି । ପୁଣି ଚାଲିଯାଇଛି । ବିନୋଦ କିନ୍ତୁ ରେଣୁର କୌଣସି ଠିକଣା ଜାଣିବାଲାଗି ସକ୍ଷମ ହୋଇ ପାରିନି ।

ଦୁଇଥର ରେଣୁକୁ ଅନୁସରଣ ମଧ୍ୟ କରିଛି । କିନ୍ତୁ ଠିକଣା ପାଇପାରିନି ବିନୋଦ । ମାଲୋ କିନ୍ତୁ ଦେଖା କରିଛି ବିନୋଦ ସାଙ୍ଗରେ । ବିନୋଦର ବିଶ୍ୱାସ ମାଲୋ ତାକୁ ଧୋକା ଦେବନି । ଅବଶ୍ୟ ସେ ଖୋଲାଖୋଲି ଜଣାଇ ଦେଇଛି, ସେ ପାନିକ୍ ହାଉସ୍‌ର ଖେଳନା କଣ୍ଢେଇ । ଆଉ ବିନୋଦକୁ ଜାଲରେ ଆବଦ୍ଧ କରିବା-ଲାଗି ତାକୁ ନିଯୁକ୍ତ କରାଯାଇଛି । କେବଳ ସେତିକି ନୁହେଁ । ମାଲୋ ଜଣାଇଛି, ପାନିକ୍ ହାଉସ୍‌ରେ ସୋନାଗି ଦଳ ସହିତ ଯେଉଁମାନେ ଯୋଗ ଦିଅନ୍ତି, ସେହି ପୁରୁଷମାନଙ୍କର ବାସନାର ଖେଳନା ସାଜିଛି ବିଚୁର ।

ଆଉ ଏପର୍ଯ୍ୟନ୍ତ ତାକୁ ସାହୁଲ ହିଁ ପହଞ୍ଚାଇଛି । ମାଲୋ ଅବଶ୍ୟ ସ୍ୱୀକାର କରିଛି, ଖୁବ୍ ବାଜେ ସ୍ତ୍ରୀ ସେ । କେବେ ଜଣେ ଯୁବତୀ ତା' ଜୀବନଧାରା ବଦଳାଇ

ଦେଇଛି । ବର୍ତ୍ତମାନ ପ୍ରାୟଶ୍ଚିତ କରିବାକୁ ଚାହେଁ ସେ । ସେହି ଯୁବତୀ ସମ୍ପର୍କରେ ବିଶ୍ୱସ୍ତ ରୂପରେ ସେ ଅବଶ୍ୟ କିଛି କହିପାରିବ । କିନ୍ତୁ ବିନୋଦର ଧାରଣା ସେହି ଯୁବତୀ ରେଣୁ ବ୍ୟତୀତ ଆଉ କେହି ନୁହେଁ ।

ରେଣୁ ଯେଉଁ କାହାଣୀ ଶୁଣାଇଛି, ତାକୁ ବିଶ୍ୱାସ କରିପାରିନି ବିନୋଦ ।

ଟ୍ରାନ୍ସମିଟର ସାହାଯ୍ୟରେ ସୋଫିଆ ଯୋଗାଯୋଗ ସ୍ଥାପିତ କରୁଛି ବିନୋଦ ସାଙ୍ଗରେ । ସୋଫିଆର କହିବା ଅନୁସାରେ, ପାମର୍ ହାଉସ୍‌ରେ ଡାକ୍ତର ଜୁଲିଅସ୍‌ଙ୍କ ନାମ ସେ ଶୁଣିବାକୁ ପାଇନି । ତେବେ ତ୍ରିଷ୍ଟା ତାକୁ ଅନେକ କିଛି କହିଛି । ଆଉ ବର୍ତ୍ତମାନ ସୋନାରା ପର୍ଯ୍ୟନ୍ତ ମଧ୍ୟ ପହଞ୍ଚି ଯାଇଛି । ସୋଫିଆ ସମ୍ଭାଲୁ ସମ୍ପ୍ରଦାୟ ଭଳି ପବିତ୍ର ସମାଜର ସଦସ୍ୟ ସୋନାରା ସମ୍ଭାଳି ପାରିନି ନିଜର ଯୌବନକୁ । ଆଉ ସେ ମଧ୍ୟ ତ୍ରିଷ୍ଟାକୁ ଆପଣାର କରି ନିକଟତମ ବାନ୍ଧବୀ ହୋଇଗଲାଣି ସୋଫିଆର ।

କିନ୍ତୁ ଡାକ୍ତର ଜୁଲିଅସ୍‌ଙ୍କ ନାମ କେଉଁଠାରେ ହେଲେ ସୋଫିଆ ଶୁଣି ପାରୁନି । ତା'ହେଲେ ରେଣୁର ରହସ୍ୟ କ'ଣ ହୋଇପାରେ ?

ସମୟ ରାତି ଦଶଟା । ବସି ବସି ମାଲେକୁ ଅପେକ୍ଷା କରୁଛି ବିନୋଦ । ଆଜି ତାକୁ ପାମର୍ ହାଉସ୍‌କୁ ଯିବାକୁ ପଡ଼ିବ । ସୋଫିଆର ସୂଚନା ଅନୁସାରେ ସବୁ କାମ

ଠିକ୍ ଖବରେ ହୋଇଛି । ଡକ୍ଟର ରାଘବନଙ୍କ ଠିକଣା ମିଳି ସାରିଲାଣି । ତେବେ ତାଙ୍କ ପର୍ଯ୍ୟନ୍ତ ପହଞ୍ଚିବା କଷ୍ଟକର । କାରଣ ଜଣେ ଗୁଣ୍ଡା ମୁସଲିମ୍ ଛଡ଼ା ଜଣେ ମଙ୍ଗୋଲି ମଧ୍ୟ ରହୁଛି ପ୍ରହରାରେ । ତା' ଛଡ଼ା ଅସଲି ରାସ୍ତା ସମ୍ପର୍କରେ ମଧ୍ୟ ବର୍ତ୍ତମାନ ଠିକ୍ ଖବରେ ଜଣାପଡ଼ିନ ।

ତେବେ ସୋଫିଆ ଜଣାଇ ଦେଇଛି, ବର୍ତ୍ତମାନ ବିନୋଦର ପାନକ୍ ହାଉସ୍‌କୁ ଆସିବା ଦରକାର । ଆଉ ସେଇ ବିପଦ ବରଣ କରିବାଲାଗି ବିନୋଦ ବର୍ତ୍ତମାନ ପ୍ରସ୍ତୁତ ।

ବିନୋଦର ଚିନ୍ତାଧାରା ଛିନ୍ନ ହେଲା । କୋଠରୀର ଘଣ୍ଟି ବାଜିଉଠିଲା । ଦରଜା ଖୋଲି ଭିତରେ ପାଦଦେଲା ମାଲେ । ଦେହରେ ଅଛି ଅର୍ଦ୍ଧନଗ୍ନ ପୋଷାକ ।

ବିନୋଦ ଓଠରେ ହସ ଫୁଟି ଉଠିଲା । କିନ୍ତୁ ମାଲେର କପାଳରେ ଚିନ୍ତାରେଖା ସ୍ପଷ୍ଟ ହୋଇଉଠିଛି । ବିନୋଦ ବର୍ତ୍ତମାନ ରଞ୍ଜିତ କ୍ଲବ୍ ଛାଡ଼ି ଅନ୍ୟ ଏକ ହୋଟେଲରେ ରହୁଛି । ଅବଶ୍ୟ ବର୍ତ୍ତମାନ ଯେଉଁ ରୁମ୍‌ରେ ସେ ରହୁଛି, ସେଠାରେ ଶତ୍ରୁ ପକ୍ଷର ଟ୍ରାନ୍ସମିଟର ଜାଲ ବିସ୍ତୃତ ହୋଇନ—ସେକଥା ଭଲ ଭାବରେ ପରୀକ୍ଷା କରି ଦେଖି ନେଇଛି ବିନୋଦ ।

ବିନୋଦ ପ୍ରଶ୍ନ କଲା—ମାଲେ ! ଆଜି ତୁମେ ଖୁବ୍ ଉଦାର ଥିଲାଭଳି ମନେ ହେଉଛି । କ'ଣ ହୋଇଛି ?

ମାଳେ ଆସି ପାଖରେ ବସିଲା । କହିଲା--ବିନୋଦ, ଆଜି ରାତିରେ ମୁଁ ତୁମକୁ ମୃତ୍ୟୁ ମୁହଁକୁ ନେଇଯାଉଛି । ଭବିଷ୍ୟତରେ ଆଗକୁ କ'ଣ ଯେ ରହିଛି ଜାଣେନା ।

ବିନୋଦ ଆଶ୍ୱାସନା ଦେଲା—ଏଥିରେ ଭୟ କରିବାର କ'ଣ ଅଛି ମାଳେ ? ମୁଁ ତ' ମହମ ନୁହେଁ ଯେ ସାମାନ୍ୟ ଉତ୍ତାପରେ ତରଳିଯିବି ।

—ସେକଥା ମୁଁ ଜାଣେନା ବିନୋଦ, ହେଲେ ତୁମେ ଭୁଲି ଯାଉଛ, ପାନିକ୍ ହାଉସ୍‌ର ସବୁଆଡ଼େ ମୃତ୍ୟୁର ଜାଲ ବିସ୍ତୃତ ହୋଇ ରହିଛି । ଆଉ ମୋ' ଭୁଲର ପ୍ରାୟଶ୍ଚିତ କ'ଣ ଜାଣ ? ତୁମକୁ ପାନିକ୍ ହାଉସ୍‌ରେ ଶେଷ କରିଦେବା କାର୍ଯ୍ୟରେ ସହାୟତା କରିବା । ଆଉରି କେତେ କ'ଣ ?

ଆଉ କିଛି କହି ପାରିଲାନି ମାଳେ । କଣ୍ଠ ତା'ର ରୁଦ୍ଧ ହୋଇ ଆସିଲା । ଛଳ ଛଳ ହୋଇ ଆସିଲା ଦୁଇ ଆଖି ।

ମାଳେର ଗୋଟାଏ ହାତ ନିଜ ହାତରେ ନେଇ ଚିପି ଧରିଲା ବିନୋଦ । ମାଳେ କାନ୍ଦି ଉଠିଲା । କକ୍ଷର ବାତାବରଣ ବେଶ୍ ବେଦନାମୟ ହୋଇଉଠିଲା ।

× × ×

କ୍ରୋଧରେ ଅସ୍ଥିର ହୋଇଉଠିଛି ରାହୁଲ । କିନ୍ତୁ ବିବଶ ସେ । ସାଧ୍ୟଥିଲେ ଏଇ ପାନିକ୍ ହାଉସ୍‌ରେ କଣ କଣ କରି ସେ ଗୁଳିରେ ଉଡ଼ାଇ ଦିଅନ୍ତା ।

ଏବେ ବ୍ରିଷ୍ଟା ହତ୍ୟା କରି ଦେଇଛି ତା' ସ୍ୱାମୀକୁ । ତାର ଭୁଲ ଭିତରେ ଏଥିକି ସେ ସୁଭଦ୍ରା (ସୋଫିଆ)କୁ ଗୁପି ଧରିବାଲାଗି ଚେଷ୍ଟା କରିଛି । ସୋଫିଆ ତାଙ୍କୁ କାମୁଡ଼ି ଦେଇ ଅଭିଯୋଗ କରିଥିଲା ବ୍ରିଷ୍ଟା ନିକଟରେ । ଆଉ ତାଙ୍କୁ ଖୋଜି ବାହାର କରି ଗୁଳିକରି ହତ୍ୟା କରିଛି । ତା'ର ବାହୁ କାଟିନେଇ ରକ୍ତପାନ କରିବା ଲାଗି କହିଛି ସୁଭଦ୍ରାକୁ ।

ବାହୁଲର ନିଜ ଭାଇ ଝଣ୍ ହେଲା । ନିଜ ଭାଇର ହତ୍ୟାର ପ୍ରତିଶୋଧ ନେବାକୁ ଚାହେଁ ବାହୁଲ । ବାହୁଲ ଅନେକ ଦିନରୁ ଅବଶ୍ୟ ବ୍ରିଷ୍ଟା ଉପରେ ଆସକ୍ତ । ମନେ ମନେ ଠିକ୍ କଲା, ବ୍ରିଷ୍ଟାର କୁମାରୀତ୍ୱ ଲୁଟି ନେବା ପରେ ସେ ତାଙ୍କୁ ହତ୍ୟା କରିବ ।

ବାହୁଲର ଧାରଣା ବ୍ରିଷ୍ଟାର କୁମାରୀ ଦେହ ଭୋଗ କରିବାରେ ସେ ହେବ ପ୍ରଥମ ପୁରୁଷ । କିନ୍ତୁ ସେ ଦା' ଆଉ କେମିତି ବୁଝିବ, ବଣମଣିଷ ଟିଜାରୁ ପ୍ରଥମରୁ ହିଁ ବ୍ରିଷ୍ଟାକୁ ନିଜ ବାସନାର ଶିକାର କରି ସାରିଛି ।

କେବଳ ବାହୁଲ ନୁହେଁ, ପାଲ ଠାକୁର ମଧ୍ୟ ବ୍ରିଷ୍ଟା ପାଇଁ ପାଗଳ । ତେଣୁ ବ୍ରିଷ୍ଟା ପାଇଁ ବାହୁଲ ଏବଂ ପାଲ୍ ଠାକୁରଙ୍କ ମଧ୍ୟରେ ସଂଘର୍ଷ ଆରମ୍ଭ ହେବା ସ୍ୱାଭାବିକ । ହେଲା ମଧ୍ୟ ସେଇଆ । ବାହୁଲ ବ୍ରିଷ୍ଟା ସମ୍ପର୍କରେ ଅଭିଯୋଗ କରି ବସିଲା ସୋନାରା ଆଗରେ । ସୋନାରା କିନ୍ତୁ ଧମକ ଦେଇ ଚୁପ୍ କରାଇ ଦେଲା

Deb's Library Corner...

ସାହୁଲଙ୍କୁ । ଫଳରେ ରାହୁଲ ଶତ୍ରୁ ପାଲଟିଗଲା ପାନକ୍ ହାଉସ୍‌ର ।

ସୋନାରୀ କିନ୍ତୁ ରାହୁଲର ମନୋଭାବ ସମ୍ବନ୍ଧ ସଂପୂର୍ଣ୍ଣ ଅପରିଚିତ । ରାହୁଲ ଏବଂ ତାର ସାଥୀମାନଙ୍କ ପାଇଁ ଏବେ ମଧ୍ୟ ଗର୍ବ କରେ ସୋନାରୀ ।

ରାତି ଅନେକ ଗଭୀର ହୋଇଛି । ବ୍ରୁଷ୍ଟା ସମ୍ବନ୍ଧ କଥାବାର୍ତ୍ତା କରୁଛି । ଦୁଇଜଣଙ୍କ ମୁଖମଣ୍ଡଳ ଗମ୍ଭୀର । ମନେହେଲା, କୌଣସି ଅତ୍ୟନ୍ତ ଗମ୍ଭୀର ବିଷୟ ନେଇ ଦୁହେଁ ଚତୁର ବିମର୍ଷ କରୁଛନ୍ତି ।

ପାନକ୍ ହାଉସ୍‌ର ଜଣେ ଯୁବତୀ କିକ୍‌ଲି । ତାକୁ ସୋନାରୀ ଲଗାଇ ଦେଇଥିଲା ମୋଟା ସୁଲତାନ ପଛରେ । ଅବଶ୍ୟ ମୂର୍ଖ ସୁଲତାନକୁ ନିଜ ଯୌବନ ଜାଲରେ ଆବଦ୍ଧ କରିବା ଲାଗି କିକ୍‌ଲିର ଆଦୌ ଅସୁବିଧା ହୋଇନ । କିକଲିର ସୂଚନା ଅନୁସାରେ ସୁଲତାନ ପ୍ରଫେସର ସୂର୍ଯ୍ୟକାନ୍ତ ଏବଂ ସୋଫିଆର ଯେଉଁ ଚେହେରାର ବର୍ଣ୍ଣନା ହୋଇଛି, ତା' ସହିତ ଯଥେଷ୍ଟ ସାମଞ୍ଜସ୍ୟ ରହିଛି ପ୍ରଫେସର ଜାଣ୍ଡେ ଏବଂ ସୁଭଗାର ।

ସୋନାରୀର ଅନୁମାନ ପ୍ରଫେସର ଜାଣ୍ଡେ ହିଁ ପ୍ରଫେସର ସୂର୍ଯ୍ୟକାନ୍ତ । ତା' ସତ୍ତ୍ୱେ ବି ପ୍ରଫେସରଙ୍କ ବିରୁଦ୍ଧରେ ଭଲ ଭାବରେ ଚିନ୍ତା କରିବା ପରେ କାର୍ଯ୍ୟାନୁଷ୍ଠାନ କରିବାକୁ ଚାହେଁ ସେ । ତାଙ୍କ କାନ୍ଧ

ଉପରେ ଝୁଲୁଥିବା ସୁନେଲି ବସ୍ତ୍ର, ଏତେ ମହତ୍ତ୍ୱପୂର୍ଣ୍ଣ ଯେ ତାଙ୍କୁ ଦଣ୍ଡଦେବା ବିଷୟ ଯଦି ଗ୍ରାନକ୍ ହାଉସ୍‌ରେ ଥିବା ମଙ୍ଗୋଲମାନେ ଜାଣି ପାରନ୍ତି, ତା'ହେଲେ ସୋନାଗିଙ୍କୁ ସେମାନେ କାଟି ଖଣ୍ଡ ଖଣ୍ଡ କରିଦେବା ଅସମ୍ଭବ ନୁହେଁ ।

ସୋନାଗି ଏବଂ ବ୍ରଷ୍ଟା ଦୁହେଁ ଭବିଷ୍ୟତର କାର୍ଯ୍ୟପନ୍ଥା ସମ୍ପର୍କରେ ଆଲୋଚନା କରୁଛନ୍ତି ।

ବ୍ରଷ୍ଟା କହିଲା—ସୋଫିଆକୁ ସମ୍ଭାଳିବା କଠିନ ନୁହେଁ । କେଇଦିନ ପରେ ପୂର୍ଣ୍ଣିମା । ମୁଁ ତାକୁ ଗିଜାନ୍ତୁ ପାଖକୁ ନେଇଯିବି ।

ସୋନାଗି ପଚାରିଲା—ତୁମେ ତାକୁ ଜଣାଇ ଦେଇଛ ?

—ନା ବର୍ତ୍ତମାନ ନୁହେଁ । କିନ୍ତୁ ତାର ଯୌବନର ତୃଷ୍ଣା ମେଣ୍ଟାଇବା ଲାଗି ସେ ରାଜି ।

ସୋନାଗି ପରାମର୍ଶ ଦେଲା—ଆଉ ବାକି ରହିଲା ପ୍ରଫେସର । ଯଦି ସେ ପ୍ରକୃତରେ ପ୍ରଫେସର ସୂର୍ଯ୍ୟକାନ୍ତ ହୋଇଥାଏ, ତା'ହେଲେ ସୁନେଲି ରାତିରେ ଜଣାପଡ଼ିଯିବ । ମହାନ ସୁନେଲି ବସ୍ତ୍ରଙ୍କ ପୂଜାବିଧିର ରହସ୍ୟର ପର୍ଦ୍ଦା ଖୋଲିବା ମାତ୍ରକେ ମଙ୍ଗୋଲି ଦଳ ତାକୁ ଖଣ୍ଡ ଖଣ୍ଡ କରି ପକାଇବେ ।

—ସୁନେଲି ରାତିରେ କାହାକୁ ବଳି ଦିଆଯିବ ?

ସୋନାଗ କହିଲା—ସୁଲତାନଙ୍କୁ । ସୁଲତାନଙ୍କୁ କୌଣସି ପ୍ରକାରେ ପାନକ୍ ହାଉସ୍‌କୁ ନେଇ ଆସିବା ଲାଗି ମୁଁ କେନ୍‌ଲକୁ ଆଦେଶ ଦେଇଛି ।

—ଆଜି ବିନୋଦ ଆସୁଛି, ନୁହେଁ ?

ସୋନାଗର ଆଖିରେ ଚମକ ଆହୁରି ତୀବ୍ର ହୋଇ ଉଠିଲା—ବିନୋଦ ହଁ, ମାଇଲର ସୂଚନା ଅନୁସାରେ ଆଜି ଅଧଘଣ୍ଟା ମଧ୍ୟରେ ବିନୋଦ ଏଠାରେ ପହଞ୍ଚିବ ।

—ତା'ର ସ୍ୱାଗତ କେମିତି କରିବ ?

—ସେ ବ୍ୟବସ୍ଥା ମୁଁ କରିସାରିଛି । ତୁମେ ବର୍ତ୍ତମାନ ସୋଫିଆ ଆଉ ପ୍ରଫେସରଙ୍କ ଉପରେ ଦୃଷ୍ଟି ରଖ ।

× × ×

ପ୍ରାୟ ଏକଘଣ୍ଟା ପରେ—ବିନୋଦକୁ ଉପସ୍ଥିତ କରାଗଲା ସୋନାଗ ନିକଟରେ । ଲୁହା ଝଞ୍ଜିରରେ ବନ୍ଧା ଅବସ୍ଥାରେ ।

ମାଇଲା, ବିନୋଦକୁ ପାନକ୍ ହାଉସ୍‌ର ଜଣେ ଦାସ ହାତରେ ଅର୍ପଣ କରି ଦେଇଛି । ଈଶ୍ବର ଜାଣନ୍ତି, ବିନୋଦ ସାଥିରେ କିଭଳି ବ୍ୟବହାର କରିବେ ସେମାନେ । ଏହି ସମୟରେ ମାଇଲ୍‌କୁ ଆଦେଶ ମିଳିଲା, ସେ ଗୃହୁଲର ଜଣେ ସାଥିର ଶଯ୍ୟାସଙ୍ଗିନୀ ହେବ ଆଜି । ହୃଦୟ ଚିତ୍କାର କରିଉଠିଲା ମାଇଲର । କିନ୍ତୁ କିଛି କରିବାର ଉପାୟ ନାହିଁ ।

ବିନୋଦଙ୍କୁ ଅଣା ଗଲା ଗୋଟାଏ କକ୍ଷ ଭିତରକୁ । ଗୋଟାଏ ଗୋଲାକାର ଅଂଶରେ ଠିଆ କରାଗଲା ତାଙ୍କୁ । ପରକ୍ଷଣରେ ନିଜକୁ ସମ୍ଭାଳିବା ଆଗରୁ ଆଉ ଏକ ଅଘଟଣ ଘଟିଗଲା । ଛାତ ଉପରୁ ଆପେ ଆପେ ଖଞ୍ଜା’ର ଖସି ଆସି ଗୁଡ଼ାଇ ହୋଇଗଲା ବିନୋଦ ଦେହରେ ।

ତା’ ସତ୍ତ୍ୱେ ବି’ ବିନୋଦ ନିଶ୍ଚିନ୍ତ । ଟ୍ରାନ୍ସମିଟରରେ ସୋନାଗର ଯେଉଁ ଚିତ୍କାର ତା’ପରେ କ୍ରନ୍ଦନ ସେ ଶୁଣିଛି, ସେକଥା ଏବେ ବି’ ସ୍ପଷ୍ଟ ମନେଅଛି ତାର । ସେଇ ଶବ୍ଦ ପଛରେ କେତେ ଯେ ତୋଫାନ ଲୁଚି ରହିଛି, ସେକଥା ଭୁଲିନି ବିନୋଦ ।

ଗୋଟାଏ ସୋଫାଉପରେ ବସି ତା’ ଆଡ଼କୁ ସ୍ଥିର ଦୃଷ୍ଟିରେ ଚାହିଁଛି ସୋନାଗ । ଅଙ୍ଗ ଜଳି ଉଠୁଛି ତାର । ସହସା ସୋନାଗ ଉଚ୍ଚସ୍ୱରରେ ଆଦେଶ ଦେଲା—ପର୍ଦ୍ଦା ଖସାଇ ଦିଅ ।

ବିନୋଦ ବୁଝିପାରିଲା, ତା’ ନିକ୍ଷେପ୍ତ ଘର ନିଷ୍ଟପ୍ନ କାମରେ ଆସିବ ।

ଲକ୍ଷ୍ୟ କଲା, ସୋନାଗର ଆଦେଶ ସଙ୍ଗେ ସଙ୍ଗେ କକ୍ଷ ମଧ୍ୟରେ ଚତୁର୍ଦ୍ଦିଗରେ ମୋଟା ପର୍ଦ୍ଦା ଝୁଲିଗଲା ତଳକୁ । କେଉଁଠାରୁ କେଜାଣି କାନରେ ବାଜୁଛି ଅସ୍ପଷ୍ଟ ଘର୍‌ଘର୍‌ ଶବ୍ଦ । କକ୍ଷର ପ୍ରତିଟି ଦ୍ୱାର ଅଟୋମେଟିକ୍‌ ସିଷ୍ଟମରେ ବନ୍ଦ ହୋଉଛି, ସେକଥା ବୁଝିପାରିଲା ସେ ।

ଏଥର ଉପରୁ ଝୁଲୁଥିବା ଗୋଟାଏ ଲୁହା ଝଞ୍ଜିର ଟାଣିଦେଲା ସୋନାରୀ । ବିନୋଦ ଦେଖିଲା, ଆଖି ପାଖରେ ତା'ର ଝଲମଲ କରି ଉଠିଲା ବିଦ୍ୟୁତ ଶିଖା । ସତେ ଯେମିତି ଅଜସ୍ର ଅଗ୍ନି କଣା ବିଚ୍ଛେଇ ହୋଇ ପଡୁଛି ଚତୁର୍ଦ୍ଦିଗରେ । ପାଖରେ ପଡିଥିବା ଗୋଟାଏ ଲୁହା କରତ ବିନୋଦ ନିକଟକୁ ଫିଙ୍ଗି ଦେଲା ସୋନାରୀ । କହିଲା—ନିଜର ଝଞ୍ଜିର କାଟିଦିଅ ବିନୋଦ ।

ଆଉ ପାଞ୍ଚ ମିନଟ୍ ମଧ୍ୟରେ ଝଞ୍ଜିରରୁ ମୁକ୍ତ ହେଲା ବିନୋଦ । ସୋନାରୀର କଣ୍ଠସ୍ୱର ଶୁଣାଗଲା—ଆଲୋକ ଚକ୍ର ବାହାରକୁ ଫିଙ୍ଗିଦିଅ ସେଇ ଝଞ୍ଜିରକୁ ।

ଆଦେଶ ପାଳନ କଲା ବିନୋଦ । ଆଶ୍ଚର୍ଯ୍ୟ, ଆଲୋକ ଚକ୍ରର ଯେଉଁ ଭାଗରୁ ଝଞ୍ଜିର ବାହାରକୁ ବାହାରିଗଲା, ସେଇ ଭାଗରୁ ଅଗ୍ନି କଣା ଖେଳେଇ ହୋଇ ପଡିଲା । ପରକ୍ଷଣରେ ଲୁହା ଝଞ୍ଜିର ପାଣି ହୋଇ ବହିଗଲା ତଳେ ।

ସୋନାରୀ ଗମ୍ଭୀର କଣ୍ଠରେ କହିଲା—ତୁମ ଚତୁ-ପାଖରେ ବିଚ୍ଛେଇ ହୋଇ ରହିଥିବା ଆଲୋକ ଚକ୍ରର ଶକ୍ତିରେ ତୁମେ ବୁଲି ପାରୁଛ । ବାହାରକୁ ଆସିବାର ଚେଷ୍ଟା କଲେ ତୁମେବି ପାଣି ହୋଇ ବହିଯିବ ।

ବିନୋଦ ମୃଦୁହସି କହିଲା—ତାର କ'ଣ ଦରକାର ଥିଲା ମାଡାମ୍ ସୋନାରୀ ?

—ତୁମେ ମୋ' ନାଁ ଜାଣିଲ କେମିତି ?

—ତୁମେ ଭୁଲିଗଲ ସିନା । ହେଲେ ମୁଁ ଭୁଲି ପାରିବିନି । ଯେଉଁ ରାତିରେ ତୁମେ ଟ୍ରାନସମିଟରରେ ମୋ' ସହିତ କଥାବାର୍ତ୍ତା କରିଥିଲ, ମନେ ଅଛି ? ସୋନାରା ବିଚଳିତ ହୋଇ ପଡ଼ିଲା ।

ବିନୋଦ କହିଲା—ଆଲୋକ ଚନ୍ଦ୍ରର କି ଦରକାର ଅଛି ? ତୁମେ ଏତେ ସୁନ୍ଦରୀ ଯେ ତୁମର ପ୍ରତିଟି ଆଦେଶ ମୋ' ପାଇଁ ଈଶ୍ୱରଙ୍କ ଆଦେଶ ଭଳି ।

ସୋନାରା ଯେମିତି ନିଆଁରେ ଜଳିବାକୁ ଆରମ୍ଭ କରିଛି । ବିନୋଦ ବାକି ଅଂଶ ପୂରଣ କଲା—ସମସ୍ତେ ଭାବୁଛନ୍ତି ମୁଁ ସେଣ୍ଟ୍ରାଲ ଇଣ୍ଟେଲିଜେନ୍ସ ବିଭାଗର ଆଦେଶରେ ମୃତ୍ୟୁ ମୁହଁକୁ ଆସିଛି । ସେ ସବୁ କିନ୍ତୁ ପୁରାପୁରି ଭୁଲ; ମାଡ଼ାମ୍ ସୋନାରା ? ପ୍ରଫେସର ସୂର୍ଯ୍ୟକାନ୍ତଙ୍କ ଘରେ ମୁଁ ମହାରାଣୀ କମ୍ପାଲଙ୍କର ଫଟୋ ଦେଖିଥିଲି । ବାସ୍, ତା' ପରଠାରୁ ମୋ' ନିଦ ହଜିଗଲା ।

ସୋନାରା ଛଟପଟ କରି ଉଠିଲା—ନା ।

—ମୁଁ ମହାରାଣୀ କମ୍ପାଲଙ୍କ ସନ୍ଧାନରେ ଧୁରି ଧୁରି ଏଠାରେ ଆସି ପହଞ୍ଚିଲି । କିନ୍ତୁ ତୁମକୁ ଦେଖିଲା ପରେ ମନେ ହେଉଛି ମୁଁ ବୋଧହୁଏ ପାଗଳ । ନ ହେଲେ ମହାରାଣୀ କମ୍ପାଲଙ୍କୁ ଦୁନିଆଁର ସବୁଠାରୁ ରୂପସୀ ବୋଲି ଭାବିଥାନ୍ତି କାହିଁକି ?

—ମିଛ କଥା ।

—କେବେ ଯଦି ଦର୍ପଣରେ ନିଜର ଆଖି ଦୁଇଟି ଦେଖିବ…ତା' ହେଲେ ବୁଝିବ । ଗୁଡ଼, ମାଲେ ଅବଶ୍ୟ ମତେ ଏଠିକି ଧୋକ୍କା ଦେଇ ନେଇ ଆସିଛୁ । କିନ୍ତୁ ମୁଁ ତା' ପାଖରେ ଋଣୀ, ମତେ ମୋ' ଲକ୍ଷ୍ୟ ସ୍ଥଳରେ ପହଞ୍ଚାଇ ଦେଇଛୁ ବରଂ ।

—ତୁମେ ମିଛ କହୁନ ତ' ?

—ମୁଁ ପରୀକ୍ଷା ଦେଇପାରେ । ତୁମର ଯେ କୌଣସି ଆଦେଶ ମୋ' ଲାଗି ଈଶ୍ୱରଙ୍କ ଆଦେଶ ।

ସୋନାର ଏଥର ଉପରୁ ଝୁଲୁଥିବା ଚେନ୍ ଧରି ଆଉଥରେ ଟାଣି ଦେଲା । ପରକ୍ଷଣରେ ଅଦୃଶ୍ୟ ହୋଇଗଲା ସେଇ ଭୟଙ୍କର ଆଲୋକ ଚକ୍ର । ଉଠି ଠିଆହେଲା ସୋନାର । ଡାହାଣ ପାଖର କାନ୍ଥ ପାଖରେ ପରଦା ଆଡ଼େଇ ଗୋଟାଏ ସୁଇଚ୍ ଅନ୍ କଲା ।

ପର୍ଦ୍ଦା ଘୁଞ୍ଚିଗଲା । ତା'ପରେ ପଥର କାନ୍ଥ ହଟିଗଲା ଗୋଟାଏ ପାଖକୁ । ବିନୋଦ ଚମକି ଉଠିଲା । ଦେଖାଗଲା, ସାମନାରେ ହିସ୍ ହିସ୍ କରୁଛି ଏକ ଭୟଙ୍କର ନାଗ । ଅତ୍ୟନ୍ତ ସୂକ୍ଷ୍ମ ଏକ ପିଞ୍ଜରା ମଧ୍ୟରେ ଆବଦ୍ଧ ।

ସୋନାରର କଣ୍ଠସ୍ୱର ଗୁଞ୍ଜି ଉଠିଲା—ଏଇ ନାଗର ଦଂଶନ ନେଇ ପାରିବ ? ମୋର ଆଦେଶ……

—ନୁହେଁ କାହିଁକି ? ତେବେ ଗୋଟାଏ କଥା କହି ରଖୁଛି । ନାଗର ଦାନ୍ତଠାରୁ ନାଗୁଣୀର ଦଂଶନ ବେଶୀ ବିପଦ ଜନକ । ତୁମେ କ'ଣ ନିଜକୁ ନାଗୁଣୀଠାରୁ କମ୍ ବୋଲି ଭାବୁଛ ?

ସୋନାରି ଯେମିତି ସମ୍ବିତ୍ ଫେରି ପାଇଲା । ସେ ବିନୋଦକୁ ସର୍ପ ଦଂଶନରେ ମରାଇବାକୁ ଚାହୁଁଛି । କିନ୍ତୁ ଠିକ୍ ସେଇ ମୁହୂର୍ତ୍ତରେ ନିଜର ସେଇ ଗୋପନ ଜ୍ୱାଳା ଅନୁଭବ କଲା ମର୍ମେ ମର୍ମେ । ବିନୋଦ କହିଲା —ତୁମ ଆଦେଶରେ ମୁଁ ମୃତ୍ୟୁ ମୁହଁକୁ ଯାଉଛି । କିନ୍ତୁ ତା' ଆଗରୁ......

କଥା ଅଧା ଛାଡ଼ିଦେଇ ବିନୋଦ ଅଗ୍ନିକ ନିଜର ଦୃଢ଼ ବାହୁବନ୍ଧନରେ ବାନ୍ଧିଦେଲା ସୋନାରିକୁ । ଚିତ୍କାର କରି ଉଠିଲା ସୋନାରି । ଦେହ ମନର ଜ୍ୱାଳା ଅସହ୍ୟ ହୋଇଉଠିଲା । ଅଳ୍ପକ୍ଷଣ ମଧ୍ୟରେ ଅଜସ୍ର ଚୁମ୍ବନ ଆଙ୍କିଦେଲା ବିନୋଦ । ତା'ପରେ ତାକୁ ମୁକ୍ତ କରିଦେଇ କହିଲା—ମୁଁ ନାଗ ପାଖକୁ ଯାଉଛି ।

ସୋନାରି ହଠାତ୍ ଚିତ୍କାର କରି ଉଠିଲା—ନା... ନା...ବର୍ତ୍ତମାନ ତୁମକୁ ଆଉ ଏକ ବଡ଼ ପରୀକ୍ଷାର ସମ୍ମୁଖୀନ ହେବାକୁ ପଡ଼ିବ । ଆସ ମୋ' ସାଙ୍ଗରେ ।

ସୋନାରି କଥା ଅବଶ୍ୟ ବିନୋଦ ବୁଝି ପାରିନି । କିନ୍ତୁ ପଛକୁ ଫେରି ଆସିଲା ।

ଦ୍ୱିତୀୟ ଥର ଲାଗି ସୋନାଗର ଚିତ୍କାର ବାଜିଲା କାନରେ । ଗୋଟାଏ କଥା ବୁଝି ପାରିଛି ବିନୋଦ । ସୋନାଗର ଯୌବନ ଚର ଅତୃପ୍ତ । ଅବସର ମିଳିଲେ ସେ କୌଣସି ତୃପ୍ତିର ସାଧନା ଏବଂ ସୁଯୋଗ ସେ ଛାଡ଼ି ଦେବାକୁ ଚାହେଁନା । ବିନୋଦର ତୀର ଠିକ୍ ସ୍ଥାନରେ ଲାଗିଛି ।

ସୋନାଗ ତାକୁ ନେଇ ଆଗେଇ ଗଲା ଏକ ସଂକୀର୍ଣ୍ଣ ରାସ୍ତାରେ । ହୁଏତ ତାର ଶକ୍ତି ପରୀକ୍ଷା ଲାଗି କେଉଁଠିକି ନେଇ ଚାଲିଛି ସୋନାଗ ।

ସହସା ସୋନାଗର ପାଦ ଅଟକିଗଲା । କହିଲା— ଡାହାଣ ପାଖକୁ ଚାଲିଯାଅ । ଯଦି ତୁମେ ଜିତିବ ତା'ହେଲେ ମୁଁ ତୁମର ଗୋଲାମ ହୋଇଯିବି ।

ଡାହାଣ ପାଖରେ ପାଦ ରଖିବା ମାତ୍ରକେ ବିନୋଦ ଚମକି ଉଠିଲା । ଉପରକୁ ଝାମ୍ପ ଦେଲା ଗୋଟାଏ ଜଙ୍ଗଲି ଭାଲୁ । ଗୋଟାଏ ପଞ୍ଝା ତାର କ୍ଷତ ବିକ୍ଷତ କରି ତୋଳିଲା ବିନୋଦର ଡାହାଣ କାନ୍ଧକୁ । ବିନୋଦ ପାଇଁ ଅବଶ୍ୟ ତାହାଥିଲା ସ୍ୱାଭାବିକ । ଅତ୍ୟନ୍ତ ଅପ୍ରତ୍ୟାଶିତ ଆକ୍ରମଣ । ପରକ୍ଷଣରେ ନିଜକୁ ସମ୍ଭାଳି ନେଲା ବିନୋଦ । ସେ ଅନୁମାନ କରି ନେଇଛି, ଏହି ଜଙ୍ଗଲିକୁ ପରାସ୍ତ କରି ପାରିଲେ, ପାନିକ୍ ହାଉସ୍‌ରେ ତା'ର ମହତ୍ତ୍ୱ ଅନେକ ବଢ଼ିଯିବ ।

ବିଦ୍ୟୁତ୍ ବେଗରେ ଲମ୍ଫ ଦେଲା ବିନୋଦ । ଗୋଟାଏ ପାଖରେ ଠିଆହେଲା ବିନୋଦ ଏବଂ ଅନ୍ୟ ପାଖରେ ଭାଲୁ ଦୁହେଁ ବୁଲିଲେ ଦୁହିଁଙ୍କୁ । ଅଗ୍ନିକ ଭାବରେ ବଣ ମଣିଷ ଉଚ୍ଛୁଳି ଉଠିଲା । ଗୋଟାଏ ପାଖକୁ ଘୁଞ୍ଚିଗଲା ବିନୋଦ । ବଣମଣିଷ ଫେରି ପଡ଼ିଲା । ବିନୋଦ ଲାଗି ଏହାହିଁ ଅବସର ।

ହଠାତ୍ ଲମ୍ଫ ଦେଇ ସେ ଉଠି ବସିଲା ପଶୁର ପିଠି ଉପରେ । ତାର ବେକ ପାଖରେ ଥିବା ବଡ଼ ବଡ଼ ଲୋମ ଖୁବ୍ ଜୋର୍‌ରେ ଭିଡ଼ିଧରି ଉପରକୁ ଟାଣିବାକୁ ଲାଗିଲା । ପଶୁର ମୁହଁ ଖୋଲିଲା । ଆଗ ଗୋଡ଼ ଉଲଟା ଉଠିବାକୁ ଚେଷ୍ଟା କରୁଛି ସେ । କିନ୍ତୁ ତା' ଆଗରୁ ବିନୋଦ ପୂର୍ଣ୍ଣ ଶକ୍ତିରେ ଚାପ ଦେଲା ବଣମଣିଷ ମୁହଁକୁ ।

ଗୋଟାଏ ଝଟକାରେ ବେକ ଗୁଡ଼ିଦେଲା ବିନୋଦ । ଡାହାଣ ପାଟର ପଛ ଗୋଡ଼ଧରି ଉଲଟାଇ ଟାଣିଦେଲା ଉପରକୁ । ଗୋଟାଏ ମିନଟ୍ ମଧ୍ୟରେ ଗୋଡ଼ ଭାଙ୍ଗି-ଦେଲା । ତା'ପରେ ନିଜେ ଲମ୍ଫ ଦେଇ ଛୁଟିକି ଆସିଲା ଦୂରକୁ । ବଣ ମଣିଷ ସେଇଠି ପଡ଼ି ଛଟପଟ ହେବାକୁ ଲାଗିଲା ।

ହୋନାବାର ଭାବୁକତା ଭରା କଣ୍ଠସ୍ୱର ଭାସି ଆସିଲା—ବାହାରକୁ ଚାଲିଆସ, ବିନୋଦ !

ତା' ଅର୍ଥ ଟେଲିଭିଜନ ସିଷ୍ଟମରେ ଏଇ ଦୃଶ୍ୟ ଦେଖିଛି ସୋନାଲି । ବର୍ତ୍ତମାନ ବିନୋଦର ଚିନ୍ତା । ସୋନୋଲି ନିଜର ତୃପ୍ତି ଲାଗି ବିନୋଦ ନିକଟରୁ ଯାହା ଚାହେଁ, ତା' ନିକଟରୁ ଦୂରରେ ରହିବାକୁ ଚାହେଁ ସେ । ଆଜିର ତୋଫାନରୁ କୌଣସି ପ୍ରକାରେ ନିଜକୁ ବଞ୍ଚାଇବାକୁ ହେବ ।

ଟଳିଟଳି ବାହାରି ଆସିଲା ବିନୋଦ । ସତେ ଯେପରି ଭୀଷଣ ଭାବେ ସେ କ୍ଲାନ୍ତ । ସୋନାଲି ଏଥର ବିନୋଦକୁ ସାହାରା ଦେଇ ଦେଇ ଆଗେଇବାକୁ ଆରମ୍ଭ କଲା ।

ପାନିକ୍ ହାଉସ୍ ।

ରହସ୍ୟମୟ ଅଟ୍ଟାଳିକା । କଏ ବା' ଜାଣେ ବାହାରୁ କେବଳ ସାଧାରଣ ମହଲ ଭଳି ମନେ ହେଉଥିବା ଏଇ ମହଲ ଭିତରେ କେତେ ରହସ୍ୟ ଆଉ ଭୟଙ୍କରତା ଛପି ରହିଛି । ଅପରାଧ ଆଉ ବାସନାର ତାଣ୍ଡବ ନୃତ୍ୟ, ସନ୍ଧ୍ୟା ହେବା ମାତ୍ରକେ ଆରମ୍ଭ ହୋଇଯାଏ ଏଠାରେ । ତା'ପରେ ସାରା ରାତି ବିତି ଯାଏ ।

ସମଗ୍ର ପାହାଡ଼ କ୍ଷେତ୍ରରେ ଭୟାବହ ଅନ୍ଧକାରର ସାମ୍ରାଜ୍ୟ । ପାନିକ୍ ହାଉସ୍‌ରେ କିନ୍ତୁ ଭିନ୍ନ ରୂପ ।

ଗୋଟାଏ ପାଖରେ ବିନୋଦ ସେମିତି କ୍ଳାନ୍ତ ଶ୍ରାନ୍ତ ଅବସ୍ଥାରେ ପଡ଼ିରହିଛି । ତା'ର ଶନ୍ ବାସନାର ପ୍ରତିମୂର୍ତ୍ତି ସୋନାର ନିଜ ତୃଷା ମେଣ୍ଟାଇବା ଲାଗି ସେବା ଆରମ୍ଭ କରିଛି ।

ଅପର ପାର୍ଶ୍ୱରେ ଆଉ ଏକ ଦୃଶ୍ୟ । ମାଲୋର ଘର ବେଶ୍ ନିର୍ଜନ । ଆଖ ପାଖରେ କେହି କୁଆଡ଼େ ନାହାନ୍ତି । ବେଳେ ବେଳେ କୌଣସି କୋଠରୀରୁ ଆର୍ତ୍ତନାଦ କିମ୍ବା ଚୁମ୍ବନ ହାଲ୍କା ଶବ୍ଦ ବାଜୁଛି କାନରେ । ସେତକ ଶୁଣିବା ପରେ ଭିତରେ କ'ଣ ହେଉଛି ସେକଥା ବୁଝିବା ଲାଗି ଚତୁର ବ୍ୟକ୍ତିର କୌଣସି ଅସୁବିଧା ହୁଏନା ।

ଦେଖାଗଲା, ସେଇ ଅନ୍ଧକାର ମଧ୍ୟରେ ଏକ ଛାୟାମୂର୍ତ୍ତି ଧର୍ଭ ପୋର୍ଟିକୋ ମଧ୍ୟରେ ପାଦ ଚାପି ଚାପି ପ୍ରବେଶ କଲା । ଦୁଇ ପାଖରେ ବନ୍ଦ କୋଠରୀ । ଅତ୍ୟନ୍ତ ସତର୍କତା ସହକାରେ ସେ ଆଗକୁ ଚାଲିଲା । ଧୀରେ ଧୀରେ ଗୋଟାଏ ଦରଜା ସାମନାରେ ପହଞ୍ଚି ଅଟକିଗଲା ଛାୟାମୂର୍ତ୍ତି । ଝୁଙ୍କି ପଡ଼ି ଗୋଟାଏ ଆଖି ରଖିଲା କି ହୋଲ୍ ଉପରେ । ତା'ପରେ ଆଶ୍ୱସ୍ତି ହୋଇ ଦରଜାରେ କରାଘାତ କଲା ।

ଦରଜା ଖୋଲିଲା ଜଣେ ଯୁବକ । ନିଦ ଭରା ଆଖି । ସ୍ଲିପିଂ ଗାଉନ୍‌ର ବଟନ୍ ବେକତଳ ପର୍ଯ୍ୟନ୍ତ ଖୋଲା । ଘନ କେଶ ଖେଳେଇ ହୋଇ ପଡ଼ିଛି କାନ୍ଧ ଉପରେ ।

ଗାଉନ୍‌ ଫାଙ୍କ ଦେଇ ଆତ୍ମପ୍ରକାଶ କରୁଛି ସୁଡୌଲ ଅଙ୍ଗ ପ୍ରତ୍ୟଙ୍ଗ ।

ଏସବୁ କିନ୍ତୁ କୌଣସି ସାଧୁକୁ ଶୈତାନ୍ କରି ଦେବାକୁ ଲାଗି ଯଥେଷ୍ଟ । ଗୁପ୍ତାମୂର୍ତ୍ତି ଅନୁଭବ କଲା ସାରା ଦେହରେ ଯେମିତି ନିଆଁ ଲାଗିଛି । କିନ୍ତୁ ଦାନ୍ତ ଗୁଡିଧରି ନିଜକୁ ସମ୍ଭାଳି ନେଲା ସେ !

ଯୁବତୀଟି ଆଉ କେହି ନୁହଁ ମାଳୋ । ବିସ୍ମିତ କଣ୍ଠରେ ମାଳୋ ପ୍ରଶ୍ନ କଲା—କିଏ ?

ଗୁପ୍ତାମୂର୍ତ୍ତି ଗମ୍ଭୀର କଣ୍ଠରେ କହିଲା—ମାଡାମ୍ ସୋନାର ତୁମକୁ ଡକାଇଛନ୍ତି ।

—ସେ ଇଣ୍ଟରକମ୍‌ରେ ତ' ଡକାଇପାରିଥାନ୍ତେ ?

—ନା, ସେ ବାହାରେ ଅଛନ୍ତି ।

—ବାହାରେ କ'ଣ କରୁଛନ୍ତି ?

ଗୁପ୍ତାମୂର୍ତ୍ତି କହିଲା—ମୁଁ କେମିତି କହିବି ? ହୁଏତ ଏକାକିନୀ କୁଆଡେ଼ ଯିବେ ବୋଲି ତୁମକୁ ଡାକିଛନ୍ତି ।

—ତୁମେ କିଏ ?

—ଗୁପ୍ତାମୂର୍ତ୍ତି ।

ହସିଲା ଗୁପ୍ତାମୂର୍ତ୍ତି । ନିଃଶବ୍ଦ ହସ । ମାଳୋର ଗୁଡ଼ିଏ ଅଧର ଉଠିଲା । ଗୁପ୍ତା ମୂର୍ତ୍ତି ନିଶ୍ଚିତ ଭାବରେ ରହସ୍ୟ-ମୟ । ତଥାପି କହିଲା—ଠିକ୍ ଅଛି । ମୁଁ ପୋଷାକ ବଦଳାଇ ନେଉଛି । ତୁମେ ବାହାରେ ରୁହ ।

ଉଦ୍ଦେଶ୍ୟ ଥିଲା, ଇଣ୍ଟରକମ୍‌ରେ ଏକଥାର ସତ୍ୟତା ସେ ବୁଝିନେବ ସୋନାଗ୍ର ନିକଟରୁ । ଦରଜା ଆଉଜାଇ ନେଇ ସେ ଘୁରିବା ମାତ୍ରକେ ଦରଜା ଧୀରେ ଧୀରେ ଖୋଲିଗଲା । ପରକ୍ଷଣରେ ସେଇ ଛାୟାମୂର୍ତ୍ତି ଚୁପି ଧରିଲା ମାଇକେଲଙ୍କୁ । ଚିତ୍କାର କରି ଉଠିଲା ମାଇକେଲ । କିନ୍ତୁ ସେତେ-ବେଳକୁ ଛାୟାମୂର୍ତ୍ତି ତା' ମୁହଁ ଉପରେ ନିଜ ହାତ ଚୁପି ଧରିଛି । କୌଣସି ଶବ୍ଦ ଆଉ ଶୁଣାଗଲାନି ମାଇକେଲ ମୁହଁରୁ ।

ଛଟପଟ ହେଉଛି ମାଇକେଲ । କିନ୍ତୁ ମୁକ୍ତି ପାଇ ପାରିଲାନି । ଛାୟାମୂର୍ତ୍ତିର ହାତ ଚୁପି ଦେଲା ତା'ର କାନମୁଣ୍ଡା ଉପରେ । ମାଇକେଲର ମନେହେଲା, ହଠାତ୍ ଗହଳ ଆଲୋକରୁ ବାହାରି ସେ ଯେମିତି ପହଞ୍ଚିଗଲା ଅନ୍ଧକାରାଚ୍ଛନ୍ନ ଅଞ୍ଚଳରେ । ତା'ପରେ ଅଚେତନ ହୋଇ ଗଲା ମାଇକେଲ ।

କିଛିକ୍ଷଣ ପରେ ଛାୟାମୂର୍ତ୍ତି ବାହାରି ଆସିଲା ପୋର୍ଟିକୋକୁ । ଗାଢ଼ ଅନ୍ଧକାର ଭରି ରହିଛି । ସେଇ ଅନ୍ଧକାର ମଧ୍ୟରେ ଆଗେଇ ଆସିଲା ଆଉ ଏକ ଛାୟା । ଚୁପା କଣ୍ଠରେ ପ୍ରଶ୍ନ କଲା—କାମ ହୋଇଗଲା ?

—ହଁ ।

ଦୁହେଁ ଏଥର ସତର୍କତା ସହିତ ଗୋଟାଏ ପାଖକୁ ଆଗେଇ ଚାଲିଲେ ।

ଯାନର ଷ୍ଟାଉସର ପଛପଟ ଦ୍ୱାର ନିକଟରେ ପହଞ୍ଚିବା ପରେ ଦେଖାଗଲା, ସେଠାରେ କେହି ନାହାନ୍ତି । ଟେଲିଭିଜନ, କ୍ୟାମେରା ପାଇଁ ଲେନ୍ସର କାର୍ଯ୍ୟ କରୁଥିବା ସେଇ ବଲବ୍‌ଟି ମଧ୍ୟ ବର୍ତ୍ତମାନ ଲିଭିଯାଇଛି ।

ଆଗକୁ ଏକ ସଂକୀର୍ଣ୍ଣ ରାସ୍ତା । ଏଇ ରାସ୍ତା ପାହାଡ଼ ନିକଟରେ ପହଞ୍ଚି ଅଦୃଶ୍ୟ ହୋଇଛି । ଭୟାବହ ପାହାଡ଼, ଆବଡ଼ା ଖାବଡ଼ା ଅଂଶ ଆଉ ଘନ ଜଙ୍ଗଲ ବୁଦା । ସେଇ ଦୁଇଜଣଙ୍କୁ ଅନ୍ଧକାର ଯେମିତି ମୁହୂର୍ତ୍ତକ ମଧ୍ୟରେ ଗ୍ରାସ କରି ବସିଲା ।

## ପ୍ରତିଶୋଧ !

ରାହୁଲ ଆଖିରେ ଅଦ୍ଭୁତ ହିଂସ୍ର ଚମକ । ଏକ ଲମ୍ବା ଗୁମ୍ଫା ମଧ୍ୟରେ ପାଗଳ ଭଳି ଏପାଖ ସେପାଖ ହେଉଛି ସେ । ଟୋମି ଏବଂ ଗୁଲସେର୍ ଉପରେ ତା'ର ଯଥେଷ୍ଟ ଭରସା ଅଛି । ଏ ଦୁଇଜଣ ତା'ର ସାଥୀ ଗୁଣ୍ଡା ଏବଂ ସବୁଠାରୁ ଅଧିକ ବିଶ୍ୱସ୍ତ ।

ଆଜି ରାତିରେ ଭକ୍ତ ହତ୍ୟାର ପ୍ରତିଶୋଧ ନେବାଲାଗି ଠିକ୍ କରିଛି ରାହୁଲ୍ । ଏଇ ପ୍ରତିଶୋଧ ସେ ଯେ କେବଳ କ୍ରିଷ୍ଣାଠାରୁ ନେବାକୁ ଚାହେଁ, ତା' ନୁହେଁ,

ସୋନାଗ୍ର ସହିତ ସମ୍ପର୍କ ଥିବା ବ୍ୟକ୍ତି ହିଁ ତା'ର ଶତ୍ରୁ । ଗୁପ୍ତ ଯୋଜନା କରି ବସିଛି ରାହୁଲ । ରାତିରେ କୌଣସି କାମ ନଥିଲା ବେଳେ ଠାମ୍ପୀ ଏବଂ ଗୁଲଶେର ସାଥିରେ ମିଶି ପାନକ୍ ହାଉସର ଜଣେ ଲେଖାଏ ଯୁବତୀଙ୍କୁ ଅପହରଣ କରି ଆଣିବେ ସେମାନେ । ତାଙ୍କୁ ମନଭରି ଉପଭୋଗ କରିବା ପରେ ହତ୍ୟା କରିଦେବେ ।

ଶେଷରେ ଦିନେ ପାଳି ପଡ଼ିବ ସୋନାଗ୍ରର । ଗୁମ୍ଫା ମଧ୍ୟରେ ଶୁଖିଲା ଘାସର ବିଛଣା ପଡ଼ିଛି । ଗୋଟାଏ ପାଖରେ ମଶାଲ ଜଳୁଛି । କୌଣସି ପଶୁ ଚର୍ବିରେ ତିଆରି ହୋଇଛି ବୋଧହୁଏ । ଏପାଖ ସେପାଖ ଘୁରି ବୁଲି ବୁଲି ରାହୁଲ ହଠାତ୍ ଅଟକିଗଲା । ଗୋଟାଏ ପଥର ଉପରେ 'ବ୍ଲାକ୍ ନାଇଟ୍‌ର' ଅଧା ବୋତଲ । ଆଗରୁ ଅଧା ସେ ପିଇ ସାରିଛି ।

ହ୍ୱିସ୍କି ତା' ଦେହର ରକ୍ତରେ ଉତ୍ତାପ ଭରି-ନିଆଁ ପ୍ରଜ୍ୱଳିତ ହୋଇ ଶେଷରେ ଶାନ୍ତ ହୋଇଯାଏ । ଇଏ କିନ୍ତୁ କି ନିଆଁ କେଜାଣି ଅସ୍ଥିର ବ୍ୟାକୁଳ କରି ତୋଳୁଛି ରାହୁଲକୁ ।

ଗୁମ୍ଫା ବାହାରେ କାହାର ପଦସ୍ୱରଣ ଶୁଣାଗଲା ।

ଚମକି ଉଠିଲା ରାହୁଲ । ରିଭଲଭର୍ ବାହାର କରି ଆଣିଲା ସେ । ମାତ୍ର ପରକ୍ଷଣରେ ଓଠରେ ହସ ଫୁଟି-ଉଠିଲା ତା'ର ।

ସେମାନେ ଷ୍ଟାମୀ ଏବଂ ଗୁଲସେର୍ । ଗୁଲସେର୍ ନିଜ କାନ୍ଧ ଉପରେ ବହି ଆଣିଛି ଜଣେ ଯୁବତୀକୁ । ଘାସ ବିଛଣା ଉପରେ ଯୁବତୀକୁ ଶୁଆଇ ଦେଇ ଗୁଲସେର୍ କହିଲ୍—କେବଳ ଏଇଆକୁ ପାଇଲୁ ବସ୍ !

—ଠିକ୍ ଅଛୁ । ଇଏ ବେହୋସ ହେଲା କେମିତି ?

—ନମ୍ବର ଗୁର ।

କାମୁକତାର ନିଆଁରେ ଜଳୁ ଜଳୁ ରାହୁଲ କହିଲା ଚେତା ଫେରାଇ ଆଣ ।

ସେ ଏଥର ମାଳେ ପାଖରେ ବସିପଡ଼ି ତା'ର କାନମୁଣ୍ଡା ଆଉଁସିବାକୁ ଆରମ୍ଭ କଲା । ଗୋଟାଏ ମିନଟ୍ ପରେ ଚମକି ଉଠି ବସିଲା ସେ । ବିବ୍ରତ ହୋଇ ଆଖପାଖ ଚାହିଁ ଦେଖିଲା । ସେ ଏକ ଗୁମ୍ଫା ଭିତରେ ଅଛି । ବିସ୍ମିତ ହୋଇ ପାଖରେ ଠିଆ ହୋଇଥିବା ରାହୁଲ ଆଡ଼େ ଚାହିଁଲା ମାଳେ । ରାହୁଲ ଅନ୍ୟ ଗୁଣ୍ଡା ଦୁଇଜଣଙ୍କୁ ସଙ୍କେତ ଦେଲା । ଷ୍ଟାମୀ ଏବଂ ଗୁଲସେର୍ ବାହାରିଗଲେ ବାହାରକୁ ।

ଏଥର ମାଳେ ଉପରେ ଝାମ୍ପି ପଡ଼ିଲା ରାହୁଲ । ଗୋଟାଏ ଝଟକାରେ ଗାଉନ ଛିଣ୍ଡାଇ ଦେଲା । ଅଳ୍ପ-କ୍ଷଣପରେ ଦେଖାଗଲା ସମ୍ପୂର୍ଣ୍ଣ ବିବସ୍ତ୍ରା ହୋଇ ପଡ଼ିଛି ମାଳେ । ଏତେ ଭୟଭୀତ ହୋଇପଡ଼ିଛି ସେ ମାଳେ ପ୍ରତିବାଦ କରିପାରିଲାନି ।

ରାହୁଲ ବୁଝିଲା, ଯୁବତୀ ବିରୋଧ କରିବନି । ସନ୍ତୁଷ୍ଟ ହୋଇ ଠିଆ ହେଲା ସେ । ବାସନାର ନିଆଁ ଚରମ ସୀମାରେ ପହଞ୍ଚିଛି । ଠିଆହୋଇ, ମୁହଁ ବୁଲାଇ ରାହୁଲ ନିଜର ପୋଷାକ ଓହ୍ଲାଇବାକୁ ଆରମ୍ଭ କଲା । ମୁହୂର୍ତ୍ତକ ମଧ୍ୟରେ ମନେ ମନେ କିଛି ଠିକ୍ କରିନେଲା ମାଲେ ।

ବ୍ଲାକ୍ ନାଇଟ୍‌ର ଖାଲି ବୋତଲ ପାଖରେ ପଡ଼ିଛି । ପାଦ ଚୁପି ଚୁପି ଉଠି ଠିଆ ହେଲା ମାଲେ । ହାତ ତା'ର ଉଠିଲା ଉପରକୁ । ରାହୁଲ ଉପରେ ଯେମିତି ପାହାଡ଼ ଭାଙ୍ଗି ପଡ଼ିଛି । ଅଚାନକ ଭାବରେ ମୁଣ୍ଡଉପରେ ଭୀଷଣ ଆଘାତ । ତଳେ ଲୁଟ୍‌କି ପଡ଼ିଲା ରାହୁଲ ।

ତଳେ ପଡ଼ିଯିବା ପରେ ବି ତାକୁ ମୁକ୍ତି ଦେଇନି ମାଲେ । ତା' ନାକ ଉପରେ ବୋତଲ ପ୍ରହାର-କରିବାକୁ ଲଗିଲା ବାରମ୍ବାର । ରାହୁଲ ଭୀଷଣ ଭାବେ ଛଟପଟ କରି ଉଠି ଶାନ୍ତ ହୋଇଗଲା ଏକ ସମୟରେ ।

ମାଲେ ଏଥରକ ଆଉ ବିଳମ୍ବ କଲନି । ନଇଁପଡ଼ି ରାହୁଲର ରିଭଲଭର୍ ଉଠାଇ ଆଣିଲା । ଚେମ୍ବର ଖୋଲି ଦେଖିଲା, ଭରି ହୋଇ ରହିଛି । ବାହାରକୁ ସେ ଆସିଲା । ହାତରେ ଉଦ୍ୟତ ରିଭଲଭର୍ ।

ଝାମି ଏବଂ ଗୁଲସେର ଗୁମ୍ଫା ଦ୍ୱାର ନିକଟରୁ କିଛି ଦୂରରେ ବସିଛନ୍ତି । ଗୁମ୍ଫାର ଦରଜା ଆଡ଼କୁ କାହାର ଦୃଷ୍ଟି ନାହିଁ । ଝାମି କହିବାର ଶୁଣାଗଲା—

ବୁଝିଲୁ ଗୁଲସେର, ସର୍ଦ୍ଦାର ଆମକୁ ମାର ନଦେବେ ଯେମିତି—

—ମାନେ ?

—ଏଇ ସୋନାର ଖୁବ୍ ଭୟଙ୍କର ଯୁବକଟା ।

—ସର୍ଦ୍ଦାର ମଧ୍ୟ କମ ଭୟଙ୍କର ନୁହନ୍ତି । ତୁ ଦେଖିବୁ ସୋନାର ଆଉ ବ୍ରିଷ୍ଟୋ ସମସ୍ତେ ଠିକ୍ ହୋଇଯିବେ ।

—କିନ୍ତୁ ଅଇଁଠା ଖାଇବାରେ ଆନନ୍ଦ ନାହିଁ ।

—ଖାଦ୍ୟ ବଢ଼ିଆ ହୋଇଥିଲେ ଅଇଁଠାର ସ୍ୱାଦ ମଧ୍ୟ ଚମତ୍କାର ହୁଏ ।

—ସର୍ଦ୍ଦାର କେତେ ଡେରି କରିବେ ?

—ଯେତେ ଡେରି ପର୍ଯ୍ୟନ୍ତ ଦେହରେ ଶକ୍ତି......

ଗୁଲସେରର କଥା ଶେଷ ହେଲା ନାହିଁ । ତା' ଆଗରୁ କାନରେ ପଡ଼ିଲା ଦୁଇଥର ଗୁଳିଶବ୍ଦ । ଧାଏଁ । ଧାଏଁ । ଟାମୀ ଏବଂ ଗୁଲସେର ଶେଷ ଆର୍ତ୍ତନାଦ କରି ଲେଟି ପଡ଼ିଲେ ତଳେ । ତଳେ ଗୋଟାଏ ଖାଇ । ସେଇ ଖାଇ ଭିତରକୁ ଖସି ପଡ଼ିଲା ଦୁଇଟି ରକ୍ତାକ୍ତ ମୃତଦେହ ।

ମାଜେ ଏଥର ଦୌଡ଼ିଲା ପାନିକ୍ ହାଉସ ଆଡ଼କୁ । ହାତରେ ରିଭଲଭର୍ ଉଦ୍ୟତ ହୋଇ ରହିଛି ।

ନରମ ଗଦି ଉପରେ ପଡ଼ି କଡ଼ ଲେଉଟାଇଲା ଟମ । ସାରା ଦେହ ଛଟପଟ କରୁଛି । ବଣମଣିଷ ଶିକାରୁ

ମୃତ । ଆଜି ସେ ବର୍ତ୍ତମାନ ବିନୋଦର ଦାସୀ । ବର୍ତ୍ତମାନ ଏକା ପଲଙ୍କରେ ପାଖରେ ବିନୋଦ ଶୋଇଛି । ମୁହଁ ଘୁରାଇ ଶୋଇ ଘୁଙ୍ଗୁଡ଼ି ମାରୁଛି ।

ନିସ୍ତବ୍ଧ କ୍ଳାନ୍ତ ହୋଇପଡ଼ୁଛି ରାତି । ତା' ନହେଲେ ପାଖରେ ଏମିତି ରୂପସୀକୁ ପାଇ କୌଣସି ପୁରୁଷ ନିଶ୍ଚିନ୍ତରେ ଶୋଇ ପାରେନା ।

ସୋନାଲି ଉଠିଲା । ଦେହରେ ଅଦ୍ଭୁତ ଦାହ ।

ବିନୋଦ ପାଖକୁ ଆସିଲା ସେ । ବେଶ୍ ଘନିଷ୍ଠ ହୋଇ ଶୋଇ ପଡ଼ିଲା ପାଖରେ । ବିନୋଦର ଗୋଟାଏ ହାତ ଉଠାଇ ଆଣି ନିଜ ବକ୍ଷରେ ରଖିଲା । ତା'ପରେ ପାଗଳୀଙ୍କ ପରି ଅଜସ୍ର ଚୁମ୍ବନ ଆଙ୍କି ଦେଲା ବିନୋଦର ମୁହଁରେ ।

ଗାଢ଼ ଆଲିଙ୍ଗନରେ ବାନ୍ଧି ରଖି ବ୍ୟାକୁଳ ଭାବେ ଚଞ୍ଚଳ ହୋଇ ଉଠୁଛି ସୋନାଲି । ବିନୋଦ କିନ୍ତୁ ଶୋଇଛି ଶିଥିଳ ଅବସ୍ଥାରେ । ସୋନାଲି ଧଇଁସଇଁ ହୋଇଉଠିଲା । ଶ୍ୱାସକ୍ରିୟା ଦ୍ରୁତ ହୋଇ ଉଠୁଛି । ଏକ ସମୟରେ ଢିଲା ପଡ଼ିଗଲା ତା'ର ଦେହ ।

ବିନୋଦର ଶରୀର ସ୍ପର୍ଶରେ ହିଁ ସେ ତୃପ୍ତ । ଅବଶ୍ୟ ଏଇଟା ଆଦୌ ଅସ୍ୱାଭାବିକ କିଛି ନୁହେଁ ।

ବର୍ତ୍ତମାନ ଶୋଇବାକୁ ଚାହେଁ ସୋନାଲି । ରାତି ଦୁଇଟା ବାଜିଲାଣି । ଆଶ୍ୱସ୍ତ ହେଲା ସୋନାଲି । ତାଙ୍କର

Deb's Library Corner...

ସବୁଠାରୁ ବଡ଼ ଶତ୍ରୁ ବିନୋଦ ବର୍ତ୍ତମାନ ତା'ର ପଲଙ୍କରେ ଶୋଇଛି । ବାକି ରହିଗଲେ ପ୍ରଫେସର ଆଉ ସୋଫିଆ । ସେମାନେ ତ' ସବୁବେଳେ ତା' ଆଖି ଆଗରେ କହିଲେ ଚଳେ । ସମ୍ବାଲୁ ସମ୍ପ୍ରଦାୟଙ୍କ ଆଗରେ ଧରାପଡ଼ିଯିବା ପରେ ଦୁଇ ଜଣଙ୍କୁ ଶେଷ କରିଦେବା ଆଉ କଠିନ କାର୍ଯ୍ୟ ହେବନି । ମୋଠା ସୁଲତାନ୍ ଲାଗି ସେ ତ' କକଲାକୁ ନିଯୁକ୍ତ କରିଛି । ଆଉ ବାକି ରହିଲେ ଡକ୍ଟର ରାଘବନ ।

ସୋନାରିର ବିଶ୍ୱାସ, ଡକ୍ଟର ଏଥର ଖୁବ୍ ଶୀଘ୍ର ମୁହଁ ଖୋଲିବେ ।

ହଠାତ୍ ଚମକି ଉଠିଲା ସୋନାରି । କକ୍ଷ ଭିତରେ ଏକ ବିଚିତ୍ର ଶବ୍ଦ ଶୁଣାଗଲା । ସତେ ଯେମିତି ପ୍ରବଳ ତୋଫାନ ଆରମ୍ଭ ହୋଇଛି । ପରେ ପରେ ସାଏଁ ସାଏଁ ଶବ୍ଦ । କୌଣସି ଭାରି ପର ବିଶିଷ୍ଟ ପକ୍ଷୀ ଉଡ଼ି ଆସୁଛି ଅବା !

ଉଠି ବସିଲା ସେ । କକ୍ଷ ମଧ୍ୟରେ ଏକ ସ୍ୱର ଗୁଞ୍ଜି ଉଠିଲା—ସୋନାରି !

ବେଶ୍ ରୁକ୍ଷ କଣ୍ଠସ୍ୱର । ସୋନାରି ଅବାକ୍ । ମହାରାଣୀ କମଳାଙ୍କ ସ୍ୱର ଚିହ୍ନିବା ଲାଗି ଅସୁବିଧା ହେଲାନି ସୋନାରିର । କୌଣସି ଗୁପ୍ତ ଟ୍ରାନ୍ସମିଟରରୁ ଏଇ ଶବ୍ଦ ଭାସି ଆସୁଛି ।

ନମ୍ର କଣ୍ଠରେ ସୋନାସ୍ କହିଲ—ଆଦେଶ କରନ୍ତୁ ମହାରାଣୀ !

ମହାରାଣୀ କମ୍ପାଲଙ୍କ ବୃଦ୍ଧ କଣ୍ଠସ୍ୱର ଶୁଣାଗଲ—ତୁମେ ପୂର୍ବପୁର ଗସ୍ ।

ବିନୋଦ ଶୋଇଛି । ସୋନାସ୍ ଉଠି ଠିଆହେଲା । କହିଲ—ମୁଁ ନିଜର ଭୁଲ ଅବଶ୍ୟ ଜାଣିବାକୁ ଚାହିଁବ ମହାରାଣୀ ସାହେବା ।

—ତୁମେ ବିଦ୍ରୋହ କରିବାକୁ ଚାହୁଁଛ ?

—ଏକଥା ମୁଁ ଭୁଲରେ ସୁଦ୍ଧା ଚିନ୍ତା କରିନ ।

—ମୁଁ ଜାଣେ । କିନ୍ତୁ କେବଳ ତୁମର ମୂର୍ଖତା ଆମକୁ ଧ୍ୱଂସ ପଥରେ ଆଣି ଠିଆ କରେଇ ଦେଇଛି ।

—ଏ ଆପଣ କ'ଣ କହୁଛନ୍ତି ?

—ସେଠି କିଏ ଶୋଇଛି ?

—ସେ···ବି···ବିନୋଦ ।

—ସେ କ'ଣ ଆମର ଶତ୍ରୁ ନୁହେଁ ?

—ପ୍ରଥମରେ ସେଇ ଖିଆଲ ଥିଲ । କିନ୍ତୁ ବର୍ତ୍ତମାନ·····

—ଶିକାରୁକୁ ମାରିଦେବା ପରେ ତୁମେ ତାକୁ ଶିକାରୁ ସ୍ଥାନ ଦେଇ ଦେଇଛ । ଏଇଆ ନୁହେଁ ?

ସୋନାସ୍ କହିଲ—ଶିକାରୁଠାରୁ ସେ ନିଶ୍ଚୟ ଅଧିକ ଦକ୍ଷ ମହାରାଣୀ ସାହେବା, ମୁଁ ତାକୁ ନିଜର

ଗୋଲାମ କରନେବ । ମିଶନ୍ ଉପରେ କୌଣସି ଆଞ୍ଚ ଆସିବନି ।

—ଠିକ୍ ଅଛି । କିନ୍ତୁ ପ୍ରଫେସର ସୂର୍ଯ୍ୟକାନ୍ତ ଏବଂ ସୋଫିଆ ?

—ଆପଣ ସବୁ କିଛି ଜାଣିଛନ୍ତି ଯେତେବେଳେ, ମୁଁ ସେମାନଙ୍କ ସହିତ କାହିଁକି ନରମ ବ୍ୟବହାର କରୁଛି, ସେକଥା ନିଶ୍ଚୟ ଜାଣିଥିବେ ।

କିନ୍ତୁ ଇଏ ବ୍ଲାଣ୍ଡ୍ । ରାହୁଲର ମୃତ୍ୟୁ ହୋଇଛି । ବିପଦ ବଢି ଗଲାଣି । ତୁମେ ବିନୋଦକୁ ଧୋକ୍କା ଦେବାକୁ ଚାହିଁ । ଆଜି ସେ ତୁମକୁ···ପାନିକ ହାଉସ ବର୍ତ୍ତମାନ ବିପଦରେ । ଏସବୁ ତୁମର ମୂର୍ଖତାର ପରିଣାମ ।

—ମତେ ରାସ୍ତା ଦେଖାଇ ଦିଅନ୍ତୁ ।

—ପାଲ ଠାକୁର, ଡକ୍ଟର ରାଘବନ ଏବଂ ଅନ୍ୟ ଯୁବକଙ୍କୁ ନେଇ ଭିତରକୁ ଚାଲିଆସ । ମାନେ ମୋ ପାଖକୁ । ରେଡ୍ ପଏଣ୍ଟରେ ପହଞ୍ଚି ଡ଼ିନାମାଇଟ ଅନ୍ କରିଦିଅ । ପାନିକ ହାଉସ ଉଡ଼ିଯିବ, ଆଉ ସାରା ପାହାଡ଼ କ୍ଷେତ୍ର ଧ୍ୱଂସ ପାଇଯିବ । ଆନନ୍ଦନଗର ଦୋହଲି ଉଠିବ । ସମସ୍ତେ କହିବେ ଭୂମିକମ୍ପ । ମଙ୍ଗୋଲି କ୍ଷେତ୍ରରେ ପହଞ୍ଚିବାର ଗୁପ୍ତ ରାସ୍ତା ବନ୍ଦ ହୋଇଯିବ । ଶୀଘ୍ର କର ।

—ଆଉ ବିନୋଦ ?

—ତାକୁ ଏଇଠି ଶୋଇ ରହିବାକୁ ଦିଅ । ପ୍ରଫେସର୍ ଏବଂ ସୋଫିଆ ମଧ୍ୟ ନିଜ ରୁମରେ ଥାଆନ୍ତୁ ।

—ଆପଣଙ୍କ ଆଦେଶ ପାଳିତ ହେବ ମହାରାଣୀ ।

କହିସାରି ଉଠି ଠିଆହେଲା ସୋନାଗ୍ । ଗୁପ୍ତ ଟ୍ରାନସମିଟରର ଶବ୍ଦ ଶେଷ ହୋଇଗଲା । ଧୁରି ଗୁହିଁଲା ସେ । ଜୋର୍‌ରେ ହଲାଇ ଦେଲା ବିନୋଦକୁ । କିନ୍ତୁ ଚୁପ୍‌ଚାପ ଶୋଇଛି ବିନୋଦ । ସେ ଯେ ଅଭିନୟ କରୁଛି ଏକଥା କେହି ସନ୍ଦେହ ମଧ୍ୟ କରିନପାରେ ।

ସୋନାଗ୍ ବାହାରି ଆସିଲା ବାହାରକୁ । ପଲଙ୍କ ଉପରେ ସେମିତି ପଡ଼ି ରହିଲା ବିନୋଦ । କିଛିକ୍ଷଣ ଆଗରୁ ସୋନାଗ୍ ଏବଂ ମହାରାଣୀ କଂପାଲଙ୍କ ମଧ୍ୟରେ କଥାବାର୍ତ୍ତା ସେ ଠିକ୍ ଶୁଣିଛି । ମନେ ମନେ ନିଜର ନୂଆ ଯୋଜନା ସେ ଗଢିସାରିଛି । ରେଶମୀ ବିଛଣା ଉପରେ କଡ଼ ଲେଉଟାଇଲା ବିନୋଦ ।

ହଠାତ୍ ଗୋଟାଏ ଗୁମ୍ଫାକୃତି ଭାସି ଉଠିଲା ତା'ର ମସ୍ତିଷ୍କରେ । ରେଣୁ ! ଏବେ ମଧ୍ୟ ତା' ପାଇଁ ରେଣୁବାଲା ଏକ ରହସ୍ୟ । ତା'ପରେ ସେ ଚମକି ଉଠି ଦେଖିଲା, ଦରଜା ନିକଟରେ କାହାର ପାଦ ଶବ୍ଦ । ଉଠି ବସିଲା ସେ ।

ରେଣୁ ଠିଆହୋଇ ହସୁଛି । ଅବାକ୍ ହୋଇ ବିନୋଦ କହିଲା—ରେଣୁ ତୁମେ ? ଆଶ୍ଚର୍ଯ୍ୟ !

ରେଣୁ ଦେହରେ ଧଳା ଶାଢ଼ୀ, ବ୍ଲାଉଜ । ଅତ୍ୟନ୍ତ ମନୋମୁଗ୍‌ଧକର ରୂପ ! ଓଠ ଫାଙ୍କରେ ମୋହିନୀ ହସ ଫୁଟାଇ କହିଲା—କ'ଣ ଭାବୁଛ ?

—ସଇତାନକୁ ମନେ ପକାଇଲେ ସେ ସଙ୍ଗେ ସଙ୍ଗେ ପ୍ରକଟ ହୋଇଯାଏ ।

—ଓ ।

ରେଣୁ ହସିଲା । ବେଶ ରହସ୍ୟମୟ ହସ । ବିନୋଦ ପଚାରି ବସିଲା—ଏଠିକି କେମିତି ଆସିଲ ?

—ପାଦରେ ଚାଲି ଚାଲି ।

—ସେ ସବୁ ଥାଉ । ପ୍ରକୃତରେ କୁହ ତୁମେ କିଏ ?

ରେଣୁ ଉତ୍ତର ଦେଲା—ବୋକାଙ୍କୁ ମୁଁ ଆଦୌ ପସନ୍ଦ କରେନା । ଗତଥର କହିସାରିଲିଣି ମୁଁ ରେଣୁ । ରେଣୁବାଳା । ଡକ୍ଟର ଜୁଲିୟସ୍‌ଙ୍କ ଝିଅ ।

ବିନୋଦ ଗମ୍ଭୀର କଣ୍ଠରେ କହିଲା—ଏ କାହାଣୀ ପୁରୁଣା ହୋଇ ଗଲାଣି । ମୁଁ କାହିଁକି, କେହି ହେଲେ ସେକଥା ବିଶ୍ୱାସ କରିବେନି ।

—ତା'ହେଲେ ତୁମେ କ'ଣ ବିଶ୍ୱାସ କରୁଛ ?

—ତୁମେ ସଇତାନ । ସୁଯୋଗ ଦେଖିଲେ ତୁମ ବୁଟି କାଟି ନେବ ।

—ଆଗ୍ରୁ, ଆଗରୁ ଏକଥା କହିଲନି କାହିଁକି ?

ବିନୋଦ ସହଜ ଭାବ ନେଇ କହିଲ—କାରଣ ତୁମ ପାଦ ଓଲଟା ନୁହେଁ । ତାଛଡ଼ା ତୁମେ ସୁନ୍ଦରୀ ଆଉ ଯୁବତୀ...

ତା' ସତ୍ତ୍ୱେବ ମୁଁ ତୁମକୁ ଭଲ ପାଇନପାରେ...

—ତା'ହେଲେ ନର୍କକୁ ଯାଅ । ଏଠି କ'ଣ ଲଗ୍ନ ବନ୍ଧା ହେଉଛି ?

—ହଁ । ହେଲେ ଲଗ୍ନ ନୁହେଁ ଡ଼ନାମାଇଟ୍, ତପରୁପ ଟିଆ ହୋଇଯାଅ । ନଜର ମୂର୍ଖ ସାଥୀଙ୍କୁ ନେଇ ଶୀଘ୍ର ପଳାଇ ଯାଅ ଏଠାରୁ ।

ବିନୋଦ, ରେଣୁର ସୁଗଠିତ ଦେହ ଉପରେ ଆଖି ବୁଲାଇ ଆସ୍ତେ ଆସ୍ତେ କହିଲ—କୁଆଡ଼େ ଆଉ ଯିବ ?

ରେଣୁ ସଙ୍ଗେ ସଙ୍ଗେ କହିଲ—ବାମ ପାଖରେ ଚତୁର୍ଥ କୋଠରୀରେ ସେଇ ଗୁପ୍ତ ଦ୍ୱାର ରହିଛି । ମଙ୍ଗୋଲ ସୈନ୍ୟ ପାଇଁ ପାହାଡ଼ୀ ସୁଡ଼ଙ୍ଗ । ଯାଅ...ଶୀଘ୍ର ।

—ମୁଁ ତୁମ ବାପଘରେ ଘର ଜ୍ୱାଇଁ ନୁହେଁ ଯେ ତୁମ ଆଦେଶ ମାନି ଚଳିବି ।

—ତା' ସତ୍ତ୍ୱେବି ତୁମେ ଯିବ । ମୁଁ ଗୁଲାଲି ।

ଅବାକ୍ ହୋଇ ଗୁହିଁ ରହିଲା ବିନୋଦ ।

ମୁହୂର୍ତ୍ତକ ପରେ ସେ ଦୌଡ଼ିଲା ବାହାରକୁ । ଚତୁର୍ଦ୍ଦିଗ ଶୂନଶାନ୍ । ରେଣୁର କୌଣସି ଚିହ୍ନବର୍ଣ୍ଣ ନାହିଁ । ଏଥର ଗୋଟି ଗୋଟି କରି ସବୁତକ କୋଠରି ଦେଖି ନେଲା ବିନୋଦ । ଜିନିଷପତ୍ର ଯଥାସ୍ଥିତ ସବୁଠାରେ ରହିଛି । କିନ୍ତୁ କେଉଁଠାରେ ହେଲେ ମଣିଷ ନାହାନ୍ତି ।

ବାହାର ଆଡ଼କୁ ଗୋଟାଏ କୋଠରୀରେ ସୋଫିଆ ଏବଂ ପ୍ରଫେସରଙ୍କ ସାଙ୍ଗରେ ଦେଖା ହୋଇଗଲା ।

ପ୍ରଫେସର ତାକୁ ଦେଖିବା ମାତ୍ରକେ ଆଶ୍ଚର୍ଯ୍ୟ ହୋଇ କହିଲେ—ବିନୋଦ ।

—ଶୀଘ୍ର କରନ୍ତୁ । ଆମକୁ ପଳାଇବାକୁ ହେବ ।

—କାହିଁକି ?

—ଆପଣଙ୍କ ଯୋଜନା ଧରା ପଡ଼ିଯାଇଛି ।

—ମାନେ ?

—ସେସବୁ ପରେ । ଚାଲନ୍ତୁ ।

ଅଳ୍ପକ୍ଷଣ ପରେ ରେଣୁ କହିଥିବା କୋଠରି ମଧ୍ୟରେ ସମସ୍ତେ ଆସି ଉପସ୍ଥିତ ହେଲେ । ଆଶ୍ଚର୍ଯ୍ୟ ! ଦେଖାଗଲା କାନ୍ଥ ଦେହରେ ଏକ ଗୁପ୍ତ ସୁଡ଼ଙ୍ଗ ସୃଷ୍ଟି ହୋଇଛି । ପଛରେ ଏକ ପ୍ରଶସ୍ତ ସୋପାନ ଶ୍ରେଣୀ ।

ସମସ୍ତେ ସେଇ ପାହାଚ ଦେଇ ତଳକୁ ଓହ୍ଲାଇବାକୁ ଲାଗିଲେ । ପ୍ରଫେସର, ବିନୋଦ ଆଡ଼କୁ ଚାହିଁ ଚୁପା କଣ୍ଠରେ କହିଲେ—ଏସବୁ ଆମ ଲାଗି ଜାଲ ବିସ୍ତାର ହୋଇନ ତ ?

— ତଥାପି ଆମକୁ ଯିବାକୁ ହେବ ।

— କିନ୍ତୁ ଏ.ମ ରହସ୍ୟ ଖୋଲିଲା କେମିତି ?

— ଜାଣେନା ।

ବେଶ୍ ଚଉଡ଼ା ସୁଡ଼ଙ୍ଗ । କୌଣସି ସ୍ଥାନରେ ବଳବ ଇତ୍ୟାଦ ଜନ୍ତୁଥିବାର ଦେଖାଗଲା ନାହିଁ । ତଥାପି ଅନ୍ଧକାର ନାହିଁ । ସିଧା ସୁଡ଼ଙ୍ଗ । ଦୁଇ ପାଖରେ ପଥର କାନ୍ଥ । ଏମାନେ ଦୌଡ଼ି ଚାଲିଲେ ପାଦ ଥକି ନ ପଡ଼ିବା ପର୍ଯ୍ୟନ୍ତ । ବେଶ୍ ଲମ୍ବା ପଥ ।

ରିଷ୍ଟୱାଚ୍ ଉପରେ ଆଖି ଦୁହାଇ ଆଣିଲା ବିନୋଦ । ବୁଝିପାରିଲା, ପ୍ରାୟ ଚାରିଘଣ୍ଟା ବିତିଗଲାଣି । ସୋଫିଆ ଏଥର ବେଶ୍ କ୍ଳାନ୍ତ ଶ୍ରାନ୍ତ ହୋଇ ପଡ଼ିଛି । ପାଦ ଘୋଷାରି ଘୋଷାରି ଚାଲୁଛି ବିଚାରି । ଶେଷରେ ଅଟିଯାଇ କହିଲା — ଆଃ, ଆଉ ଯାଇ ହେବନି ।

ବିନୋଦ କହିଲା — ଆସ, ମୁଁ କାଖେଇ ନେବି, ଆସ । ସୋଫିଆ ବିରକ୍ତିପୂର୍ଣ୍ଣ କଣ୍ଠରେ କହିଲା — ଲଜ୍ଜା ବୋଲି ତୁମର କିଛି ନାହିଁ ।

— ବାଃ, କାହାକୁ ସାହାଯ୍ୟ କରିବାରେ ଲଜ୍ଜା କ'ଣ ?

ପ୍ରଫେସର ହସି ଉଠିଲେ । କଥାବାର୍ତ୍ତା କରି କରି ଆଗେଇ ଚାଲିଲେ ସେମାନେ । ପ୍ରାୟ ଆଉ ପନ୍ଦର ମିନଟ୍ ଚାଲିବା ପରେ ଖୁସିରେ ଉଚ୍ଛୁଳି ଉଠିଲା ସୋଫିଆ ।

ରାସ୍ତା ଶେଷ ହୋଇଛି । ଆଗରେ ସୁଡ଼ଙ୍ଗ ପଥର ଶେଷ ।

କାନ୍ଥ ଆଡ଼କୁ ଆଗେଇ ଗଲା ବିନୋଦ । ଗୋଟାଏ ପାଖକୁ ଚକ୍‌ରେ କେହି ଡଗଡର କରି କିଛି ଲେଖି ଦେଇଛି । ଲେଖାଅଛି—ରାସ୍ତା ପାଇବା ଲାଗି 'ରା' ଶବ୍ଦ ଆଗକୁ ଦଶମ ପଥର ଉପରେ ଚାପ ଦିଅ । ବାହାରକୁ ଆସିଲେ ଗୋଟାଏ ଚେନ୍ ମିଳିବ । ତାକୁ ଜୋର୍‌ରେ ଟାଣି ଦେବ ।

ବିନୋଦ ଚମକି ଉଠିଲା । ଏଇ ନିର୍ଦ୍ଦେଶ କିଏ ଲେଖିପାଇପାରେ ? ସୋନାଗ୍ର ? କିନ୍ତୁ କାହିଁକି ? ବିନୋଦ ଗମ୍ଭୀର ଭାବରେ ଚିନ୍ତା କରିବାକୁ ଲାଗିଲା ।

ପ୍ରଫେସର ହଠାତ୍ ପ୍ରଶ୍ନ କଲେ—କ'ଣ ଭାବୁଛ ?

—ଭାବୁଛି ଲୋକେ ଗଧକୁ ଗଧ ବୋଲି କାହିଁକି କହନ୍ତି ?

ପ୍ରଫେସର ହସି ଉଠିଲେ ।

—ତୁମେ ବିପଦ ସମୟରେ ମଧ୍ୟ ଏମିତି.....

ବିନୋଦ ରାସ୍ତା ଶବ୍ଦର 'ରା' ଆଗକୁ ପଥର ଗଣିବାକୁ ଆରମ୍ଭ କରିଛି । ପାଲିସ କରା ପଥର । ଚୂନ ଜୋଡ଼ାଇ । ଦଶମ ପଥର କୌଣସି ସ୍ପ୍ରିଂ ଭଳି ଦବି ଗଲା । ତା'ପରେ ମନେହେଲା ଯେମିତି ଭୂମିକମ୍ପ ଆରମ୍ଭ ହୋଇଛି ।

ସେପାଖର ପ୍ରାଚୀର ଫାଙ୍କ ହୋଇଗଲା । ଆଗରେ ପାହାଚ ଉଠି ଯାଇଛି ଉପର ଆଡ଼କୁ । ଆଉ ବିଳମ୍ବ ନକରି ଏମାନେ ସେଇ ପାହାଚ ଦେଇ ଉପରକୁ ଉଠିବାକୁ ଲଗିଲେ । ଦୁଇ ମିନିଟ୍ ପରେ ଥଣ୍ଡା ପବନ ଲାଗିଲା ଦେହରେ । ଏପର୍ଯ୍ୟନ୍ତ ସୂର୍ଯ୍ୟୋଦୟ ହୋଇ ନାହିଁ । ଅନ୍ଧକାର ମଧ୍ୟରେ ଜଙ୍ଗଲ ବୁଦା ପାଖରେ ଠିଆହେଲେ ଏମାନେ ।

ବିନୋଦ ତଳକୁ ଝୁଙ୍କି ଠିଆହେଲା । ଆଖିରେ ପଡ଼ିଲା ଗୋଟାଏ ଚେନ । ବହୁଦିନ ଧରି ପଡ଼ି ପଡ଼ି ଜଙ୍କ୍ ଲାଗିଗଲା ଭଳି ମନେ ହେଉଛି । ସେଇ ଚେନ୍ ଉଠାଇ ନେଲା ସେ । ଅପର ଅଂଶ ତାର ମାଟି ଭିତରେ ଲାଗିଛି । ଜୋର ଦେଇ ଟାଣିବାକୁ ଚେଷ୍ଟାକଲା ବିନୋଦ ।

କିନ୍ତୁ ଠିକ୍ ସେଇ ମୁହୂର୍ତ୍ତରେ ପାହାଚ ଦେଇ ଉପରକୁ ଦୌଡ଼ି ଆସିବାର ଶବ୍ଦ ଶୁଣାଗଲା ।

—ଲୁଚ ।

ଧୁରି ଚାହିଁଲା ସେ । ଜଣେ ରୂପସୀ ବିଦେଶିନୀ ଯୁବତୀ, ହାତୀଭଳି ଚେହେରାର ଜଣେ ବ୍ୟକ୍ତିର ହାତ ଧରି ଉଠି ଆସୁଛି ଉପରକୁ । ସୋଫିଆ ଚମକି ଉଠିଲା । ବିନୋଦ ମଧ୍ୟ ବିସ୍ମିତ ହେଲା । ସେଇ ମୋଟା ବ୍ୟକ୍ତି ସୁଲତାନ ବସି ପଡ଼ିଲା ଗୋଟାଏ ପାଖରେ । ବେଶ୍ ଧଇଁ ସଇଁ ହୋଇପଡ଼ିଲା ବିଚରା ।

ସାଙ୍ଗରେ ଆସିଥିବା ଯୁବତୀଟି ଅବାକ୍ ହୋଇ ଏମାନଙ୍କ ଆଡ଼କୁ ଚାହିଁଲା, ହଠାତ୍ ପ୍ରଫେସରଙ୍କ ଆଗରେ ନିଜର ମୁଣ୍ଡ ଝୁଙ୍କାଇ ନେଇ ହାତଯୋଡ଼ି ସେ ଠିଆହେଲା ଗୋଟାଏ ପାଖରେ । ଅବଶ୍ୟ ପ୍ରଫେସରଙ୍କ ପାଇଁ ତା'ର ଏଇ ସମ୍ମାନ ପ୍ରଦର୍ଶନ ନୁହେଁ, ବରଂ ତାଙ୍କ କାନ୍ଧ ଉପରେ ଥିବା ସେଇ ସୁନେଲି ବସ୍ତା ପାଇଁ ।

ବିନୋଦ ସେଇ ଯୁବତୀକୁ ପ୍ରଶ୍ନକଲା—ତୁମେ କିଏ ? ଏଇ ମୋଟା କୋଉଠି ମିଳିଲା ତୁମକୁ ?

ଯୁବତୀ ଅର୍ଥାତ୍ ଜଳିଲି ଉତ୍ତର ଦେଲା—ତାକୁ ସାଙ୍ଗରେ ନେଇ ଯିବା ଲାଗି ଆଦେଶ ମିଳିଛି । ମୁଁ ନେଇ ଯାଉଛି । ଚୈତ୍ରଦିନ ପରେ ପୂଜା, ନୁହେଁ ?

—ଓ, ତା' ଅର୍ଥ ଏଥର ଏଇ ମୋଟାକୁ ବଳି ଦିଆଯିବ ?

—ହଁ । ଆପଣମାନେ କିଏ ?

—ବାବାଜୀଙ୍କୁ ଦେଖି ପାରୁନ ?

—ଦେଖୁଛି । କିନ୍ତୁ ଆପଣ ଦୁହେଁ......?

ବିନୋଦ ଗମ୍ଭୀର କଣ୍ଠରେ କହିଲା—ମୁଁ ବାଗଡ଼ମଲ୍ ଆଉ ଇଏ ମୋର ଧର୍ମପତ୍ନୀ ।

ହଠାତ୍ ସେଇ ଯୁବତୀ କିଛି ଚିନ୍ତା କରି କ୍ଷିପ୍ର ହସ୍ତରେ ନିଜର ରିଭଲଭର୍ ବାହାର କରି ହାତରେ ଧରିଲା । ବିନୋଦ ଆଡ଼କୁ ଉଦ୍ୟତ କରି ଧରି କହିଲା—

ଓ, ତାହେଲେ ତୁମେମାନେ ଫେରାର୍ ହେବାରେ ସଫଳ ହୋଇଛ, ନୁହେଁ ?

—ମାନେ ?

—ମାଡ଼ାମ୍ ସୋନାର ମତେ ଆଦେଶ ଦେଇଥିଲେ ମୁଁ ମୋଟାକୁ ଆନନ୍ଦ ନଗରରୁ ଶୀଘ୍ର ନେଇ ଆସି ପାହାଡ଼ ଆଡ୍‌ଡ଼ାରେ ପହଞ୍ଚିବ । ତୁମମାନଙ୍କୁ ଶୋଇଥିବାର ଦେଖି ଆସିବାର ଥିଲା । ବର୍ତ୍ତମାନ ତୁମେମାନେ ତତ୍‌କ୍ଷଣ ଯାନକ୍ ହାଉସ ଫେରିଯାଇ ନିଜ କକ୍ଷରେ ଶୋଇପଡ଼ ।

ବିନୋଦ ଚକିତ । ତା'ହେଲେ ସେମାନଙ୍କୁ ଯାନକ୍ ହାଉସରେ ରଖି ଶେଷ କରିଦେବା ଲାଗି ଚାହିଁଛି ସୋନାର । ତିନିଜଣ ହାତ ଉପରକୁ ଉଠାଇ ଠିଆ ହୋଇଛନ୍ତି । ସୁଲତାନ୍ ଚିତ୍‌ହୋଇ ପଡ଼ିଛି ମାଟି ଉପରେ । ବୋଧହୁଏ ଅନେକ ଦୂର ଦୌଡ଼ି ଆସିବା ଫଳରେ ତା'ର ଏଭଳି ଅବସ୍ଥା ।

କକ୍‌ଲି ଆଉଥରେ ଆଦେଶ ଦେଲା—ତୁମେମାନେ ଶୁଣି ପାରିଲନି ? ଫେରିଯାଅ ।

ହଠାତ୍ ସାମନା ଆଡ଼କୁ ଚାହିଁ ପ୍ରଫେସର ଚିତ୍କାର କରି ଉଠିଲେ—ଆରେ, ମହାରାଣୀ କଂପାଲ ? ଆସନ୍ତୁ···ଆସନ୍ତୁ······

କକ୍‌ଲି ଚମକି ଉଠି ଫେରି ଚାହିଁଲା । ବାସ୍, ଏଇ ସୁଯୋଗ । ବିନୋଦ ଝାମ୍ପି ପଡ଼ିଲା ତା' ଉପରେ

ରିଭଲଭର୍ ଛିଟିକି ପଡ଼ିଲା ଦୂରରେ । ଛଟପଟ ହେବାକୁ ଲାଗିଲା ଜେକଲ; କିନ୍ତୁ ତାକୁ ଖୁବ୍ ଜୋରରେ ଚିପିଧରି ହଠାତ୍ ବିନୋଦ ଫିଙ୍ଗିଦେଲା ସେଇ ଗୁମ୍ଫା ଭିତରକୁ ।

ତା'ପରେ ଦୌଡ଼ିଆସି ପ୍ରାଣପଣେ ଟାଣି ଧରିଲା ସେଇ ଚେନ୍‌କୁ ।

ଭୟଙ୍କର ବିସ୍ଫୋରଣ ପୁଣି ସୁଡ଼ଙ୍ଗ ମଧ୍ୟରେ ସେମିତି ପ୍ରତ୍ୟୟ ହେଲା । ମାଟି ଥରି ଉଠିଲା ପ୍ରବଳ ବେଗରେ । ଦୂର ପାହାଡ଼ର ଆକାଶ ପର୍ଯ୍ୟନ୍ତ ଉଠି ଆସିଛି ଅଗ୍ନିର ଲେଲିହାନ ଶିଖା । ସୁଲତାନକୁ କୌଣସି ପ୍ରକାରେ ଉଠାଇ ଧରିଲେ ବିନୋଦ । ତା'ପରେ ଦୁହିଜଣ ଘନ ଜଙ୍ଗଲ ବୁଦା ମଧ୍ୟ ଦେଇ ଆଗେଇବାକୁ ଆରମ୍ଭ କଲେ ।

କିଛି ଦୂର ଆସିବାପରେ ଆକାଶରେ ସୂର୍ଯ୍ୟୋଦୟ ହେଲା । ଶୀତଳ ପବନର ଝାଙ୍କ ଲାଗିଲା ଦେହରେ ମୁହଁରେ । ସାମନାର ପଶ୍ଚିମ ପାଖକୁ ଭୟଙ୍କର ପାହାଡ଼ । ପ୍ରଫେସର କହିଲେ ଏଇ ହେଉଛି ମଙ୍ଗୋଲ ଦେଶର ପାହାଡ଼ । ଭିତରେ ଏତେ ରହସ୍ୟମୟ ଯେ ଆଜି ପର୍ଯ୍ୟନ୍ତ କୌଣସି ମଙ୍ଗୋଲ ଉପରେ କେହି ବିଜୟ ହାସଲ କରି ପାରିନାହାନ୍ତି ।

ମୋଟା ସୁଲତାନ ଏପାଖ ସେପାଖ ହେଲା । ପାଖର ଏକ ପାହାଡ଼ ଝରଣା ଆଡ଼େ ଚାହିଁ ଦେଖୁଛି ସୋଫିଆ ।

ବିନୋଦ ଏଥର ସୁଲତାନଙ୍କୁ ଝରଣା ତଳେଥିବା ପାହାଡ଼ କୁଣ୍ଡ ନିକଟରେ ଶୁଆଇ ଦେଲା । କୁଣ୍ଡରେ ଝରଣା ପାଣି ଭରି ରହିଛି । ବେଶ୍ ଚମତ୍କାର ପ୍ରାକୃତିକ ଦୃଶ୍ୟ । ବିନୋଦ ଏଥର ହାତରେ ଆଞ୍ଜୁଳା କରି ପାଣି ଆଣି ଗ୍ରୁଟ ଦେବାକୁ ଲଗିଲା ସୁଲତାନ ମୁହଁରେ ।

ଅଳ୍ପକ୍ଷଣ ମଧ୍ୟରେ ଚେତନା ଫେରି ଆସିଲା ସୁଲତାନର । ଜୋର୍‌ରେ ଚିତ୍କାର କରି ଉଠି ବଡ଼୍ ବଡ଼୍ କରି କ'ଣ କହିଲା ସେ । କିନ୍ତୁ ତାକୁ ଆଉ କିଛି କହିବାକୁ ଯାଇ ବିନୋଦ ଅଟକିଗଲା । ଆଖିରେ ପଡ଼ିଲା, ସେମାନଙ୍କ ଚାରିପାଖରେ ଘେରି ଠିଆହୋଇଛନ୍ତି କେଇଜଣ ମଙ୍ଗୋଲି । ପ୍ରତ୍ୟେକଙ୍କ ହାତରେ ପଥରର ସେଇ ଛୁରୀ । ସେଥିରେ ଅଙ୍କିତ ହୋଇଛି ସୁନେଲି ବାଘର ଚିହ୍ନ ।

ହଠାତ୍ ସମସ୍ତେ ମୁଣ୍ଡ ନୁଆଁଇ ଦେଲେ ପ୍ରଫେସରଙ୍କ ସାମନାରେ । ନିଜ ନିଜ ଅସ୍ତ୍ର ମଧ୍ୟ ଝୁଙ୍କାଇ ଦେଲେ ତଳକୁ । ପ୍ରତ୍ୟେକଙ୍କ ଦେହରେ କେବଳ ସାମାନ୍ୟ କୌପୀନ ମାତ୍ର । କଳା ରଙ୍ଗର ବିଶାଳ ଦେହ । ବେଶ୍ ଭୟଙ୍କର ଚେହେରା । ସେମାନଙ୍କ ମଧ୍ୟରୁ ଜଣେ ମଙ୍ଗୋଲ, ବେକରେ ହାଡ଼ ମାଳା ପିନ୍ଧିଛି । ସେ ନମ୍ର କଣ୍ଠରେ ପ୍ରଶ୍ନକଲେ—ମୁଁ ଆପଣଙ୍କୁ ଚିହ୍ନି ପାରିଲିନି ।

ଚମକି ଉଠିଲା ବିନୋଦ । ସେ ସ୍ୱପ୍ନରେ ସୁଦ୍ଧା ଭାବିପାରି ନଥିଲା ମଙ୍ଗୋଲ ଜାତିର ମଣିଷ ମଧ୍ୟ ଏତେ ସ୍ପଷ୍ଟ ଇଂରେଜୀ ଉଚ୍ଚାରଣ କରିପାରେ ।

ପ୍ରଫେସର ଗମ୍ଭୀର କଣ୍ଠରେ ଉତ୍ତର ଦେଲେ—ମୁଁ ପ୍ରାଯୁତ ତାହାରେ ରହେ । ସମ୍ପ୍ରଦାୟର କାମ ବହୁତ ବଢ଼ିଲାଣି ନା'......

ସର୍ଦ୍ଦାର ଏଥର ଇଂରାଜୀରେ କହିଲା— ତା'ହେଲେ କ'ଣ ତୁମେ ମହାବାଣୀ କମ୍ପାପାଲଙ୍କ ଲୋକ ?

ହଁ ।

ପ୍ରଫେସର କହିବା ସଙ୍ଗେ ସଙ୍ଗେ ଲକ୍ଷ୍ୟ କଲେ ସର୍ଦ୍ଦାର ମୁହଁରେ ଘୃଣାର ଚିହ୍ନ ଫୁଟି ଉଠିଲା । ପର-କ୍ଷଣରେ ପ୍ରସଙ୍ଗ ବଦଳାଇ ନେଇ ପ୍ରଫେସର କହିଲେ— କିନ୍ତୁ ମୁଁ ତାଙ୍କୁ ପସନ୍ଦ କରେନା ।

—କାହିଁକି ?

ପ୍ରଫେସର ଉତ୍ତର ଦେଲେ—କାରଣ ସେ ଭଲ ମହିଳା ନୁହନ୍ତି ।

ସର୍ଦ୍ଦାର ଗମ୍ଭୀର କଣ୍ଠରେ କହିଲା—ତୁମେ ସାବଧାନ ରହି କଥାବାର୍ତ୍ତା କରୁଛ ବାବା ! ଆମେ ଜାଣୁ ତୁମେ ଫ୍ରାଡ୍ । ଅନୁପ୍ରବେଶକାରୀ । ନହେଲେ ମୁଁ ତୁମ ସାଙ୍ଗରେ ଇଂରାଜୀରେ କଥାବାର୍ତ୍ତା କରିନଥାନ୍ତି ।

ବିନୋଦ ମଝିରେ କହି ଉଠିଲା—ତା'ହେଲେ ତୁମେ ତାଙ୍କର ଆଦର କରିଛ କାହିଁକି ?

ମୋ ସାଥୀମାନେ ତାହେଲେ ଆମେ କ'ଣ କଥାବାର୍ତ୍ତା କରୁଛୁ ଜାଣି ପାରିବେନି । ମୁଁ କେବଳ

ଜାଣେ, ଯାହାକୁ ଇଂରାଜୀ ଆସେ । ଯଦି ଏମାନେ ଜାଣି ପାରନ୍ତି ତୁମେମାନେ ଅନୁପ୍ରବେଶକାରୀ ତା'ହେଲେ ମୁଁ ଯେତେ ମନାକଲେ ମଧ୍ୟ ସେମାନେ ତୁମମାନଙ୍କୁ ଟିକି ଟିକି କରିଦେବେ ।

—ଓ ।

—ଆଚ୍ଛା, ଏଥର ତା'ହେଲେ ତୁମର ପରିଚୟ ଦିଅ । ତୁମେ ମହାରାଣୀ କମ୍ପାନୀଙ୍କୁ ପସନ୍ଦ କରନା କାହିଁକି ?

—ମୋ' ନାଁ ବୋଲନ । ମୁଁ ମଙ୍ଗୋଲି । ଆଉ ମହାରାଣୀ କମ୍ପାନୀ ସାରା ମଙ୍ଗୋଲି ଜାତିର ଅପମାନ କରିଛନ୍ତି ।

ପ୍ରଫେସର ଅବାକ୍ ହେଲେ—କେମିତି ?

—ଗୋରା ଲୋକଙ୍କୁ ରଖିଛନ୍ତି ମହଲରେ । ଆଉ ଆମ ସ୍ତ୍ରୀମାନେ ସେମାନଙ୍କର ଶଯ୍ୟାସଙ୍ଗିନୀ ହେଉଛନ୍ତି । ଆମ ଯୁବକମାନେ ତ, ଗୋରୀ ଯୁବତୀଙ୍କ ଲାଗି ପାଗଳ । ଦିନ ଆସିବ, ଯେତେବେଳେ ସହର ଆଉ ଆମ ଜାତି ମଧ୍ୟରେ କୌଣସି ପାର୍ଥକ୍ୟ ରହିବନି । ପ୍ରତିଶୋଧ ନନେବା ପର୍ଯ୍ୟନ୍ତ ଆମେ ଶାନ୍ତିରେ ରହିପାରିବୁନି । ଆଉ କମ୍ପାନୀ ମଧ୍ୟ ନିଜେ ଖରାପ ହୋଇଗଲାଣି । ତେଣୁ ତାଙ୍କୁ ବି ଶେଷ କରିଦେବୁ । ଖୁବ୍ ଶୀଘ୍ର.....

— ଇଂରେଜୀ କୋଉଠୁ ପଢ଼ିଲ ?

—ଜଣେ ଗୋରା ସାଙ୍ଗରେ ବନ୍ଧୁତ୍ୱ କରି ଶିଖିଛୁ । ଶେଷରେ କିନ୍ତୁ ମାରି ଦେଇଛୁ ତାକୁ ।

ବୋଲାନ୍ଦ ହସିଲା ।

ଷଡେ଼ାଦ ପ୍ରଶ୍ନ କଲା—କିନ୍ତୁ ଏଇ ଭାଷା ତୁମେ ଶିଖିବାକୁ ଚାହିଁଲ କାହିଁକି ?

—ତା'ହେଲେ ସେମାନଙ୍କ କଥା ବୁଝିପାରିବ । ବୁଝିବା ପରେ ଜାଣିଲି, ଏମାନେ ଖୁବ୍ ନୀଚମନା ଲୋକ । ଅନେକ ଦୂରରୁ ଆସିଛନ୍ତି । ଉଦ୍ଦେଶ୍ୟ ଆନନ୍ଦ ନଗରୀ ଆଗକୁ ହଜାର ହଜାର ମାଇଲ ବଡ଼ ଭାରତ ରହିଛି । ତାକୁ ସେମାନେ ଅଧିକାର କରିନେବେ ।

ପ୍ରଫେସର ଚମକି ଉଠିଲେ । —ଆଚ୍ଛା, ଫିରିଙ୍ଗି ତା'ହେଲେ ଏ ପର୍ଯ୍ୟନ୍ତ ପହଞ୍ଚିଗଲେଣି ?

—ଆଚ୍ଛା, ତୁମେ ବର୍ତ୍ତମାନ କହୁଥିଲ କମ୍ପାନୀକୁ ପସନ୍ଦ କରନା, କାହିଁକି ?

ସର୍ଦ୍ଦାର ଚାହିଁଲା ପ୍ରଫେସରଙ୍କ ଆଡ଼କୁ । ଅନ୍ୟ ମଙ୍ଗୋଲମାନେ ମୁଣ୍ଡ ଝୁଙ୍କାଇ ଠିଆ ହୋଇଛନ୍ତି । ସୂର୍ଯ୍ୟ ଉଠି ଆସିଲାଣି ଉପରକୁ । ଦୂରରେ କେବଳ ଧୂଆଁ ଆଉ ଧୂଆଁ ।

ପ୍ରଫେସର କହିଲେ—ହଁ, ଆମେ ଘୃଣା କରୁ, କାରଣ ସେ ଗୋରା ଲୋକଙ୍କ ସାଥିରେ ଷଡ଼ଯନ୍ତ୍ର

କରୁଛନ୍ତି । ଏଇ ଗୋଷ୍ଠୀ ଲୋକ ଭାରତର ଶତ୍ରୁ । ତୁମେମାନେ ବି ତ ଭାରତୀୟ ।

—ନା, ଆମେ ମଙ୍ଗୋଲ ।

—ଏକା କଥା । ଗୋଟାଏ କଥା ତୁମେ ବୋଧହୁଏ ଜାଣିନ, ଭାରତରେ ହଜାର ହଜାର ଜାତି ଆଉ ଗୋଷ୍ଠୀ ରହୁଛନ୍ତି । ନିଜ ନିଜ ଧର୍ମକୁ ମାନନ୍ତି ସେମାନେ । ନିଜକୁ ଭାରତୀୟ ବୋଲି କହନ୍ତି । ଯେମିତି ତୁମେମାନେ ସୁନେଲି ବସ୍ତୁର ପୂଜା କରୁଛ, ଅଥଚ ଆମର କୌଣସି ଆପତ୍ତି ନାହିଁ ।

—ଅଚ୍ଛା, ତା'ହେଲେ ହାତ ମିଳାଅ......

ପ୍ରଫେସରଙ୍କ ହାତ ଚୁପି ଧରି ଜୋରରେ ହଲାଇ ଦେଲା ବୋଲାନ । ତା'ପରେ କହିଲା —ଠିକ୍ ଅଛି ଚାଲ । ଦିନ ସାରା ଗୁମ୍ଫାରେ ତୁମେମାନେ ଆରାମ କର । ପରେ କଥାବାର୍ତ୍ତା ।

ଗୋଟାଏ ପାଖକୁ ସଙ୍କେତ ଦେଲା ସେ । ସମସ୍ତେ ସେଇ ଆଡ଼କୁ ଆଗେଇ ଚାଲିଲେ । ଆବ୍‌ଡ଼ା ଖାବ୍‌ଡ଼ା ରାସ୍ତା । ଭୟଙ୍କର ପାହାଡ଼ ଆଉ ଜଙ୍ଗଲ ମଧ୍ୟ ଦେଇ ଶେଷରେ ସେମାନେ ଯେଉଁ ସ୍ଥାନରେ ଆସି ଉପସ୍ଥିତ ହେଲେ, ତାହା ବୋଲାନର ଗୁପ୍ତ ଆଡ୍‌ଡ଼ା ।

ବିଶାଳ ଏକ ଗୁମ୍ଫା । ମହାରାଣୀ କମ୍ପାଲାଙ୍କ ମହଲ ।

ବିଶାଳ ମହଲ । ଘର ବିଶାଳ । ବାହାରୁ କିନ୍ତୁ କେବଳ ସବୁଜ ଗଛପତ୍ର ତାଙ୍କ ଚକ୍ଷୁଣ ବ୍ୟକ୍ତିତ ଅନ୍ୟ କିଛି ଆଖିରେ ପଡ଼ିବନି । ଅଥଚ ଏଠାରେ ଛପି ରହିଛି ଏକ ସହର । ପ୍ରାଚୀନ ଏବଂ ଆଧୁନିକତମ । ପରମ୍ପରାର ବିଚିତ୍ର ସଙ୍ଗମ । ପ୍ରତ୍ୟେକ ଅଂଶରେ ଅଟୋମେଟିକ୍ ରାଡ଼ାର୍ ଏବଂ ଟେଲିଭିଜନ ସିଷ୍ଟମ୍ ଲାଗିଛି । ଜଙ୍ଗଲ ବୁଦା ମଧ୍ୟରେ ବିମାନ ଭେଦୀ ରକେଟ୍ ଇତ୍ୟାଦି ମଧ୍ୟ ଅଛି ।

ମହାରାଣୀ କମ୍ପାଲଙ୍କ ମହଲର ଭିତର ଅଂଶ । ଗୋଲାକାର ବିଶାଳ କକ୍ଷ । ଆଧୁନିକ ମୂଲ୍ୟବାନ ଆସବାବ ପତ୍ର ତଳେ ବିଛେଇ ହୋଇ ରହିଛି । ସୁନ୍ଦର ଇରାନୀ ଗାଲିଚ୍ଛ । ଆଉ ସେଇ ସୁନ୍ଦର କକ୍ଷ ମଧ୍ୟରେ ଅତ୍ୟନ୍ତ ବ୍ୟସ୍ତଭାବେ ପଦଚାରଣା କରୁଛି ଜଣେ ଅତ୍ୟନ୍ତ ରୂପବତୀ ଯୁବତୀ । ଗୋରା କୋମଳ ପାଦ ତା'ର ଧସି ଯାଉଛି ଗାଲିଚ୍ଛ ଭିତରେ ।

ଲମ୍ବା, ସୁଡ଼ୌଲ ଦେହ । ଫୁଲ ପରି ଚେହେରା । ଢେଉ ଢେଉକା ଯୌବନ । ଘନକୃଷ୍ଣ କେଶରାଶିରେ ମୋତିଙ୍କର ଏକ ଷ୍ଟୋଟିଆ ମୁକୁଟ । ସେଥିରେ ସୁନାର ଏକ ସୁନ୍ଦର ବସ୍ତ୍ର ଲାଗିଛି । ଦେହରେ ନୀଳ ରଙ୍ଗର ଲମ୍ବା ଗାଉନ । ସେଇ ହିଁ ମହାରାଣୀ କମ୍ପାଲ ।

ସୁନ୍ଦର ଫୁଲ ପରି ଡେଟ୍‌ଫେସରେ ଚନ୍ଦ୍ରାରେଖା ସୁସ୍ପଷ୍ଟ । ପଦଚାରଣ କରୁ କରୁ ହଠାତ୍ ଅଟକି ଗଲ ସେ, ଠିଆ ହେଲ ରେଶମୀ ପରଦା ପାଖରେ । ରଣି ସାମାନ୍ୟ ଟାଣିବା ମାତ୍ରକେ କାନରେ ପଡ଼ିଲ ଝଣ୍ ଝଣ୍ ଶବ୍ଦ ।

—ୟୋନାସ୍ ।

—ୟେସ୍ (ମହାରାଣୀ ସାହେବା)

—କ'ଣ ହେଲ ?

—ଆମେ ନମ୍ବର ତିନରେ ପହଞ୍ଚି ଗଲୁଣି ।

—ସମସ୍ତେ ଆସିଲେଣି ?

—ରାହୁଲର କେଇଜଣ ସାଥୀ ଏବଂ କର୍କଲ ବ୍ୟତୀତ ଅନ୍ୟ ସମସ୍ତେ ଆସି ସାରଲେଣି ।

—ସେମାନେ ମୃତ୍ୟୁବରଣ କରିଛନ୍ତି ବୋଲି ତୁମର ପୂର୍ଣ୍ଣ ବିଶ୍ୱାସ ?

—ହଁ, କାରଣ ପାନକ୍ ହାଉସ୍ ପୁରାପୁରି ଧ୍ୱଂସ ହୋଇ ସାରିଛି ।

—ଗଧ ।

—ମା···ମାନେ··· ?

—ସୁଡ଼ଙ୍ଗ ବାହାରକୁ ଆସିବା ମାତ୍ରକେ ଡିନା-ମାଇଟ୍ ସିଷ୍ଟମ୍‌ର ଚେନ୍ ଟାଣି ଦେଇଥିଲ ?

—ନା··· । କର୍କଲକୁ ଅପେକ୍ଷା କରିଥିଲି । ତେଣୁ···

Deb's Library Corner...

—ତୁମେ ଆଗେଇଗଲ, ନୁହେଁ ?

—ହଁ ।

ସୋନାଗ୍ର ! ତୁମେ ଜାଣିଛ ସେଇ ଟେନ୍ କିଏ ଟାଣିଥିଲ ? ତୁମର ସେଇ ପ୍ରେମିକ ବିନୋଦ ।

—ଓ...ନୋ...

—ହଁ । ସେ ଏଠି ପହଞ୍ଚି ସାରିଛି । ମୋର ବିଶେଷ ଗୁପ୍ତଚର ଅବଶ୍ୟ ସେମାନଙ୍କୁ ଖୋଜୁଛି । ଆଉ... ତୁମର ଭଲପାଇଁ ଏପରି ହେଲା । ତୁମେ ବର୍ତ୍ତମାନ ସାରା ଜୀବନ ଆଉ କୌଣସି ପୁରୁଷ ନିକଟକୁ ଯାଇ ପାରିବନି ।

ସୋନାଗ୍ରର ବ୍ୟାକୁଳ କଣ୍ଠ ଶୁଣାଗଲା—ଦୟାକରନ୍ତୁ ମହାରାଣୀ...ମୁଁ ବଞ୍ଚି ପାରିବିନି ।

—ନା ।

ହଠାତ୍ ସୋନାଗ୍ରର କଣ୍ଠସ୍ୱର ତୀକ୍ଷ୍ଣ ହୋଇଗଲା—ମହାରାଣୀ, ମୋର ଆପଣଙ୍କ କାର୍ଯ୍ୟକଳାପ ଉପରେ ସନ୍ଦେହ ହେଉଛି । ପ୍ରଥମେ ଆପଣ ମତେ ଓଲଟା ସିଧା ଆଦେଶ ଦେଲେ । ଆଉ ଆପଣ ବର୍ତ୍ତମାନ ମୋ ଉପରେ ଦୋଷ ଲଦି ଦେଉଛନ୍ତି । ଏକଥାଟା ମୁଁ ମିଷ୍ଟର ଇମରସନ୍‌ଙ୍କୁ କହିବି ।

କମ୍‌ଲା ରୂଢ଼ କଣ୍ଠରେ କହି ଉଠିଲେ—ମି: ଇମରସନ୍‌ଙ୍କୁ ମୁଁ ଆଶ୍ରୟ ଦେଇଛି । ସେ ମଧ୍ୟ ମୋ

ହୁକୁମର ଅଧୀନ । ଆଉ ବେଇମାନ୍ ଯୁବକଣ୍ଟ ! ତୋ ପଛରେ ମୁଁ କୁକୁର ଗୁଡ଼ାଡ଼େଇବି...

—ସଟ୍ ଅପ୍ । ତୁମେ ପାଗଳ ହୋଇଗଲଣି ।

ମହାରାଣୀ କମ୍ପାଳ ରଣି ଝାଣି ଦେଲେ । କଣ୍ଠସ୍ୱର ଆସିବା ବନ୍ଦ ହୋଇଗଲା ! ଅପର ପାର୍ଶ୍ୱରେ ଆଉ ଏକ ଟେନ୍ ଝୁଲୁଛି । ତାକୁ ଝାଣି ଦେବା ପରେ ପରେ ମହାରାଣୀ କମ୍ପାଳ କହିଲେ—ଇସ୍‌କାମ୍ !

—ୟେସ୍ ମହାରାଣୀ ସାହେବା !

—ଏକ ମୁହୂର୍ତ୍ତରେ ସୋନାରାଙ୍କୁ ବନ୍ଦୀ କରି ବ୍ଲାକ୍ ଚେମ୍ବରକୁ ନେଇଆସ ।

—ଆଦେଶ ପାଳିତ ହେବ, ମହାରାଣୀ ।

—ଗୁଡ୍ ।

ଯୋଗାଯୋଗ ଛିନ୍ନ ହେଲା । ଏକ କୁଟିଳ ହସ ଫୁଟି ଉଠି ମିଳାଇଗଲା ଓଠ ଫାଙ୍କରେ । ଏକ ଢେଲାରେ ଦୁଇଟି ପକ୍ଷୀ ଶେଷ ।

ଅନ୍ଧକାରମୟ ଗୁମ୍ଫା ।

ବିଶାଳ ଏଇ ଗୁମ୍ଫାରେ ପ୍ରାୟ କୋଡ଼ିଏ ବାଇଶି ଜଣ ଅର୍ଦ୍ଧନଗ୍ନ ପଶୁସମ ମଣିଷ । ଅନେକ ଦୂର ପର୍ଯ୍ୟନ୍ତ ପଶୁ ଚମଡ଼ା ବିଛା ହୋଇ ରହିଛି । ପଥର ଚୌକି ଉପରେ ବିଚିତ୍ର ସବୁ ସାଜ ପୋଷାକ । ପଥର ବାସନ କୁସନ । ପଥର ଅସ୍ତ୍ର ଶସ୍ତ୍ର । ମଣିଷ ଖପୁରି । ବେଶ ଭୟଙ୍କର ମନେ ହେଉଛି ଗୁମ୍ଫାଟି । ତା'ରି ଭିତରେ

ଏଇ କେଇଜଣ ବିଦ୍ରୋହୀ ମଙ୍ଗୋଲ । ବସି ବସି ସୋଫିଆ ଚିନ୍ତା କରୁଛି । ଏଇ ମଙ୍ଗୋଲମାନେ ନିଶ୍ଚୟ ପ୍ରଫେସରଙ୍କ ପାଇଁ କାମରେ ଆସିବେ ।

ଅତିଥି ଚର୍ଚ୍ଚା ଲାଗି ହରିଣ ମାଂସ ଆଣି ନିଆଁରେ ପୋଡ଼ି ଦେଇଛନ୍ତି ସେମାନେ । ଆଜି ଅଦ୍ଭୁତ ପ୍ରକାରର ଏକ ଫଳ । ସୁଲତାନ ଗୋଟାଏ ପାଖରେ ଶୋଇ ନିଜ ପେଟ ଉପରେ ହାତ ବୁଲାଉଛି ।

ଚୁପ୍‌ଚାପ ଗୋଟାଏ କୋଣରେ ବସି ଚିନ୍ତା କରୁଛନ୍ତି ବିନୋଦ । ପ୍ରଫେସର ଆଗେଇ ଆସି ଠିଆହେଲେ ପାଖରେ । କହିଲେ—ବିନୋଦ ।

—କୁହନ୍ତୁ ।

—ବୋଲିନ କହୁଛି, ରାତିରେ ସେମାନେ ଆକ୍ରମଣ କରିବାକୁ ଚାହାନ୍ତି ।

—ଆପଣ କ'ଣ କହୁଛନ୍ତି ?

—ମୋ ମତରେ ଆମକୁ ପ୍ରଥମେ ରାଇଫେଲ ଇତ୍ୟାଦିର ବ୍ୟବସ୍ଥା କରିବାକୁ ହେବ ।

—ବେକାର କଥା ପ୍ରଫେସର । ବରଂ କୌଣସି ପ୍ରକାରେ ମହାରାଣୀ କମଲାଙ୍କୁ ଶେଷ କରି ବୋଲିନକୁ ସର୍ଦ୍ଦାର କରିଦେବାକୁ ପଡ଼ିବ ।

—କିନ୍ତୁ···ତା' କ'ଣ ସମ୍ଭବ ? ପୁରା ପାହାଡ଼ କ୍ଷେତ୍ର ଭୟଙ୍କର ଅସ୍ତ୍ର ଶସ୍ତ୍ରରେ ସଜ୍ଜିତ ।

—ଠିକ୍ ଅଛି । ଦେଖୁଛି ।

ଉଠି ଠିଆହେଲା ବିନୋଦ । ସାମନାରେ ପଡ଼ିଚି ଚୌକି ଉପରେ ରହିଥିବା ସାଜ ପୋଷାକ ଭଲ ଭାବରେ ନିରୀକ୍ଷଣ କଲା ସେ । ପ୍ରଫେସର ତା' ଆଡ଼କୁ ଆଶ୍ଚର୍ଯ୍ୟରେ ଚାହିଁ ଦେଉଛନ୍ତି । ଦୁଇ ମିନିଟ ପରେ ସେ ନିଜର ଯୋଜନା ସମ୍ପର୍କରେ ଜଣାଇ ଦେଲା ବୋଲାନଙ୍କୁ । ସବୁ ଶୁଣି ବୋଲାନ ଯେମିତି ଉଚ୍ଛୁଳ ଉଠିଲା ।

କହିଲା—ତୁମେ ସତରେ ମହତ ବନ୍ଧୁ । ମୁଁ ତୁମକୁ ଗୋପନରେ ଏଠାରୁ ନେଇ ଯିବି ।

ସୋଫିଆ ଚୁପ୍ ହୋଇ ବସି ଶୁଣୁଛି । ପ୍ରଫେସର ଚିନ୍ତା କରୁଛନ୍ତି, ଏଥର କି ବିନୋଦ ମୃତ୍ୟୁ ଗୁହା ଭିତରକୁ ଯିବା ଲାଗି ପ୍ରସ୍ତୁତ । ଅବଶ୍ୟ ସେ ଜାଣିଛି, ତା'ଛଡ଼ା ଅନ୍ୟ କୌଣସି ଉପାୟ ମଧ୍ୟ ନାହିଁ ।

କିନ୍ତୁ......

× × ×

ନିଜର କଳା ବସ ବିସ୍ତାର କରି ଛୁଟି ଆସିଛି ରାତି । ମହାରାଣୀ କମଳାଙ୍କ ମହଲରେ ଚତୁର୍ଦ୍ଦିଗରେ ଆଲୋକର ବେଷ୍ଟଣୀ ।

ମହାରାଣୀଙ୍କ କକ୍ଷରେ ବର୍ତ୍ତମାନ ଚାରିଜଣ ବିଦେଶୀ ଉପସ୍ଥିତ । ଚାରିଜଣଯାକ ବୟସ୍କ । ପ୍ରତ୍ୟେକଙ୍କ ଦେହରେ ମୂଲ୍ୟବାନ ସୁଟ୍ । ମହାରାଣୀ ଗୋଟାଏ ଉଚ୍ଚ ଚେୟାର ଉପରେ ବସିଛନ୍ତି । ଅନ୍ୟ ଚାରିଜଣ ସାମନାରେ ବସିଛନ୍ତି ଛୋଟ ଚେୟାର ଉପରେ ।

ଏକ ସମୟରେ ମହାରାଣୀ କେମ୍ପାଲଙ୍କୁ କହିବାର ଶୁଣାଗଲା—ସୋନାର ବିଶ୍ୱାସ ଘାତକତା କରିଛି । ଇସ୍‌ଲମ୍ ମଧ୍ୟ ତା'ର ସାଥୀ । ସେଇଥିପାଇଁ ଦୁଇ ଜଣଙ୍କୁ ମୃତ୍ୟୁଦଣ୍ଡ ଦେବାକୁ ମୁଁ ବାଧ୍ୟ ହୋଇଛି ।

ବିଦେଶୀ ଗୁପ୍ତଚରଙ୍କ ମଧ୍ୟରୁ ଜଣେ କହିଲା—ଆପଣଙ୍କ ଲୋକ ଏପର୍ଯ୍ୟନ୍ତ ସେଇ ଗୁପ୍ତଚରକୁ ଧରିପାରିଲେନି ?

— ସେ ନିଶ୍ଚୟ ଧରାପଡ଼ିବ । ସକାଳ ସୁଦ୍ଧା ତା'ର ମୃତଦେହ ଆମ ଆଗରେ ପଡ଼ିଥିବ ।

—ସେମାନଙ୍କୁ ଆମ ଆଗରେ ଉପସ୍ଥିତ କରିବାର ଥିଲା । ଆପଣ 'ପାନିକ୍ ହାଉସ୍' ଧ୍ୱଂସ କରିଦେଲେ, ଅଥଚ ଆମେ କେହି ଜାଣି ପାରିଲୁନି ।

ମହାରାଣୀ କହିଲେ—ମୁଁ ସଙ୍ଗେ ସଙ୍ଗେ ରାସ୍ତା ବନ୍ଦ କରିଦେବା ଉଚିତ ବୋଲି ମନେ କରିଛି । ତା'ଛଡ଼ା ମିଶନ୍‌କୁ ମୁଁ ମଧ୍ୟ ଭଲ ଭାବରେ ଜାଣିବାକୁ ଚାହେଁ । ଆପଣ କୁହନ୍ତୁ, ଆଉ କେତେ କାମ ବାକି ରହିଛି ?

ଇମର୍ସନ କହିଲା—କାମ ଶେଷ । କିନ୍ତୁ ମହାରାଣୀ ସାହେବା, ଆପଣଙ୍କୁ ଆମର ବିଶ୍ୱାସ ହେଉନି ।

—ସଟ୍ ଅପ୍ । ମୁଁ ସାରା ଜାତିକୁ ଆପଣମାନଙ୍କର ବିଶ୍ୱସ୍ତ କରାଇ ନିଜର ଅସ୍ତିତ୍ୱ ହରେଇଦେଲି । ଆଉ ଆପଣ କହୁଛନ୍ତି କିଣନା, ମୋ ଉପରେ ବିଶ୍ୱାସ ନାହିଁ ?

ଅନ୍ୟ ଜଣେ ବିଦେଶୀ ଆର୍ଥର୍ କହିଉଠିଲା—ମହାରାଣୀ ଠିକ୍ କହୁଛନ୍ତି ।

—ତୁମେ ବୁଝିପାରୁନ ଆର୍ଥର୍......

କହିବା ସଙ୍ଗେ ସଙ୍ଗେ ନିଜର ରିଭଲଭର୍ ବାହାର କରି ଆଣି ଉଦ୍ୟତ କରି ଧରି ଇମର୍ସନ କହିଲା—ତୁମେ ନିଜକୁ ବନ୍ଦୀ ବୋଲି ଭାବିନିଅ ।

—ନନ୍‌ସେନ୍‌ସ୍...ମୋର କୁକୁର ମତେ ଭୁକିବ—ଏ କ'ଣ ମୁଁ ବିଶ୍ୱାସ କରିପାରୁନି । ମୋ ଲୋକେ ତୁମକୁ ଠିକ ଠିକ କରିଦେବେ ।

—ତୁମ ଲୋକେ ଗୋଟାଏ ବଟନ୍‌ରେ ଚୂପ ଦେଲେ ସମସ୍ତେ ଶେଷ ହୋଇଯିବେ । ସେମାନଙ୍କ ମଧ୍ୟରେ ଗୋଟାଏ ଲାଭ ତୁମରବି ହେବ ।

ଉଠି ଠିଆହେଲା ଇମର୍ସନ । ମହାରାଣୀ କମ୍ପାଇ ଚିତ୍କାର କରି ଉଠିଲେ—ଟାଇଗର୍...ଟାଇଗର୍ !

ବାହାର ବାରଣ୍ଡାରେ କାହାର ଚିତ୍କାର ଶୁଣାଗଲା । ପରକ୍ଷଣରେ ଗୋଟାଏ ଝଟକାରେ ଖୋଲିଗଲା ଦରଜା । ଦେଖାଗଲା ଏକ ବିଶାଳ ବାଘ ଦରଜା ନିକଟରୁ ଲମ୍ଫ ଦେଲା ଇମର୍ସନ ଉପରକୁ । ତାକୁ ଲକ୍ଷ୍ୟ କରି ଗୁଳି କଲା ଇମର୍ସନ । କିନ୍ତୁ ଲକ୍ଷ୍ୟ ଭ୍ରଷ୍ଟ ହେଲା ।

ବାଘ ଆସି ପଡ଼ିଲା ଇମର୍ସନ ଉପରେ । ଗୋଟାଏ ପଞ୍ଝାରେ ତା' ମୁହଁର ମାଂସ ଖସି ଆସିଲା । ଅନ୍ୟ ବିଦେଶୀ ଡିନିଜଣ ବାଘକୁ ଗୁଳି କରିବା ଲାଗି ରିଭଲଭର୍

ବାହାର କରିବାକୁ ଯାଉଛନ୍ତି; କିନ୍ତୁ ତା' ଆଗରୁ ଦେଖାଗଲା, ବାଘ ହାତରେ ଚମକି ଉଠୁଛି ଏକ ରିଭଲ୍‌ଭର୍ । ଗୁଳି ଛୁଟିଲା । ଜଣେ ଜଣେ କରି ବିଦେଶୀ ଗୁପ୍ତଚରଙ୍କର ରକ୍ତାକ୍ତ ଦେହ ଲୋଟି ପଡ଼ିଲା ତଳେ ।

ମହାରାଣୀ କମ୍ପାଲି ଗୋଟାଏ କୋଣରେ ପଥର ପରି ଠିଆ ହୋଇଛନ୍ତି । ବାଘ ହାତରେ ରିଭଲଭର୍ । ଏତିକିବେଳେ ବାଘ ମୁଣ୍ଡ ଝୁଙ୍କାଇ ଠିଆହେଲା ମହାରାଣୀଙ୍କ ଆଗରେ । ମଣିଷଙ୍କ ପରି କହି ଉଠିଲା— ଅଭିବାଦନ ଜଣାଉଛି ମହାରାଣୀ ସାହେବା !

କଣ୍ଠସ୍ୱର କାନରେ ବାଜିବା ମାତ୍ରକେ ଚମକି ଉଠିଲେ ମହାରାଣୀ କମ୍ପାଲି । ପରକ୍ଷଣରେ ତାଙ୍କ ମୁହଁରୁ ବାହାରିଗଲା—କିଏ ? ବିନୋଦ ?

ହଁ, ବାଘ ଆଉ କେହି ନୁହେଁ, ବିନୋଦ । ବିନୋଦ ମଧ୍ୟ କମ୍ପାଲିଙ୍କ କଣ୍ଠସ୍ୱର ଶୁଣି ଚମକି ଉଠିଲା । ବାଘ ଖୋଳ ବାହାର କରି ଫିଙ୍ଗିଦେଲା ଦେହରୁ । ଅବାକ୍ ହୋଇ ଚାହିଁ ଦେଖିଲା' ଆଗରେ ଠିଆ ହୋଇଛି ରେଣୁ, ରେଣୁବାଳା କହିଲା—ରେଣୁ, ତୁମେ ?

—ହଁ, ଆମେ ଆରାମରେ ବସି କଥାବାର୍ତ୍ତା କରିବା ।

—ମୁଁ ସବୁ ଶୁଣିଛି । ଦୁଇଜଣ ପ୍ରହରୀଙ୍କୁ ଶେଷ କରି ଏଠିକି ଆସିଛି । ବର୍ତ୍ତମାନ ଏଇ ମୃତଦେହକୁ କ'ଣ କରିବାକୁ ହେବ ବ୍ୟବସ୍ଥା କର । ମୁଁ ନିଜ ଲୋକଙ୍କୁ

ତକାଇ ଆଣି ଏଇ ଗୃହଜଣ ବିଦେଶୀଙ୍କ ଛଦ୍ମବେଶରେ ଆଗମିକ ଆତ୍ମତ୍ୟାଗର ଦାୟିତ୍ୱ ସମ୍ଭାଳି ନେଇଛି । ମୁଁ ଜାଣେ, ତୁମେ ଏମାନଙ୍କ ପ୍ରଭାବରେ ଖୁବ୍ ବିବ୍ରତ ହୋଇ ଉଠିଥିଲ । ପାନକ୍ ହାଉସରେ ଅଭିନୟ ଚଳାଇଲ । ଯାହା ଫଳରେ ମୁଁ ଏଠି ପହଞ୍ଚିବି । ନୁହେଁ ? ଏପର୍ଯ୍ୟନ୍ତ ତୁମେ ଏମାନଙ୍କ ବନ୍ଧୁ ବୋଲି ଭାବିଥିଲ, ଅଥଚ ଏମାନେ ତୁମର ଶତ୍ରୁ । ରେଣୁ, ସତେରେ ହିଁ ତୁମେ ମହାରାଣୀ, ଏଇ ଗୋଇନ୍ଦାଲୋକଙ୍କୁ ଠିକ୍ ଚିହ୍ନି ପାରିଲ ।

—ଓ ବିନୋଦ ! ତୁମେ ଏସବୁ ଜାଣିଲ କେମିତି ?

—ବାଃ, ବୁଦ୍ଧି ବାଣ୍ଟିଲବେଳେ ପ୍ରଥମେ ମୋ ନମ୍ବର ଥିଲ ।

ମହାରାଣୀ କମ୍ପାଲା ଥରେ ଘୃଣାପୂର୍ଣ୍ଣ ଦୃଷ୍ଟିରେ ଚାହିଁଲେ ଗୃହଣ୍ଟାପାକ ମୃତଦେହ ଆଡ଼େ । ତା'ପରେ ଆଗେଇ ଆସି ନିଜର ଦୁଇ ମୃଣାଳ ନିନ୍ଦିତ ବାହୁ ଘେରାଇ ଆଣିଲେ ବିନୋଦର ଗଳାରେ । ଦୁହେଁ ଘନିଷ୍ଠ । ବିନୋଦ ଅବଶ୍ୟ ତାଙ୍କୁ ନିରାଶ କଲାନି । ନିରାଶ କଲାନାହିଁ ରେଣୁ ଓରଫ ମହାରାଣୀ କମ୍ପାଲାଙ୍କୁ । ଓଠରେ ଓଠ ଥାପିଦେଲା । ବିନୋଦ ମନେ ମନେ ଭାବୁଛି, ଏତେ ମଧୁର ଚୁମ୍ବନ ମଧ୍ୟ ତା' ମଧ୍ୟରେ ବାସନାର ସୃଷ୍ଟି କରି ପାରିଲାନି କାହିଁକି ? କକ୍ଷ ମଧ୍ୟରେ ନିର୍ଜନତାର ଆସର । ଭିତରକୁ କେହି ଆସିନାହାନ୍ତି ।

× × ×

ସେଇ ସ୍ଥାନ ।

ଗୁମ୍ଫା ମଧ୍ୟରେ ଏକ ଲଣ୍ଠନ ଜଳୁଛି । ସୁସ୍ୱାଦୁ ଖାଦ୍ୟ ସାମଗ୍ରୀ ରଖାଯାଇଛି ଗୋଟାଏ ପାଖରେ । ସୁଲତାନ ଖୁବ୍ ପେଟଭରି ଭୋଜନ କରିବା ପରେ ବେଶ ଆରାମରେ ଶୋଇପଡ଼ିଛି ଗାଢ଼ ନିଦରେ ।

ବିନୋଦ କିନ୍ତୁ ଗୋଟାଏ ପାଖକୁ ବସିଛି । ପାଖରେ ଅନ୍ୟମାନେ । ଇଂରେଜୀରେ କହିଚାଲିଛି ସେ । ତା'ର ଉଦ୍ଦେଶ୍ୟ ବୋଲ୍ଟନକୁ ସବୁ ଘଟଣା ବୁଝାଇଦେବା ।

ବୋଲ୍ଟନ ଏବେ ମଧ୍ୟ ଅବାକ୍ । ବିଶ୍ୱାସ କରିପାରୁନି ସେ । ଏତେ ସହଜରେ, ହଜାରେ, ପାଞ୍ଚଶହ ଲୋକ ନମରି ସବୁ କିଛି ଠିକ୍ ଠାକ୍ ହୋଇଗଲା କେମିତି ?

ବିନୋଦ କହିବାକୁ ଆରମ୍ଭ କଲା—ସୁନେଲି ବିସ୍ଥ ଆଉ କେହି ନୁହେଁ, କେବଳ ମଙ୍ଗୋଲ ସମ୍ପ୍ରଦାୟର ଧାର୍ମିକ ଚିହ୍ନ । ହଜାର ହଜାର ବର୍ଷ ଧରି ପାହାଡ଼ ଅଞ୍ଚଳରେ ଏକ ସମ୍ପ୍ରଦାୟ ବାସ କରି ଆସୁଛନ୍ତି ସ୍ୱାଧୀନ ଭାବରେ ।

ମଜାର କଥା, ଏଠାକାର ଠିକଣା ଗୋରା ଲୋକଙ୍କୁ ପ୍ରଥମେ ଜଣା ନ ଥିଲା । ଆନନ୍ଦ ନଗରରୁ ଆଉ ବେଶୀ ଆଗେଇ ପାରିନାହାନ୍ତି ସେମାନେ । ତା'ର କାରଣ ଯେ ଭୟ ତା' ନୁହେଁ, ପ୍ରକୃତ କଥା ହେଲା, ଆଗରେ ଦୁର୍ଗମ ପାହାଡ଼ ଆଉ ଘଞ୍ଚ ଜଙ୍ଗଲ । ପାହାଡ଼ ଜଙ୍ଗଲ ଭରି ରହିବା ଫଳରେ ଏଇ ଜାଗାଟା ବର୍ଜିତ ଭଳି ରହିଗଲା

ସଭ୍ୟ ସମାଜରୁ । ଏମିତିକ ମଙ୍ଗୋଲ ଜାତିର ଲୋକେ ଧାତୁର ବ୍ୟବହାର ମଧ୍ୟ ଜାଣି ପାରିଲେନି ।

ଦଶବର୍ଷ ତଳେ ଏକ ବିଦେଶୀ ବିମାନ ରାସ୍ତା ଭୁଲି ଧକ୍କା ଖାଇଲା ପାହାଡ଼ ଦେହରେ । ବିମାନର ବହୁ ସନ୍ଧାନ ପରେ ମଧ୍ୟ କୌଣସି ପତ୍ତା ମିଳିଲାନି । ବିମାନଯାତ୍ରୀଙ୍କ ମଧ୍ୟରୁ ଜଣେ ଏଇ ଇମର୍ସନ । କୌଣସି ପ୍ରକାରେ ଆତ୍ମଗୋପନ କରି ବଞ୍ଚିଗଲା ସେ । ତା'ପରେ ଏଇ ପାହାଡ଼ କ୍ଷେତ୍ରକୁ ଭଲ ଭାବରେ ନିରୀକ୍ଷଣ କରିଛି । ଇମର୍ସନ ଜଣେ ବୈଜ୍ଞାନିକ । ବୁଲି ବୁଲି ସେ ଆସି ପହଞ୍ଚିଲା ଆନନ୍ଦ ନଗରରେ । ତା'ପରେ ନିଜ ଦେଶରୁ ପୂର୍ଣ୍ଣ ସହାଯ୍ୟତା ନେଇକୁ ପ୍ରକୃତରେ ଆଟମିକ ଷ୍ଟେସନ ତିଆରି କରି ବସିଲା ଏଠାରେ । ମଙ୍ଗୋଲ ସମ୍ପ୍ରଦାୟର ମହାରାଜାଙ୍କ ସହିତ ବନ୍ଧୁତ୍ୱ କରି ନିର୍ବିଶଙ୍କ ଭାବେ କାର୍ଯ୍ୟ ଚଳାଇଲା ।

ମହାରାଜାଙ୍କ କନ୍ୟା କମ୍ପାଲିକୁ ଶିକ୍ଷା ଦେଇଛି ଇମର୍ସନ । ତା'ପରେ ମହାରାଜାଙ୍କ ମୃତ୍ୟୁପରେ ମହା-ପ୍ରଜାରିଙ୍କୁ କହି କମ୍ପାଲିଙ୍କୁ ମହାରାଣୀ କରାଇ ଦେଇଛି ସେ । ନୂତନ ଆଲୋକ ଲୋଭରେ କମ୍ପାଲି ଅବଶ୍ୟ ସହଯୋଗ କରିଛନ୍ତି ତାକୁ । କିନ୍ତୁ ଏକ ସମୟରେ କମ୍ପାଲି ଅନୁଭବ କଲେ, ଏଇ ଗୋରା ଲୋକଙ୍କର ଉଦ୍ଦେଶ୍ୟ ଅନ୍ୟ ପ୍ରକାର, କମ୍ପାଲି ଅସ୍ଥିର ହୋଇ

ଉଠିଲେ । ମଙ୍ଗୋଲ ସମ୍ପ୍ରଦାୟ ଉପରେ ବିପଦ ମାଡ଼ି ଆସୁଛି, ସେକଥା ବୁଝିବା ଲାଗି ଅସୁବିଧା ହେଲାନି ।

ପାନିକ୍ ହାଉସରୁ ଆନନ୍ଦ ନଗର ପର୍ଯ୍ୟନ୍ତ ସାରା ଅଞ୍ଚଳରେ ଟେଲିଭିଜନ ସିଷ୍ଟମ ଚାଲୁ ରହିଛି । ଏଇ କାହାଣୀରେ ସବୁଠାରୁ ରହସ୍ୟପୂର୍ଣ୍ଣ ଚରିତ୍ର ହେଉଛି ରେଣୁବାଲା । ଆପଣମାନେ ଶୁଣି ଆଶ୍ଚର୍ଯ୍ୟ ହେବେ, ସେଇ ରେଣୁ ଆଉ କେହି ନୁହେଁ, ସ୍ୱୟଂ ମହାରାଣୀ କମାଲା । ରେଣୁ ହୋଇ ସେ ମତେ ଏଠିକି ଆସିବା ଲାଗି ସହଯୋଗ ଦେଇଛନ୍ତି । ରାସ୍ତା ଦେଖାଇଛନ୍ତି । ସେ ହିଁ ଆମକୁ ସୁଡ଼ଙ୍ଗରୁ ବାହାର କରିଛନ୍ତି । ଏସବୁ କେବଳ ନାଟକ । ସେ ଯାହେଉ ଆମେ ସୁଡ଼ଙ୍ଗ ବାହାରକୁ ଆସିବା ମାତ୍ରକେ ସଂଯୋଗବଶତଃ ଦେଖା ହୋଇଗଲା ବୋଲାନ ସାଙ୍ଗରେ । ଆଉ ଭାଗ୍ୟ ଭଲ, ସେଇ ବିଦେଶୀମାନେ ମହାରାଣୀଙ୍କୁ ହତ୍ୟା କରିବା ଆଗରୁ ମୁଁ ଯଥା ସମୟରେ ପହଞ୍ଚି ତାଙ୍କୁ ରକ୍ଷା କରିପାରିଛି ।

ବିନୋଦର କାହାଣୀ ଶେଷ ହେଲା । ସ୍ତବ୍ଧ ଭାବେ ଶୁଣୁଥିଲେ ସମସ୍ତେ । ବୋଲାନ କହିଲା—ସତରେ ତୁମେ ଧନ୍ୟ, ବିନୋଦ ସାହେବ । ତୁମରି ପାଇଁ ମଙ୍ଗୋଲ ଆଜ ମହାସଙ୍କଟରୁ ରକ୍ଷା ପାଇଲା ।

ମହାରାଣୀ କମାଲାଙ୍କ ଅନୁରୋଧକ୍ରମେ ଆଉ କେଇଦିନ ସେଠାରେ ଆତିଥ୍ୟ ଗ୍ରହଣକଲେ ବିନୋଦ,

ପ୍ରଫେସର,  ସୋଫିଆ ଏବଂ ସୁଲତାନ । ତା'ପରେ ଆସିଲ ବିଦାୟ ମୁହୂର୍ତ୍ତ ।

ମହାରାଣୀଙ୍କ ନିକଟରୁ ବିଦାୟ ଆଣିଲାବେଳେ ବିନୋଦ ଲକ୍ଷ୍ୟ କଲା, କମାଲଙ୍କ ଦୁଇ ଆଖିରେ ଲୁହ । ବିନୋଦ ଶ୍ୱାସରୁଦ୍ଧ କଣ୍ଠରେ କହିଲେ—ବିନୋଦ, ମଙ୍ଗୋଲ ଜାତି ତୁମ ନିକଟରେ ଋଣୀ । ଯେବେ ବି ଇଚ୍ଛା ହେବ ଆସିବ । ତୁମଲାଗି ମୋର ଅନ୍ତହୀନ ପ୍ରତୀକ୍ଷା । ମୁଁ ତୁମର—

ବିନୋଦ ସ୍ଥିର ଦୃଷ୍ଟିରେ ଚାହିଁଲା କମାଲ ଓରଫ ରେଣୁ ଆଡ଼କୁ । ଆଖିରୁ ଲୁହ ପୋଛିଦେଇ ଏକ ମଧୁର ଚୁମ୍ବନ ଆଙ୍କିଦେଲା କପାଳରେ । ତା'ପରେ ଦୀର୍ଘଶ୍ୱାସ ପକାଇ ବାହାର ଆସିଲା ବାହାରକୁ ।

●

## ପରବର୍ତ୍ତୀ ଆକର୍ଷଣ

### ଗିରଧାରୀ ମହାରଣାଙ୍କ ଲିଖିତ

# ରକ୍ତଗୋଲାପର ଅଭିଶାପ

**DAIMOND EXPRESS ✲ 46 ✲ Rs. 10-00**

## ଆମ୍ଭ ପକେଟ୍ ବୁକ୍ସର କେତୋଟି ବହି ପଢ଼ନ୍ତୁ

**ଭୂପେନ ଗୋସ୍ୱାମୀଙ୍କ ଲିଖିତ**

ମାୟାବିନୀ
ମାୟା କୁରଙ୍ଗୀ
ରକ୍ତଲିପି
ନାୟିକାର ସ୍ୱପ୍ନ
ଶଇତାନର କ୍ଷୁଧା
ଶଣ ତିନ ଖୁଣୀ ଗନ୍ଧ
ଶୟାଣର ନଖ
ବିଜୟିନୀ କାନ୍ତା
ପାପର ଶାସ୍ତି
ପ୍ରେତର ମାୟା
ଶବ ଖୁଣୀ ଚିହ୍ନାଏ
ଶରବିଦ୍ଧ ପକ୍ଷୀ
ଆଉ ଜଣେ ଖୁନ ହେବ
ସେଫ୍ଟିପିନ୍
ଅଭିଶାପ
ଜଡ଼ମନ୍ତ୍ର
ନାଗୁଣୀର ଅଭିଶାପ
ଛାଇ ଆସେ ଛାଇ ଯାଏ
କୁସୁମପୁରର ବସ୍ ଷ୍ଟାଣ୍ଡ
ପିଶାଚ ଖୁଣୀ
ବ୍ଲାକ୍ ଟ୍ରେନ

**ପ୍ରମୋଦ କିଶୋର ମହାନ୍ତିଙ୍କର**

ମହାକାଳର କ୍ଷୁଧା
ଡବଲ୍ ଏଜେଣ୍ଟ
ଖୁଣ ପରେ ଖୁଣ
ନୀଳ ମାଙ୍କଡ଼ମା
ମଶାଣୀର ନରଭକ୍ଷୀ
ନୀଳ ଆଖିର କଳା ଛାଇ
ରହସ୍ୟମୟୀ ଚନ୍ଦନ ହାତୀ
ରକ୍ତଚକ୍ର
ନାୟିକା ଦ୍ୱୀପର ନାୟକ
ଚିତ୍ରୀ କାହାଣୀ
ନିଶାଚରୀ ବିଭୀଷିକା
କାଳ ନାଗୁଣୀ

**ଗିରିଧାରୀ ମହାରଣାଙ୍କ ଲିଖିତ** • ରକ୍ତ ଗୋଲାପର ଅଭିଶାପ • ଖୁନୀର ଚିଠି

**ଚନ୍ଦ୍ରଶେଖର ମିଶ୍ରଙ୍କ ଲିଖିତ** • ମୃତ୍ୟୁ ପରେ ବି • ବ୍ଲାକ ବିଉଟି • ନୀଳ କୁହେଳୀ • ଅନ୍ଧକାରର ରକ୍ତ ତୃଷ୍ଣା

ନିଶାଚରର ନିଶିଯାତ୍ରା
ମାଧବୀ ଲତାର ମଧୁଚକ୍ର
ଆତ୍ମଜା ମର୍ଡର କେଶ
ସବରୀ ସଂହାର
ଇରାନୀ ନାଗୁଣୀ
ନାୟିକା ନିଖୋଜ
ଅନ୍ତରାଳର ବିଭୀଷିକା
ଆରକ୍ତ ରଜନୀ ପରେ
ମରଣ ଫାନ୍ଦ
ମୟୂର କଣ୍ଠି ହାର
ରହସ୍ୟମୟ ଲାମା
ଡାଇମଣ୍ଡ ଏକ୍ସପ୍ରେସ
ମରଣ ଗୁମ୍ଫା
ତିନା ଡ୍ରାଗନ
ଲାଲ ଗଡ଼ର ବିଭୀଷିକା
ବିଦାୟ ପେକିଂ
ରକ୍ତ ଗୋଲାପର ମାୟା
ନକ୍ଷତ୍ରର ମୃତ୍ୟୁ
ପ୍ରେତାତ୍ମାର ପ୍ରତିହିଂସା
ରହସ୍ୟ ଜାଲ
ଅଦୃଶ୍ୟ ଆତତାୟୀ
ଭୟାବହ ଆକ୍ରମଣ
କାହାର ଶବ
ଜମାଟ ଅନ୍ଧକାର
ଲାଲ କୋଠି
ଲୋହିତ ଝିନଜା

**ବିଜୟ କୁମାର ରଣାଙ୍କ ଲିଖିତ**

କଳା ଘୋଡ଼ାର ରହସ୍ୟ
କାଳ ନାଗର ପ୍ରେମିକା
ବକ୍ର କଟାକ୍ଷ
ସେ ଏକ ବିଭତ୍ସ ପୁରୁଷ
ମୃତ୍ୟୁର ଡାକ
ରାତ୍ରୀର ଆଖି
କଳା ତକ୍ଷପା

**କେପାଣି ପରିଡ଼ାଙ୍କ ଲିଖିତ** • ଦି ଡାଇମଣ୍ଡ ଲକେଟ

**ଉମାକାନ୍ତ ମିଶ୍ରଙ୍କ ଲିଖିତ** • ପିଶାଚ ସୁନ୍ଦରୀ ଚମ୍ପା • ଖଣ୍ଡିତ ଚନ୍ଦ୍ର

ପ୍ରକାଶକ - ଜନପ୍ରିୟ ପ୍ରକାଶନ • ବାଙ୍କୀସାହି, କଟକ-୯
ପ୍ରାପ୍ତିସ୍ଥାନ - ମାରୁତି ବୁକ୍ ଷ୍ଟୋର • ବାଦାମବାଡ଼ି, କଟକ

Digitalization by :-
Deb's Library Corner...
At/P.O.-Tambahara
Via-Harichandanpur
Dist-Kendujhar
State-Odisha
Contact-9556804309
e-mail-debaraj.123456789@gmail.com
Telegram link :- https://t.me/debslibrarycorner
Special Thanks to:-
Raghunath Sethy,Tambahara for Contribution this Book.